

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୦୩ ଜାନୁଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 03 JANUARY 2026

Vol.No. 36 ■ No.03 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ

ସାଗରିକା

(ନୂଆବର୍ଷ ସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ

ମଧ୍ୟ ଉପଲବ୍ଧ...

website : sagarika.in.net


# ଖରାପ ପଡୋଶୀର ଆଖ୍ୟାଦେଇ ପାକିସ୍ତାନକୁ ଟାର୍ଗେଟ କଲେ ଜୟଶଙ୍କର



ନୂଆଦିଲ୍ଲୀ,୨/୧ : ଆମକୁ ଖରାପ ପଡୋଶୀ ମିଳିଛନ୍ତି। ଏଭଳି କହି ପାକିସ୍ତାନକୁ ଟାର୍ଗେଟ କଲେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍.ଜୟଶଙ୍କର। ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ପାକିସ୍ତାନକୁ, ଆତଙ୍କବାଦକୁ ପ୍ରୋତ୍ସାହିତ କରୁଥିବା ଏକ ଖରାପ ପଡ଼ୋଶୀ ବୋଲି କହି ସ୍ପଷ୍ଟ କରିଛନ୍ତି ଯେ, ଭାରତକୁ ନିଜ ସୁରକ୍ଷା କରିବାର ସମ୍ପୂର୍ଣ୍ଣ ଅଧିକାର ଅଛି। ଆଇଆଇଟି ମାଡ୍ରାସରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଜୟଶଙ୍କର ଏଭଳି କହିଛନ୍ତି। ତାଙ୍କ କହିବା ମୁତାବକ, 'ଭାରତ ତାର ସୁରକ୍ଷା ଏବଂ ଜାତୀୟ ସ୍ୱାର୍ଥକୁ ରକ୍ଷା କରିବ ଏବଂ ଆତଙ୍କବାଦର ମୁକାବିଲା କରିବା ପାଇଁ କୌଣସି ବାହ୍ୟ ଚାପ କିମ୍ବା ପରାମର୍ଶ ଗ୍ରହଣ କରିବ ନାହିଁ। ଯେତେବେଳେ ଏକ ପଡ଼ୋଶୀ ଦେଶ ନିରନ୍ତର ଆତଙ୍କବାଦକୁ ପ୍ରୋତ୍ସାହିତ କରେ, ସେତେବେଳେ ନିଜ ଲୋକଙ୍କୁ ସୁରକ୍ଷା ଦେବାର ସମ୍ପୂର୍ଣ୍ଣ ଅଧିକାର ଭାରତର ଅଛି। ଆମେ ଯାହା ଆବଶ୍ୟକ ତାହା କରିବୁ। ଆମ ଦେଶରେ ଆତଙ୍କବାଦ ପ୍ରସାର କରି ଆମ ସହିତ ପାଣି ବାଣ୍ଟିବାର ଆଶା ତୁମେ ରଖିପାରିବ ନାହିଁ। ଆତଙ୍କବାଦ ପ୍ରତି ଭାରତର ପ୍ରତିକ୍ରିୟା କ'ଣ ହେବ, ତାହା କେବଳ ଭାରତ ସ୍ଥିର କରିବ। ଆମେ ଆମର ଅଧିକାର କିପରି ବ୍ୟବହାର କରିବୁ ସେ ନିଷ୍ପତ୍ତି ଆମର ହେବ। ଆମେ କ'ଣ କରିବା ଉଚିତ କିମ୍ବା ନ କରିବା ଉଚିତ ତାହା କେହି କହିପାରିବେ ନାହିଁ। ଆମର ସୁରକ୍ଷା ପାଇଁ ଯାହା ଆବଶ୍ୟକ ତାହା ଆମେ କରିବୁ।' ପାକିସ୍ତାନର ନାମ ନନେଇ ଏସ. ଜୟଶଙ୍କର କହିଛନ୍ତି ଯେ, ଅନେକ ଦେଶକୁ ନିଜ ଖରାପ ପଡ଼ୋଶୀଙ୍କ ସାମ୍ନା କରିବାକୁ ପଡୁଛି। କିନ୍ତୁ ଭାରତର ପରିସ୍ଥିତି ଅଧିକ ଗମ୍ଭୀର କାରଣ ଭାରତର ପଡୋଶୀ ଦେଶ ଆତଙ୍କବାଦକୁ ରାଷ୍ଟ୍ର ନୀତି ଭାବରେ ବ୍ୟବହାର କରୁଛି। ଯଦି କୌଣସି ଦେଶ ଜାଣିଶୁଣି ଏବଂ ନିରନ୍ତର ଭାବରେ ଆତଙ୍କବାଦକୁ ପ୍ରୋତ୍ସାହିତ କରେ, ତେବେ ଆମର ଆମର ଲୋକଙ୍କୁ ସୁରକ୍ଷା ପାଇଁ କିଛି ବି କରିପାରିବୁ।

# ଇସ୍କନର ଅଦିନିଆ ରଥଯାତ୍ରାକୁ ନେଇ ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କ କ୍ଷୋଭ



ପୁରୀ, ୨/୧ (ନି.ପ୍ର): ଇସ୍କନର ଅଦିନିଆ ରଥଯାତ୍ରାକୁ ନେଇ ବର୍ଷିଲେ ପୁରୀ ଶଙ୍କରାଚାର୍ଯ୍ୟ । ଇଂରେଜମାନେ ଯେପରି ଭାରତକୁ ବ୍ୟବସାୟ କରିବା ପାଇଁ ଆସିଥିଲେ, ସେହିଭଳି ଇସ୍କନ ପକ୍ଷରୁ ବିଦେଶରେ ଅଦିନିଆ ରଥଯାତ୍ରା କରାଯାଉଛି । ଏହା ହିନ୍ଦୁଙ୍କ ବିରୁଦ୍ଧରେ ବଡ଼ ଷଡ଼ଯନ୍ତ୍ର ବୋଲି କହିଛନ୍ତି ଜଗଦ୍‌ଗୁରୁ । ପୁରୀଠାରେ ଶ୍ରୀଜଗନ୍ନାଥ ଚିନ୍ତନ ଓ ଚେତନା ବିଶ୍ୱବ୍ୟାପୀ ସଂଗଠନ ପକ୍ଷରୁ ଆୟୋଜିତ ଶ୍ରୀଜଗନ୍ନାଥ ବିଶ୍ୱ ଆଧ୍ୟାତ୍ମିକ ସମାବେଶକୁ ଉଦ୍‌ଘାଟନ କରି ଏଭଳି ବର୍ଷିଛନ୍ତି ପୁରୀ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ । ସାରା ବିଶ୍ୱରେ ଶ୍ରୀଜଗନ୍ନାଥ ସଂସ୍କୃତି, ସନାତନ ଧର୍ମ ବହୁ ପ୍ରାଚୀନ । ଏହି ମହାନ ସଂସ୍କୃତି ବିଶ୍ୱରେ ଅନନ୍ୟ। ତେଣୁ ଇସ୍କନର ଏଭଳି ଅଦିନିଆ ରଥଯାତ୍ରା ଶାସ୍ତ୍ର ବିରୋଧୀ ବୋଲି କହିଛନ୍ତି ଶଙ୍କରାଚାର୍ଯ୍ୟ । ଏଥିସହ ପଶ୍ଚିମବଙ୍ଗ ଦିଘାରେ ଯେଉଁ ଜଗନ୍ନାଥ ମନ୍ଦିର ନିର୍ମାଣ କରି ଜଗନ୍ନାଥ ଧାମ କୁହାଯାଉଛି, ତାହା ଓଡ଼ିଶାର ଅର୍ଥନୈତିକ ସ୍ରୋତକୁ ରୋକିବା ପାଇଁ ମମତା ବାନାର୍ଜୀଙ୍କ ପ୍ରୟାସ ବୋଲି କହିଛନ୍ତି । ଆଜିଠୁ ପୁରୀ ପୌରସଦନରେ ଶ୍ରୀଜଗନ୍ନାଥ ଚିନ୍ତନ ଓ ଚେତନା ବିଶ୍ୱବ୍ୟାପୀ ସଂଗଠନ ପକ୍ଷରୁ ଆରମ୍ଭ ହୋଇଛି ତିନିଦିନିଆ ଶ୍ରୀଜଗନ୍ନାଥ ବିଶ୍ୱ ଆଧ୍ୟାତ୍ମିକ ସମାବେଶ । ଏଥିରେ ବିଶ୍ୱରୁ ୫୩ ଟି ଦେଶର ପ୍ରତିନିଧିମାନେ ଯୋଗ ଦେଇଛନ୍ତି । ଏହି ସମାବେଶରେ ମହାପ୍ରଭୁଙ୍କ ମହାପ୍ରସାଦର ମହିମା ହେଉ କି ଶ୍ରୀ ଜଗନ୍ନାଥ ଚେତନା ଜାଗରଣ ସମ୍ପର୍କରେ ହେବ ଆଲୋଚନା ।

# ଗାଡ଼ି ଚାଳକଙ୍କ ପାଇଁ ବଡ଼ ଖବର: ଜାନୁଆରି ୧୦ ତାରିଖରୁ ମିଳିବ ଗ୍ରୀନ୍ ଷ୍ଟିକର

ଭୁବନେଶ୍ୱର, ୨/୧ (ନି.ପ୍ର):ଜାନୁଆରି ୧୦ ତାରିଖରୁ ମିଳିବ ଗ୍ରୀନ୍ ଷ୍ଟିକର । ଏନେଇ ଘୋଷଣା କରିଛି ଓଡ଼ିଶା ରାଜ୍ୟ ପରିବହନ ବିଭାଗ । ତେବେ ଆପଣ ଜାଣିଥିବେ ବର୍ତ୍ତମାନ ପ୍ରଦୂଷଣ ସାର୍ଟିଫିକେଟକୁ ନେଇ ଗାଡ଼ିଚାଳକମାନେ ଟେନସନରେ ଅଛନ୍ତି । ଆଉ ଏହାରି ଭିତରେ ପରିବହନ ବିଭାଗ କରିଛି ବଡ଼ ଘୋଷଣା । ଓଡ଼ିଶା ପରିବହନ ବିଭାଗ ଘୋଷଣା କରିଛି ଯେ, ବୈଧ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ଥିବା ଯାନବାହାନ ଗୁଡ଼ିକ ପାଇଁ ୧୦ ଜାନୁଆରି ୨୦୨୬ ଠାରୁ ସବୁଜ ରଙ୍ଗର PUCC ବୈଧତା ଷ୍ଟିକର ଉପଲବ୍ଧ ହେବ। ବିଭାଗ ଜାରି କରିଥିବା ବିଜ୍ଞପ୍ତି ଅନୁଯାୟୀ, ଯେଉଁ ଯାନବାହାନ ମାଲିକମାନେ ପୂର୍ବରୁ ବୈଧ PUCC ପ୍ରାପ୍ତ କରିସାରିଛନ୍ତି, ସେମାନେ ନିଜ ନିକଟସ୍ଥ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରୁ ଏହି ସବୁଜ ଷ୍ଟିକର ପାଇପାରିବେ। ଏହି ପ୍ରକ୍ରିୟାକୁ ସୁଗମ କରିବା ପାଇଁ ସମସ୍ତ RTOରେ ବିଶେଷ କାଉଣ୍ଟର ଖୋଲାଯିବ। ନୂଆ ନିର୍ଦ୍ଦେଶାବଳୀ ଅନୁଯାୟୀ, କେବଳ ବୈଧ PUCC ଥିବା ଯାନବାହାନଗୁଡ଼ିକୁ ହିଁ ସବୁଜ ଷ୍ଟିକର ପ୍ରଦାନ କରାଯିବ। ଷ୍ଟିକର ଜାରି କରିବା ପୂର୍ବରୁ RTO ଅଧିକାରୀମାନେ ଯାନର ପ୍ରଦୂଷଣ ପ୍ରମାଣପତ୍ର, ପଞ୍ଜୀକରଣ ବିବରଣୀ ଏବଂ VAHAN ଡାଟାବେସ୍‌ରେ ଥିବା ରେକର୍ଡକୁ ଯାଞ୍ଚ କରିବେ।




# ଓଡିଶାକୁ ସମ୍ପୂର୍ଣ୍ଣ ଦୁର୍ନୀତି ମୁକ୍ତ କରିବା ପାଇଁ ଅଭିଯାନ ଜାରି ରହୁ: ଭିଜିଲାନ୍ସ ବିଭାଗକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ



ଭୁବନେଶ୍ୱର, ୨/୧ (ନି.ପ୍ର): ଗତ ୨୦ ବର୍ଷର ଇତିହାସକୁ ପଛରେ ପକାଇ ଓଡ଼ିଶା ଭିଜିଲାନ୍ସ ଏକ ଉତ୍କୃଷ୍ଟ ଉଦାହରଣ ସୃଷ୍ଟି କରିଛି । ସରକାରଙ୍କ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଯୋଗୁ ରାଜ୍ୟରେ ଭିଜିଲାନ୍ସ ବିଭାଗ ସକ୍ରିୟ ଭାବରେ କାର୍ଯ୍ୟକରି ଦୁର୍ନୀତିଖୋର୍ ମାନଙ୍କୁ ଧରିବାରେ ସଫଳ ହୋଇଛି । ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ଠାରେ ଭିଜିଲାନ୍ସ ବିଭାଗର ଏକ ସମୀକ୍ଷା ବୈଠକରୁ ଏହା ସ୍ପଷ୍ଟ ହୋଇଛି । ବୈଠକର ଆଲୋଚନାରୁ ଜଣାପଡିଛି, ୨୦୨୫ ଏପ୍ରିଲ ପହିଲାରୁ ଡିସେମ୍ବର ୩୧ ମଧ୍ୟରେ ରାଜ୍ୟ ସରକାର ଭିଜିଲାନ୍ସକୁ ୧୨୫ ଟି କେସ୍‌ର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି, ଯାହାକି ଏକ ରେକର୍ଡ । ପୂର୍ବରୁ ଏହି ୯ ମାସର ସମୟ ଅବଧି ମଧ୍ୟରେ ରାଜ୍ୟ ସରକାର କେବେ ବି ଏତେ ସଂଖ୍ୟକ କେସ୍ ତଦନ୍ତ କରିବା ପାଇଁ ଦେଇନାହାନ୍ତି । ଏଥିସହିତ ୨୦୨୫ ମସିହାରେ ସମୁଦାୟ ୪୮୮ଟି କେସ୍‌ର ଫୈସଲା ହୋଇଛି । ସର୍ବାଧିକ ୧୭୩ଟି ଆୟବହିର୍ଭୁତ ସମ୍ପତ୍ତି ଜନିତ କେସ୍‌ର ଫୈସଲା ହୋଇଛି । ଏହା ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଏକ ସର୍ବକାଳୀନ ରେକର୍ଡ । ସୂଚନାଯୋଗ୍ୟ ଯେ, ଦୁର୍ନୀତି ବିରୋଧରେ ଆକ୍ରମ ମୋଡ୍‌ରେ ସରକାର କାର୍ଯ୍ୟ କରୁଥିବାରୁ ଓଡିଶା ସାରା ଭାରତରେ ପ୍ରଶଂସିତ ହେଉଛି ଏବଂ ମୁଖ୍ୟମନ୍ତ୍ରୀଙ୍କର ଶୂନ୍ୟ ସହନଶୀଳତା ନୀତିକୁ ପାଥେୟ କରି ରାଜ୍ୟ ଭିଜିଲାନ୍ସ ଏକାଡେମୀ ଏହାର ପ୍ରଶିକ୍ଷଣ ପ୍ରକ୍ରିୟାରେ ବ୍ୟାପକ ଉନ୍ନତି ଆଣିଛି । ଭିତ୍ତିଭୂମିର ଉନ୍ନତି ଓ ଗୁଣାତ୍ମକ ପ୍ରଶିକ୍ଷଣ ପାଇଁ ରାଜ୍ୟ ଭିଜିଲାନ୍ସ ଏକାଡେମୀକୁ ଓଏଡ ୯୦୦୧:୨୦୧୫ ସାର୍ଟିଫିକେଟ୍ ମିଳିଛି । ଏହି ସାର୍ଟିଫିକେଟ ଏକାଡେମୀକୁ ଆସନ୍ତା ତିନି ବର୍ଷ ପାଇଁ ମିଳିଛି । ଏହି ସାର୍ଟିଫିକେଟ ପାଇଁ ମୁଖ୍ୟମନ୍ତ୍ରୀ ଭିଜିଲାନ୍ସ ଏକାଡେମୀ ଓ ରାଜ୍ୟ ଭିଜିଲାନ୍ସ ବିଭାଗର ଉଚ୍ଚ ପ୍ରଶଂସା କରିଥିଲେ । ୨୦୨୫ ବର୍ଷରେ ସମୁଦାୟ ୪୮୭ଟି ସ୍ଥାନରେ ଭିଜିଲାନ୍ସ ଚଢାଉ କରି ଆୟବହିର୍ଭୁତ ସମ୍ପତ୍ତି, ଲାଞ୍ଚ କାରବାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ସରକାରୀ

◆◆ପୃଷ୍ଠା ୭

# ଦଳିତ, ଆଦିବାସୀ ଓ ପଛୁଆବର୍ଗଙ୍କ ପାଇଁ ଲଢ଼ିବ କଂଗ୍ରେସ

ଭୁବନେଶ୍ୱର, ୨/୧ (ନି.ପ୍ର): ଯାଜପୁର ଜିଲ୍ଲା ଉଦୟଗିରି ଠାରେ ଆଦିବାସୀ ସମ୍ପ୍ରଦାୟଙ୍କ ଘର ବୁଲଡୋଜର ମାଧ୍ୟମରେ ଭଙ୍ଗାଯିବାକୁ ନେଇ କଂଗ୍ରେସ ଉଦବେଗ ପ୍ରକାଶ କରିଛି। କଂଗ୍ରେସ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସାଂସଦ ଓ ପିସିସି ଆଦିବାସୀ ସେଲର ଅଧକ୍ଷ ଯଶୋବନ୍ତ ସିଂ ଲାଗୁରି କହିଛନ୍ତି ଯେ ଗତ କିଛି ମାସ ହେଲାଣି ବିଜେପି ସରକାର ଆସିବାପରେ ଆଦିବାସୀଙ୍କ ଜମି ଉପରେ ଲୋଲୁପଦୃଷ୍ଟି ପକାଇଛନ୍ତି । ରାଜଗାଙ୍ଗପୁରର ଏୟାରଷ୍ଟ୍ରିପ, ସୁନ୍ଦରଗଡ଼ ଲାଞ୍ଜିବେର୍ଣ୍ଣା ଜମି ଅଧିଗ୍ରହଣ, କେନ୍ଦୁଝରରେ ପସ୍କୋ, ଟିକରପଡ଼ାରେ ଷ୍ଟାରାଲାଇଟ ପାଇଁ ଆଦିବାସୀଙ୍କ ଜମି ଅଧିଗ୍ରହଣ ବେନିୟମ ହିସାବରେ ସରକାର କରୁଛନ୍ତି । ଏବେ ଯାଜପୁର ଜିଲ୍ଲାର ଉଦୟଗିରି ଠାରେ ହେବାକୁଥିବା ବୌଦ୍ଧ ସମ୍ମିଳନୀ ପାଇଁ ମଝିପଡ଼ା ଗ୍ରାମାଞ୍ଚଳରେ ପ୍ରଶାସନ ଆଦିବାସୀଙ୍କ ଘରଭଙ୍ଗା ସହିତ ଗଛକାଟିଛନ୍ତି ।

# ବସ୍-ବାଇକ୍ ମୁହାଁମୁହିଁ ଧକ୍କା: ୩ ମୃତ

ରାଇରଙ୍ଗପୁର, ୨/୧ (ନି.ପ୍ର): ବସ୍-ବାଇକ୍ ମୁହାଁମୁହିଁ ଧକ୍କା। ଚାଲିଗଲା ୩ ଜଣଙ୍କ ଜୀବନ। ଘଟଣାଟି ଘଟିଛି ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ରାଣୀବନ୍ଧ ନିକଟରେ ୨୨୦ ନମ୍ବର ଜାତୀୟ ରାଜପଥରେ। ବସ୍‌ଟି ରାଇରଙ୍ଗପୁରରୁ ଯଶୀପୁର ଦେଇ କେନ୍ଦୁଝର ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ସହ ଏହାର ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ହିଁ ବାଇକ୍‌ରେ ଥିବା ୩ ଜଣ ଯୁବକଙ୍କ ମୃତ୍ୟୁ ଘଟିଥିଲା। ମୁହାଁମୁହିଁ ଧକ୍କା ହେବା ପରେ ବାଇକ୍‌ଟି ବସ୍ ତଳେ ପଶି ଯାଇଥିଲା। ଜଣେ ଯୁବକ ବସ୍ ଚକା ତଳେ ଚାପି ହୋଇ ରହିଯାଇଥିଲେ। ଅନ୍ୟପକ୍ଷରେ ପୁରୀ ବଡ଼ଦାଣ୍ଡରେ ଏକ ବୋଲେରୋ ଏକ ସ୍କୁଟିକୁ ଧକ୍କା ଦେଇ କିଛି ବାଟ ଘୋଷାଡ଼ି ନେବାରୁ ଜଣେ ନାବାଳକଙ୍କର ମୃତ୍ୟୁ ଘଟିଥିବା ବେଳେ ଆଉ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତ ଦ୍ୱୟଙ୍କୁ ପୁରୀ ସଦର ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ମୃତ ନାବାଳକଙ୍କ ନାଁ ଶ୍ରେୟାଂଶ ଦେ। ତାଙ୍କ ଘର ପୁରୀ ଟାଉନ ଥାନା ସ୍ଥିତ କୁମୁଟି ସାହି ଅଞ୍ଚଳରେ। ଶ୍ରେୟାଂଶ ଦେ ତାଙ୍କ ଦାଦା ଓ ଅନ୍ୟ ଜଣେ ବାଳକଙ୍କ ସହିତ ସ୍କୁଟିରେ ବଡ଼ଦାଣ୍ଡରେ ମେଡିକାଲ ଛକ ଆଡୁ ଆସୁଥିବା ବେଳେ ଭକ୍ତ ସାଲବେଗ ମନ୍ଦିର ନିକଟରେ ଏକ ବୋଲେରୋ ଏହାକୁ ପଛରୁ ଧକ୍କା ଦେଇ ବଳଗଣ୍ଡି ଛକ ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା। ଫଳରେ ଘଟଣାସ୍ଥଳରେ ଶ୍ରେୟାଂଶଙ୍କର ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣା ପରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଲୋକେ ଟାୟାର ଜାଳି ରାସ୍ତାରୋକ କରିଥିଲେ। ପୁଲିସ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରିବା ସହିତ ଡ୍ରାଇଭରଙ୍କୁ ଥାନାରେ ଅଟକ ରଖିଛି।

# ଜୀବନ ନେଉଛି ମାଞ୍ଜା ସୂତା: ୧୧ ବର୍ଷରେ କଟକରେ ୪ ମୃତ, ୩୫ ଆହତ

କନକ ବ୍ୟୁରୋ : ମକର ସଂକ୍ରାନ୍ତି ପୂର୍ବରୁ କଟକ ଆକାଶରେ ଛାଇ ଗଲାଣି ଗୁଡ଼ି । ସହରରେ ଜମିଲାଣି ଗୁଡ଼ି ବେପାର । ହେଲେ ଗୁଡ଼ିରେ ବ୍ୟବହୃତ ମାଞ୍ଜା ସୂତା ପ୍ରଶାସନର ନିଦ ହଜାଇ ଦେଇଛି । କେବେ ଏହି ଘାତକ ମାଞ୍ଜା ଉପରେ ସମ୍ପୂର୍ଣ୍ଣ ରୋକ ଲାଗିବ ତାହା

◆◆ପୃଷ୍ଠା ୭

# ମୁମ୍ବାଇରୁ ଅହମଦାବାଦକୁ ବୁଲେଟ୍ ଟ୍ରେନରେ ୧ ଘଣ୍ଟା ୫୮ ମିନିଟ୍ ସମୟ ଲାଗିବ: କେନ୍ଦ୍ରମନ୍ତ୍ରୀ



ନୂଆଦିଲ୍ଲୀ, ୨/୧ : ମୁମ୍ବାଇ-ଅହମ୍ମଦାବାଦ ବୁଲେଟ୍ ଟ୍ରେନ୍ ପ୍ରକଳ୍ପକୁ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ମିଳିଛି। ମହାରାଷ୍ଟ୍ରର ପାଲଘରଠାରେ ଏହି ପ୍ରକଳ୍ପ ଅନ୍ତର୍ଗତ ପ୍ରଥମ ପାହାଡ଼ି ସୁଡ଼ଙ୍ଗ ନିର୍ମାଣ କାର୍ଯ୍ୟ ସଫଳତାପୂର୍ବକ ସମ୍ପୂର୍ଣ୍ଣ ହୋଇଛି। ଏହା ରାଜ୍ୟରେ ବୁଲେଟ୍ ଟ୍ରେନ୍ ପ୍ରକଳ୍ପର ଦ୍ୱିତୀୟ ସୁଡ଼ଙ୍ଗ। ଆଜି ନୂଆଦିଲ୍ଲୀରେ କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏ ସମ୍ପର୍କରେ ଘୋଷଣା କରିଛନ୍ତି। ନବନିର୍ମିତ ପାହାଡ଼ି ସୁଡ଼ଙ୍ଗର ଲମ୍ବ ପ୍ରାୟ ଦେଢ଼ କିଲୋମିଟର। ଏହା ପାଲଘର ଜିଲ୍ଲାରେ ଆସୁଥିବା ପ୍ରକଳ୍ପର ସବୁଠୁ ଲମ୍ବା ସୁଡ଼ଙ୍ଗ। ଏହି ସୁଡ଼ଙ୍ଗ ବିରାର ଓ ବୋଇସାର ବୁଲେଟ୍ ଟ୍ରେନ୍ ଷ୍ଟେସନ ମଧ୍ୟରେ ଅବସ୍ଥିତ। ପାହାଡ଼ି ସୁଡ଼ଙ୍ଗ-୫କୁ ଉଭୟ ପଟୁ ଖୋଳା ଯାଇଥିଲା। ଅତ୍ୟାଧୁନିକ ଖନନ ଏବଂ ବିସ୍ଫୋରଣ ପଦ୍ଧତି ଅବଲମ୍ବନ କରାଯାଇ ମାତ୍ର ୧୮ ମାସ ମଧ୍ୟରେ କାମ ସମ୍ପୂର୍ଣ୍ଣ ହୋଇଥିଲା। ଏହି ପଦ୍ଧତିରେ ଖନନ ସମୟରେ ଭୂମିର ଆଚରଣକୁ ବାସ୍ତବ ସମୟରେ ତଦାରଖ କରିବା ସମ୍ଭବ ଏବଂ ସମ୍ପୃକ୍ତ ସ୍ଥାନର ଅବସ୍ଥାକୁ ଆଧାର କରି ସଟକ୍ରିଟ୍, ରକ୍ ବୋଲ୍ଟ ଏବଂ ଲାଟିସ୍ ଗର୍ଡର ଭଳି ସହାୟକ ପ୍ରଣାଳୀ ନିୟୋଜନ କରିବାରେ ଏହା ସହାୟକ ହୋଇଥାଏ। ସୁଡ଼ଙ୍ଗ ନିର୍ମାଣର ସମ୍ପୂର୍ଣ୍ଣ ପ୍ରକ୍ରିୟା ସମୟରେ ବାୟୁ ଚଳାଚଳ, ଅଗ୍ନି ନିର୍ବାପନ ଉପାୟ ଏବଂ ଯାତାୟାତର ସଠିକ୍ ବ୍ୟବସ୍ଥା ସହିତ ଜରୁରି ସୁରକ୍ଷା ସତର୍କତାକୁ ସଠିକ୍ ଭାବେ ପାଳନ କରାଯାଇଥିଲା। ଏଥିପୂର୍ବରୁ ସେପ୍ଟେମ୍ବର ୨୦୨୫ରେ ଠାଣେରୁ ବିକେସି ମଧ୍ୟରେ ୫କିଲୋମିଟର ଲମ୍ବ ପ୍ରଥମ ଭୂତଳ

◆◆ପୃଷ୍ଠା ୭

# ପୂର୍ବତନ ସୂଚନା ଓ ଲୋକସଂପର୍କ ଅଧିକାରୀ ଆଜାତଶତ୍ରୁ ଦାସଙ୍କ ୧୮ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ




ବାଲେଶ୍ୱର, ୨/୧ (ନି.ପ୍ର): ସୁନହଟ ମାଟିରେ ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମଗ୍ରହଣ କରି ନିଜର କାର୍ଯ୍ୟ ଦକ୍ଷତା ବଳରେ ବହୁମୁଖୀ ପ୍ରତିଭାର ଅଧିକାରୀ ହୋପାରିଥିବା ପୂର୍ବତନ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଆଜାତଶତ୍ରୁ ଦାସଙ୍କର ୧୮ତମ ଶ୍ରାଦ୍ଧ ବାର୍ଷିକୀ ସ୍ଥାନୀୟ କଚେରୀହତାସ୍ଥିତ ସାମ୍ବାଦିକ ପ୍ରକୋଷ୍ଠ ଠାରେ ପାଳିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ସାମ୍ବାଦିକ ତଥା ଗଣମାଧ୍ୟମର ବହୁ ପ୍ରତିନିଧିଙ୍କ ସମେତ ବିଶିଷ୍ଟ ଆଇନଜୀବୀ ତଥା ସମାଜସେବୀ ମାନଙ୍କ ପକ୍ଷରୁ ଅଜାତଶତ୍ରୁ ସ୍ମୃତି କମିଟିର ସହଯୋଗରେ ତାଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇ ଏକ ସ୍ମୃତିଚାରଣ ସଭା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।ଅଜାତଶତ୍ରୁଙ୍କ ବ୍ୟକ୍ତିତ୍ୱ କିଛି ସାଧାରଣ ନଥିଲା। ପ୍ରଶାସନିକ କ୍ଷେତ୍ରରେ ସରକାରୀ କାର୍ଯ୍ୟକୁ ଦକ୍ଷତାର ସହ ସାମାଜିକ ସ୍ତରରେ ସବୁ ବର୍ଗର ବ୍ୟକ୍ତି ବିଶେଷଙ୍କ ସହ ତାଙ୍କର ସୁସମ୍ପର୍କ ଏବଂ ସେମାନଙ୍କ ପାଇଁ ସାହାଯ୍ୟର ହାତ ବଢ଼ାଇବା ତାଙ୍କୁ ମହାନ୍ କରିପାରିଛି ବୋଲି ବିଶିଷ୍ଟ ଅତିଥିମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ନିଜ ନିଜର ମତବ୍ୟକ୍ତ କରିଥିଲେ।

◆◆ପୃଷ୍ଠା ୭

# କମୁଛି କଂସା ବାସନର ଆଦର

ଜୟପୁର,୦୧/୧ (ନି.ପ୍ର): ପୂର୍ବ କାଳରେ କଂସା ବାସନ କୁସନ ଖାଇବା ତଥା କଂସା ଗ୍ଲାସ ପାଣି ପିଇବା ଗୋଟିଏ ଆଭିଜାତ୍ୟର ପରିଚୟ ଥିଲା । ପୂଜା ପାର୍ବଣରେ କଂସା ବାସନକୁ ଶୁଦ୍ଧ ବୋଲି ଲୋକେ ବ୍ୟବହାର କରୁଥିଲେ । ପୂର୍ବ ପିଢ଼ିର ଲୋକମାନେ ଷ୍ଟିଲ କିମ୍ବା ଆଲୁମିନିୟମର ବାସନରେ ଖାଇବା ପାଇ ପସନ୍ଦ କରୁ ନ ଥିଲେ । ଏବେ ଷ୍ଟିଲ ଆଲୁମିନିୟମ ବାସନ ଅପେକ୍ଷା ଲୋକେ ପ୍ଲାଷ୍ଟିକ, ଫାଇବର ଏବଂ ଚିନାମାଟି ବାସନ କୁ ଅଧିକ ପସନ୍ଦ କରୁଛନ୍ତି । ତେଣୁ ଆଧୁନିକତାର ପ୍ରଭାବରେ ଆମ ଠାରୁ ଦୂରେଇବାକୁ ବସିଛି ପାରମ୍ପରିକ ବାସନ କୁସନ । କଂସା ବାସନ କୁସନର ଆଦର କମିବାକୁ ବସିଲାଣି । ତେଣୁ କଂସା ବାସନ ତିଆରି କରି ପରିବାର ପୋଷୁ ଥିବା ବହୁ ପରିବାର ରୋଜଗାର ଶୂନ୍ୟ ହେବାକୁ ବସିଲେଣି । କାଳକ୍ରମେ ପରିସ୍ଥିତି ସହ ଖାପ ଖୁଆଇବାକୁ ଯାଇ ଏବଂ କ୍ଷତିଗ୍ରସ୍ତ ହୋଇ କଂସାରୀମାନେ ନିଜ କୌଳିକ ବୃତି ଛାଡିବାକୁ ବସିଲେଣି । କଂସା ବାସନ କୁସନ ତିଆରି ଛାଡି ଅନ୍ୟ ବୃତ୍ତିକୁ ଆପଣାଉଛନ୍ତି । କଂସାରୀମାନେ ମୁଖ୍ୟତଃ କଂସା ଓ ପିତଳରେ ବିଭିନ୍ନ ଘର କରଣା ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି । ତାହା ବିଭିନ୍ନ ହାଟ କିମ୍ବା ଦୋକାନରେ ବିକ୍ରି କରିଥାନ୍ତି । ତେବେ କଂସା ଓ ପିତଳ ସାମଗ୍ରୀ ଠିକ୍ ଭାବେ ବିକ୍ରି ହେଉ ନ ଥିବାରୁ କାଳକ୍ରମେ ସେମାନେ କୌଳିକ ବୃତ୍ତିରୁ ମୋହ ତୁଟାଇ ଦେଉଛନ୍ତି । କଂସା ପିତଳର ବାସନର ଅପେକ୍ଷାକୃତ ଅଧିକ ଦର ଷ୍ଟିଲ, ଆଲୁମିନିୟମ, ଫାଇବାର, ପ୍ଲାଷ୍ଟିକ, ନନଷ୍ଟିକ ଘରକରଣା ସାମଗ୍ରୀର ବହୁଳ ବ୍ୟବହାର ଯୋଗୁଁ କଂସା ପିତଳର ଚାହିଦା କମିଗଲା । ଝିଅ ବାହା ଘର ସମୟରେ କଂସା ଗଡୁ, ବାଲଟି, ହଣ୍ଡା, କଢେଇ, ଗିନା, ଥାଳି ଇତ୍ୟାଦି ସାମଗ୍ରୀ ଦେବାର ବିଧି ରହିଥିଲା । ଆଉ ଝିଅ ବାହା ଘରରେ କଂସା କିମ୍ବା ପିତଳ ଜିନିଷ ଲୋକେ ଦେଉ ନାହାଁନ୍ତି । ତେଣୁ କଂସା ବାସନ ତିଆରି କରୁଥିବା ପରିବାର ଏବେ କୌଳିକ ବୃତି ହରାଇବାକୁ ବସିଛନ୍ତି ।

# ଲୋକ ମହୋତ୍ସବ କମିଟି ପକ୍ଷରୁ କୁଚିଣ୍ଡା ଓ ରେଢ଼ାଖୋଲରେ ସାଂସ୍କୃତିକ ଆଲୋଚନାଚକ୍ର

ସମ୍ବଲପୁର,୦୧/୧ (ନି.ପ୍ର): ସମ୍ବଲପୁର ଲୋକ ମହୋତ୍ସବ ଆୟୋଜନ କମିଟି ର ଆଲୋଚନାଚକ୍ର ଉପ ସମିତି ପକ୍ଷରୁ ଉପଖଣ୍ଡ ସ୍ତରୀୟ ଦୁଇଟି ସମ୍ମାନ ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା କଲେଜ ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂସ୍କୃତିବିତ ସୁରଥ ଚନ୍ଦ୍ର ନାୟକ 'ପଶ୍ଚିମ ଓଡିଶାର ଯାନିଯାତ୍ରା' ଶୀର୍ଷକ ଆଲୋଚନାରେ ସଭାପତିତ୍ୱ କରିଥିଲେ। ଆଲୋଚକ ଭାବରେ ଲୋକ ସଂସ୍କୃତି ଗବେଷକ ଡ. ସିଦ୍ଧାର୍ଥ ପଣ୍ଡା ଓ ଡ଼. ଭାରତ ଭୂଷଣ ନନ୍ଦ ଯୋଗ ଦେଇଥିଲେ। ଏଥିରେ ଲୋକ ମହୋତ୍ସବର ଉପଦେଷ୍ଟା ସୂର୍ଯ୍ୟ ପାଣିଗ୍ରାହୀ, କଳା ସଂଗଠକ ମଳୟ ବେହେରା ଓ ଆଲୋଚନାଚକ୍ର ଉପ ସମିତି ର ଆବାହକ ପ୍ରଦୀପ କୁମାର ପଣ୍ଡା ମଂଚାସୀନ ଥିଲେ। ବକ୍ତା ମାନେ ପଶ୍ଚିମ ଓଡିଶାରେ ପ୍ରଚଳିତ ଯାନିଯାତ୍ରା ଗୁଡିକର ବର୍ଗୀକରଣ କରି ଦୃଷ୍ଟାନ୍ତ ସହିତ ଆଲୋଚନା କରିଥିଲେ। ଚଉରାଶି କୋଷ ବାମଣ୍ଡାର ଐତିହ୍ୟ, ପ୍ରଚଳିତ ବିଭିନ୍ନ ଯାତ୍ରା ତଥା ସେଗୁଡିକର ପ୍ରାଚୀନ କୀର୍ତିରାଜି ରୂପର ପ୍ରଚାର ପ୍ରସାର ଆଦି ଉପରେ ଆଲୋଚନା କରିଥିଲେ। କଳାକାର ବିଭୂତି କଲ୍ୟାଣ ପଟେଲ, ଓମ୍ ପଟେଲ ପ୍ରମୁଖ କୁଚିଣ୍ଡା ଉପଖଣ୍ଡ ର ଯାନିଯାତ୍ରାର ପ୍ରଚାର ପ୍ରସାର ହେବା ଜରୁରୀ ବୋଲି କହିଥିଲେ। କୁଚିଣ୍ଡା ଉପଖଣ୍ଡ ର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଆଲୋକ ପଟେଲ,ଉପସମିତି ସଦସ୍ୟ ପ୍ରଶାନ୍ତ ମାଝୀ, ସଂଜୀବ ପାଢ଼ୀ ଉପସ୍ଥିତ ଥିଲେ।

ଉପସମିତି ର ଆବାହକ ଶ୍ରୀ ପଣ୍ଡା ଙ୍କ ନେତୃତ୍ୱରେ ରେଢ଼ାଖୋଲ ଭୀମ ଭୋଇ କଲେଜ ଠାରେ ସଂସ୍କୃତି ଗବେଷକ ତଥା କଳାପାଣି କଲେଜ ର ଅଧ୍ୟକ୍ଷ ମୋହନ ସାହୁ ଙ୍କ ସଭାପତିତ୍ୱ ରେ ' ପଶ୍ଚିମ ଓଡିଶା ର କୃଷି ଭିତିକ ଯାନିଯାତ୍ରା ଓ ପର୍ବପର୍ବାଣି ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ର ଅଧ୍ୟକ୍ଷ ଅମୁଲ୍ୟ କୃଷ୍ଣ ପାଢ଼ୀ ମୁଖ୍ୟ ଅତିଥି, ପ୍ରାଧ୍ୟାପକ ଅଖିଳ ବିଶ୍ୱାଳ ଏବଂ ଅଧ୍ୟାପକ ମନଭଞ୍ଜନ କହଁର ଆଲୋଚକ ଭାବରେ ଯୋଗ ଦେଇ ରେଢ଼ାଖୋଲ ର ସଂସ୍କୃତି ମଧ୍ୟରେ ଲୁକ୍କାୟିତ ସମୃଦ୍ଧ ଲୋକ ଧରା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଶ୍ରୀ କହଁର ଙ୍କ ଦ୍ୱାରା ରଚିତ ' ରେଢ଼ାଖୋଲର ଲୋକ କାହାଣୀ ' ପୁସ୍ତକ ଲୋକାର୍ପିତ ହୋଇଥିଲା। ଉଭୟ କାର୍ଯ୍ୟକ୍ରମ ରେ ଆୟୋଜନ କମିଟି ର ଉପଦେଷ୍ଟା ସଦସ୍ୟ ଶ୍ରୀ ପାଣିଗ୍ରାହୀ ସମ୍ବଲପୁର ଲୋକ ମହୋତ୍ସବ ର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ସଭାରେ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶେଷରେ ଆଲୋଚନାଚକ୍ର ଉପସମିତି ର ସହ ଆବାହକ ସୌମିକ ବାବୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅସ୍ମିତା ଖେଲୋ ଇଣ୍ଡିଆ କିକ୍ ବକ୍ସିଂରେ ବଲାଙ୍ଗିର ଝିଅଙ୍କ ସଫଳତା

ବଲାଙ୍ଗିର,୦୧/୧ (ନି.ପ୍ର): ଅସ୍ମିତା ଖେଲୋ ଇଣ୍ଡିଆ କିକ୍ ବକ୍ସିଂ ପ୍ରତିଯୋଗିତା ଯାଜପୁର ସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ଠାରେ ଡିସେମ୍ବର ୨୭ ରୁ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ୨୨୫ଜଣ ପ୍ରତିଯୋଗି ଅଂଶଗ୍ରହଣ କରିଥିଲେ । ବଲାଙ୍ଗିର ଜିଲ୍ଲା ଆମେଚ୍ୟୁର କିକ୍ ବକ୍ସିଂ ସଂଘରୁ ୮ ଜଣ ଖେଳାଳି ଶେଖର କିକ୍ ବକ୍ସିଂ ଏକାଡେମୀର ପ୍ରଶିକ୍ଷକ ଚନ୍ଦ୍ରଶେଖର ସେଠ ଓ ମ୍ୟାନେଜର ବଦ୍ରିନାଥ ହୋତା ଙ୍କ ତତ୍ତ୍ୱାବଧାନରେ ଭାଗ ନେଇଥିଲେ । ସବ୍ ଜୁନିୟର ରେ ଅଭିପ୍ସା ହୋତା ଦୁଇଟି ସ୍ୱର୍ଣ୍ଣ ପଦକ, ପ୍ରିୟାଂସି ମିଶ୍ର ଗୋଟିଏ ସ୍ୱର୍ଣ୍ଣପଦକ ଓ ଗୋଟିଏ କାଂସ୍ୟ, ହେମଲତା ଭୋଇ ଗୋଟିଏ ସ୍ୱର୍ଣ୍ଣ ପଦକ, ଶିତଳ ସାହୁ ଗୋଟିଏ ରୌପ୍ୟ ଏବଂ ଜୁନିୟର ରେ କିରନ ସେଠ ଗୋଟିଏ ସ୍ୱର୍ଣ୍ଣପଦକ ପାଇ ବଲାଙ୍ଗିର ଜିଲ୍ଲାର ଗୌରବ ଆଣିଥିଲେ ଏବଂ ଅଭିପ୍?ସା ହୋତା, ପ୍ରିୟାଂସି ମିଶ୍ର, ହେମଲତା ଭୋଇ ଓ କିରନ ସେଠ ଜାତୀୟ ଜୋନାଲ ଅସ୍ମିତା ଖେଲୋ ଇଣ୍ଡିଆ କିକ୍ ବକ୍ସିଂ ପାଇଁ ମନୋନିତ ହୋଇଛନ୍ତି । ଚନ୍ଦ୍ରଶେଖର ସେଠ ଓ ମୁରଲି ମହାକୁର ରେଫରି ଓ ଜଜ୍ ଦାୟିତ୍ୱ ତୁଲାଇଥିଲେ । ଜିଲ୍ଲା କ୍ରୀଡାଧିକାରୀ ସତ୍ୟପ୍ରକାଶ ମିଂଚ, ଓଡିଶା କିକ୍ ବକ୍ସିଂ ସଂଘର ସଭାପତି କାର୍ତ୍ତିକ ଡାକୁଆ, ବଲାଙ୍ଗିର ଜିଲ୍ଲା କିକ୍ ବକ୍ସିଂ ସଂଘର ସଭାପତି ଅଯୋଧ୍ୟା ମିଶ୍ର, ସଂପାଦକ ଭଗବାନ କୁମ୍ଭାର, ଜିଲ୍ଲା କରାଟେ ସଂଘର ସଂପାଦକ ହୃଦୟ ଶବର, ସୁରେନ୍ଦ୍ର ସାହୁ, ନିଳାଂଚଳ ନାହାକ, ଖ୍ୱାଇସ ବନଛୋର ପ୍ରମୁଖ ଖେଳାଳିଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ ।

# ଜୋନସ୍ତରୀୟ ପ୍ରଥମ ୟୁନିଟ କପ ଉଦ୍‌ଯାପିତ: ଭୋଜପୁର ଚମ୍ପିୟାନ

ନୂଆପଡ଼ା,୦୧/୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡିଆଳ ବ୍ଲକ ଦେଓବାହଲ ଗ୍ରାମ ଠାରେ ଜିଲ୍ଲା ପରିଷଦ ୪ ନଂ ଜୋନ ସ୍ତରୀୟ ୟୁନିଟି କପ କ୍ରିକେଟ ଟୁର୍ନାମେଣ୍ଟ ଆଜି ଉଦଯାପିତ ହୋଇଯାଇଛି। ଖଡିଆଳ ବ୍ଲକ ଉପାଧକ୍ଷ ଗୌତମ ତାଣ୍ଡିଙ୍କ ନେତୃତ୍ୱରେ ଅନୁଷ୍ଠିତ ହେଇଥିବା ବେଳେ ଏମସିସି ଦେଓବାହାଲ ପରିଚାଳନା କରିଥିଲେ। ଆଜିର ଫାଇନାଲ ଖେଳରେ ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ, ବିଶିଷ୍ଟ ଅତିଥି ପୂର୍ବତନ କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା, ସମ୍ମାନିତ ଅତିଥି ଭାବରେ ଖଡ଼ିଆଳ ନଗରପାଳ ଉଜ୍ଜଳ ଗୁପ୍ତା, ସିନାପାଲି ବ୍ଲକ ଉପାଧକ୍ଷ ମିନା ଘିଭେଲା, ଜିଲ୍ଲା କଳାକାର ସଭାପତି ସଂଘ ଅର୍ଜୁନ ଛତ୍ରୀୟା, ସରପଞ୍ଚ ସଂଘ ସଭାପତି ସନ୍ତୋଷ ମିଶ୍ର, ବରିଷ୍ଠ ସମ୍ବାଦିକ କୁନୁ କରୁଆ, ଲିଙ୍ଗ ଘିଭେଲା, ସାନମହେଶ୍ୱର ସରପଞ୍ଚ ଆଲ୍ଲାଦିନି ବେହେରା, ବରଗାଁ ସରପଞ୍ଚ ଗୋବିନ୍ଦ ବିହାରୀ ବାରିକ, ଗଡ୍ରାମୁଣ୍ଡା ସରପଞ୍ଚ ବୃନ୍ଦା ବାଗ, କେନ୍ଦୁପାଟି ସରପଞ୍ଚ ଚନ୍ଦ୍ର ଷଣ୍ଡ, ଖାସବାହାଲ ସରପଞ୍ଚ କୁନୁ ଚରଣ ବେହେରା, ସରଧାପୁର ସରପଞ୍ଚ ଉମେଶ କୈବର୍ତ୍ତ, ସମିତି ସଭ୍ୟ ଶିଶୁପାଳ ବାଗ, ଶିକ୍ଷାବିତ ଉମେଶ କ୍ଷେତ୍ରୀ, ସାମାଜିକ କର୍ମୀ ପ୍ରବୀଣ କୁମାର ମୁଣ୍ଡ, ଘାସିରାମ ତାଣ୍ଡି, ଦଶମୁ ବେହେରା, ପୁସ୍ତମ ତାଣ୍ଡି , ପୂର୍ବତନ ସରପଞ୍ଚ ଶ୍ୟାମ ସୁନ୍ଦର କୁଳଦୀପ ଅତିଥି ଭାବେ ମଞ୍ଚାସିନ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ଖେଳ ଜିଏସଏ ଭୋଜପୁର ଓ ବରଗାଁ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଜିଏସଏ ଭୋଜପୁର ଦଳ ନିର୍ଦ୍ଧାରିତ ୧୫ ଓଭର ବ୍ୟାଟିଂ କରି ୮ ଓ୍ୱିକେଟ ହରାଇ ୧୬୭ ରନ ସଂଗ୍ରହ କରିଥିଲା। ଜବାବରେ ବରଗାଁ ଦଳ ସମସ୍ତ ଓ୍ୱିକେଟ ହରାଇ ୭୦ ରନ ସଂଗ୍ରହ କରି ଦ୍ୱିତୀୟ ସ୍ଥାନରେ ରହି ରନର୍ସ ଅପ୍ ହୋଇଥିଲା। ଜିଏସଏ ଭୋଜପୁର ଦଳ ଚମ୍ପିୟାନ ହୋଇଥିଲେ। ଫାଇନାଲ ମ୍ୟାଚରେ ଆମ୍ପାୟର ଭାବେ ବସନ୍ତ କୁମାର ଶବର ଓ ଆଲୋକ ବାଗ ମ୍ୟାଚ ପରିଚାଳନା କରିଥିବା ବେଳେ ସ୍କୋରିଙ୍ଗ ଦାୟିତ୍ୱରେ ନରେଶ କୁମାର ମହାରଥା, ଧାରା ବିବରଣୀ କରିଥିଲେ ଥବିର ଦୀପ, ସାରାଂଶ ଦୁରିଆ, ବଳବନ୍ତ ଶବର, ମଳୟ ତାଣ୍ଡି, ନରେନ୍ଦ୍ର ତାଣ୍ଡି, ନରେଶ ମାଝୀ । କାର୍ଯ୍ୟକ୍ରମରେ ୟୁନିଟି କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ବରିଷ୍ଠ କର୍ମକର୍ତ୍ତା,ପିଣ୍ଟୁ ମେଡାମ, କ୍ଷୀରୋଦ କୁମାର ବେହେରା, ଅନ୍ତରାମ ମାଝୀ ଥମିର ମଙ୍ଗରାଜ, ନବୀନ ହେର୍ନା , ଚିତ୍ରସେନ ମାଝୀ, ଦେବରାଜ ମାଝୀ, ସନ୍ତୋଷ ଭୁଏ, କୁନାଲ ବେହେରା, ବିରଞ୍ଚି ବେହେରା, ଜଳନ୍ଧର ମାଝୀ,ବାସୁଦେବ ତାଣ୍ଡି, ପ୍ରସନ୍ନ ଭୋଇ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ ।ଏହି ଟୁର୍ଣ୍ଣାମେଣ୍ଟ ଗତ ଡ଼ିସେମ୍ବର ୧୪ ତାରିଖରେ ଆରମ୍ଭ ହୋଇଥିବା ବେଳେ ଏଥିରେ ଖଡିଆଳ ୪ ନଂ ଜୋନ ୪୨ ଖଣ୍ଡ ଗ୍ରାମରୁ ୩୨ ଗୋଟି ଦଳ ଯୋଗଦାନ କରିଥିଲେ । ବିଜୟୀ ଦଳକୁ ୫୦ ହଜାର ସହ ଟ୍ରଫି ଓ ଉପ ବିଜେତା ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି ଓ ଦୁଇ ଗୋଟି ଦଳ ସେମି ଫାଇନାଲରେ ହାରିଥିବା ଦୁଇ ଦଳକୁ ଟ୍ରଫି ସହ ୬ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା।

## ବିନା କାରଣରେ ଯୁବକକୁ ଆକ୍ରମଣ

ଜୟପୁର,୦୧/୧ (ନି.ପ୍ର): ଜୟପୁର ପ୍ରସାଦରାଓ ପେଟା ୪ର୍ଥ ଲାଇନର ଏମ ରମେଶକୁ ସେହି ସାହିର ସନ୍ତୋଷ ସାହୁ ନାମକ ଜଣେ ଯୁବକ ଆକ୍ରମଣ କରିଥିବା ନେଇ ଟାଉନଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ଗତକାଲି ଏମ ରମେଶଙ୍କ ପୁଅକୁ ସେହି ସାହିର ଅନ୍ୟଜଣେ ଯୁବକ ମାଡ ମାରୁଥିବା ଦେଖିବା ପରେ ସନ୍ତୋଷ ହଠାତ ଆସି ଏମ ରମେଶକୁ ଆକ୍ରମଣ କରିଥିଲେ। ଯାହା ଫଳରେ ଏମ ରମେଶ ରକ୍ତାକ୍ତ ହୋଇଯାଇଥିଲେ। ବିନା କାରଣରେ ଆକ୍ରମଣ କରିଥିବା ନେଇ ରମେଶ ଟାଉନଥାନାରେ ଅଭିଯୋଗ ଦେବା ପରେ ଟାଉନପୁଲିସ ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଦଣ୍ଡାବାଡି ପଂଚାୟତରେ ପାଞ୍ଚଟି ଗାଁକୁ ପକ୍କା ରାସ୍ତା ନାହିଁ : ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ

ଜୟପୁର,୦୧/୧ (ନି.ପ୍ର): କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ ଦଣ୍ଡାବାଡ଼ି ପଞ୍ଚାୟତ ବାସି ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି । କାରଣ ଦଣ୍ଡାବାଡି ପଂଚାୟରେ ପାଞ୍ଚଟି ଗାଁ କୁ ପକ୍କା ରାସ୍ତା ନାହିଁ, କେବଳ ଫଳକ ମାରି ଚୁପ ବସିଛି ପ୍ରଶାସନ। ଅଧପାନ୍ତିରିଆ ରାସ୍ତାକୁ ନେଇ ହନ୍ତସନ୍ତ ପଂଚାୟତ ବାସି । ଏଥିଲାଗି ରାସ୍ତା ନିର୍ମାଣ ଶେଷ ହେଲେ ଭୋଟ ଦେବେ ନଚେତ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି ପଂଚାୟତର ସରପଞ୍ଚ ଚେଣ୍ଡିଆ ଖିଲ ସମତ ଗ୍ରାମବାସି । ପଂଚାୟତ ମୁଖ୍ୟଳୟ କୁ ଲୋକେ ସୁବିଧା ଯାତାୟାତ କରିବେ ଏଥିଲାଗି ଦଣ୍ଡାବାଡି ସଦର ମହକୁମା ସହ ପାଞ୍ଚ ଟି ଗାଁ କୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସଂଯୋଗ ପାଇଁ ରାସ୍ତା କାମ ଆରମ୍ଭ ହୋଇଛି । କଳିଆଝଲି ଠାରୁ ମରିଚଅଟାଲ, ସଲପଦର ଠାରୁ ତଟାପାଣି, ଅଣ୍ଡରିଯୋଡି ଠାରୁ ସାପଗନ୍ଧା, ଦଣ୍ଡାବାଡି ଠାରୁ ଜଙ୍ଗଲଜଡି ଓ କାଲିଆଅଟାଲ ଠାରୁ କୁଆଗନ୍ଦଲି, । ଏହି ଗାଁ ଗୁଡିକରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରାସ୍ତା ନିର୍ମାଣ ପାଇଁ ଗାଁ ମୁଣ୍ଡରେ ଫଳକ ମରାଯାଇଛି । କିନ୍ତୁ କାମ ସରିବାରେ ନା ନେଉନି । କାଲିଆଝୋଲି ରାସ୍ତା ରେ ଆଜି ପର୍ଯ୍ୟନ୍ତ ପିଚୁ ଢୋଳା ଗଲା ନାହିଁ ସେପଟେ ଅନ୍ୟ ଚାରୋଟି ଗାଁ ରାସ୍ତା ରେ ପିଚୁରାସ୍ତା ପାଲିଟିଛି ମାଟିରାସ୍ତା । ଅର୍ଦ୍ଧ ନିର୍ମିତ ରାସ୍ତା କୁ ନେଇ ହନ୍ତସନ୍ତ ପଂଚାୟତ ବାସି । ଜରୁରୀ କାଳୀନ ପରିସ୍ଥିତିରେ ଗାଁକୁ ଆମ୍ବୁଲାନ୍ସ ଆସିପାରୁନାହିଁ । ଗ୍ରାମର ବୃଦ୍ଧବୃଦ୍ଧାମାନେ ହଇରାଣ ହରକତ ହୋଇ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଦଣ୍ଡାବାଡି ପଞ୍ଚାୟତକୁ ଆସିଥାନ୍ତି। ପିଡ଼ିଏସ ଚାଉଳ ପାଇଁ ମଧ ଗ୍ରାମବାସୀ ହଇରାଣ ହରକତ ହୋଇଥାନ୍ତି। ବର୍ଷା ଦିନେ ମାନଙ୍କ ଦୁଃଖ ଦୁଇଗୁଣିତ ହୋଇଯାଏ । ବେଳେ ବେଳେ ଖରାପକୁ ରାସ୍ତାକୁ ଗାଁ ଲୋକେ ନିଜେ ଖର୍ଚ୍ଚରେ ସଜାଡୁଥିବା ବେଳେ ବର୍ଷା ଆସିଲେ ସେ ସବୁ ନଷ୍ଟ ହୋଇଯାଏ । ସ୍ଥାନୀୟ ସରପଞ୍ଚ ଚେଣ୍ଡିଆ ଖିଲ ଏବଂ ଗ୍ରାମବାସୀ ବହୁବାର ବ୍ଲକ୍ ଓ ଜିଲ୍ଲା ପ୍ରଶାସନକୁ ଅବଗତ କରାଇଛନ୍ତି। ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଛନ୍ତି କିନ୍ତୁ କୌଣସି ସଫଳ ମିଳୁ ନଥିବାରୁ ପଂଚାୟତ ବାସି ଭୋଟ ବର୍ଜନ ପାଇଁ ନିଷ୍ପତ୍ତି ନେଇଛନ୍ତି।

# ମାନ୍ୟମକୋଣ୍ଡା ମଣ୍ଡିରେ ଚାଷୀ ଟାର୍ଗେଟ କିମ୍ବା ଟୋକନ ଅଭାବରୁ ଧାନ ବିକ୍ରି କରି ପାରୁନଥିବା ଅଭିଯୋଗ

ମାଲକାନଗିରି,୦୧/୧ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଗତ ୨୪ ତାରିଖରୁ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି ମଣ୍ଡି । ତେବେ ପ୍ରଥମରୁ ହିଁ ଚାଷୀମାନେ ହଇରାଣ ହରକତ ହେଉଥିବା ଚିତ୍ର ସାମନାକୁ ଆସିଛି । ଚାଷୀଙ୍କ ନାଁ ପଞ୍ଜୀକରଣ ହୋଇଛି। କିନ୍ତୁ ମଣ୍ଡି ଅନୁଯାୟୀ ଟୋକନ ଆସି ନାହିଁ । ଜିଲ୍ଲାରୁ ସମସ୍ତ ମିଲରଙ୍କ ନାଁ ମଧ ଏ ଯାଏଁ ନବୀକରଣ ହୋଇନାହିଁ କିମ୍ବା ଗତ ବର୍ଷ ଖରିଫ ମଣ୍ଡିର ଚାଉଳ ମଧ ସମ୍ପୂର୍ଣ୍ଣ ଫେରାଇ ନାହାନ୍ତି ମିଲର । ଏସବୁ ଅବ୍ୟବସ୍ଥା ମଧ୍ୟରେ ସନ୍ତୁଳି ହେଉଛନ୍ତି ସାଧାରଣ ଚାଷୀ । ଏଭଳି ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକର ଉପାନ୍ତ ମାନ୍ୟମକୋଣ୍ଡା ମଣ୍ଡିରୁ । ଗତ ବର୍ଷ ଏହି ମଣ୍ଡିରେ ସପ୍ତାହକ ଦୁଇ ଦିନରେ ୪ ହଜାର କ୍ୱିଣ୍ଟାଲ ଧାନ କିଣିବା ଟାର୍ଗେଟ ରହିଥିବା ବେଳେ ଚଳିତ ବର୍ଷ ପ୍ରତି ମଙ୍ଗଳବାର ଦିନ ଅଢ଼େଇ ହଜାର କ୍ୱିଣ୍ଟାଲ ଧାନ କିଣିବା ଲାଗି ଟାର୍ଗେଟ ଆସିଛି । ଫଳରେ ଅଧିକାଂଶ ଚାଷୀ ଟାର୍ଗେଟ କିମ୍ବା ଟୋକନ ଅଭାବରୁ ଧାନ ବିକ୍ରି କରୁ ପାରୁନ ଥିବା ଅଭିଯୋଗ ହୋଇଛି । ମାନ୍ୟମକୋଣ୍ଡା ପଞ୍ଚାୟତ ବିଲିଗୁଡା ଗାଁର ଉଲା କଓ୍ୱାସୀଙ୍କର ୧୩ ଏକର ଜମିରେ ୨୪୦ ବସ୍ତା ଧାନ ଅମଳ ହୋଇଛି । ଗତ ବର୍ଷ ଉଲା ଦୁଇଟି ମଣ୍ଡିରେ ୮୦ କ୍ୱିଣ୍ଟାଲ ଧାନ ବିକ୍ରି କରି ଥିବା ବେଳେ ଏବେ ୨୪୦ ବସ୍ତା ବିକ୍ରି ଲାଗି ଟୋକନ ନ ଆସି ଥିବାରୁ ଚିନ୍ତାରେ । ସେପଟେ ମଣ୍ଡିରେ ଟାର୍ଗେଟ ବୃଦ୍ଧି ଲାଗି ଦାବି କରିଛନ୍ତି ଚାଷୀ ଓ ଜନ ପ୍ରତିନିଧି । ଅନ୍ୟପଟେ ମାଲକାନଗିରିରେ ଯୋଗାଣ ବିଭାଗରେ ଅଫିସର ମରୁଡ଼ି । ଖାଲି ପଡ଼ିଛି ଏସିଏସ୍?ଓ ପଦବି । ୨ ଜଣ ଅତିରିକ୍ତ ସିଏସ୍?ଓ ପଦବି ଫାଙ୍କା। ୫ ଜଣ ଯୋଗାଣ ନିରୀକ୍ଷକ ପଦବି ଖାଲି । ୪ ଟି ପ୍ରମୁଖ ସମସ୍ୟା ଯୋଗୁ ମଣ୍ଡି ବ୍ୟବସ୍ଥା ପ୍ରଭାବିତ ହେଉଥିବା ଜଣାପଡ଼ିଛି ।

# ପୂର୍ଣ୍ୟତିଥିରେ ଗୁରୁ ସତ୍ୟନାରାୟଣଙ୍କୁ ଶ୍ରଦ୍ଧାଞ୍ଜଳି: ବିଭିନ୍ନ ଅନୁଷ୍ଠାନ ଏବଂ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ମାଲ୍ୟାର୍ପଣ

ସମ୍ବଲପୁର,୦୧/୧ (ନି.ପ୍ର): ସମ୍ବଲପୁରୀ ସାହିତ୍ୟ ଏବଂ ସଂସ୍କୃତିର ପୁରୋଧା ତଥା ଗୁରୁ ସତ୍ୟନାରାୟଣ ବହିଦାରଙ୍କର ୪୬ ତମ ପୂଣ୍ୟତିଥି ଅବସରରେ ବୁଧବାର ବିଭିନ୍ନ ସଂଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଜେଲଛକ ନିକଟସ୍ଥ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା ପରିସରରେ ଥିବା ଗୁରୁଙ୍କ ପ୍ରତିମୂର୍ତୀରେ ମାଲ୍ୟାର୍ପଣ କରାଯବା ସହ ତାଙ୍କ ଜୀବନାଦର୍ଶର ସ୍ମୃତିଚାରଣ କରାଯାଇଛି । ସକାଳେ ସର୍ବ ପ୍ରଥମେ ପଶ୍ଚିମାଂଚଳ ଏକତା ମଂଚ ପକ୍ଷରୁ ଗୁରୁଙ୍କ ପ୍ରତିମୂର୍ତୀରେ ମାଲ୍ୟାର୍ପଣ କରାଯିବା ସହ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା । ଏହି ଅବସରରେ ଗୁରୁଙ୍କ ନାମରେ ରହିଥିବା ସମ୍ବଲପୁରୀ ଡେରାକୁ ଆହୁରି ବିକଶିତ କରାଯାଇ ସମ୍ବଲପୁରୀ ପ୍ରେମୀଙ୍କ ପାଇଁ ଆକର୍ଷଣର କେନ୍ଦ୍ର ଭାବେ ତିଆରି କରାଯିବାକୁ ସଂକଳ୍ପ କରାଯାଇଥିଲା । ସମ୍ବଲପୁରୀ ଡେରାକୁ ସମ୍ବଲପୁରୀର ପ୍ରଚାର ପ୍ରସାରର କେନ୍ଦ୍ର ଭାବେ ବିକଶିତ କରିବାକୁ ପ୍ରତି ରବିବାର ସମ୍ବଲପୁରୀ ନାଚ ଗୀତ ଏବଂ ଚିତ୍ରକଳା ଉପରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ହାତକୁ ନିଆଯିବାକୁ ବୈଠକରେ ସ୍ଥିର କରାଯାଇଥିଲା । ଏହି କାର୍ଯ୍ୟକ୍ରମ ପାଇ ନୃତ୍ୟ ଗୁରୁ ରଞ୍ଜିତ ସାହୁଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା । ଆସନ୍ତା ଜାନୁଆରୀ ୧୫ ତାରିଖରୁ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହାତକୁ ନିଆଯିବ ନେଇ ଗୁରୁ ରଞ୍ଜିତ ସାହୁ ପ୍ରସ୍ତାବ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡିଶାର ଗୁରୁ ମାନଙ୍କୁ ସାମିଲ କରାଯାଇ ସମ୍ବଲପୁରୀ ନାଚ ଗୀତକୁ ଆହୁରୀ ପ୍ରସସ୍ତ କରାଯିବା ନେଇ ଆଲୋଚନା କରାଯାଇଥିଲା । ଜିଲା ପ୍ରଶାସନ ସହଯୋଗରେ ଡେରା ପରିସରରେ ବିଗତ ଦୁଇ ବର୍ଷ ଭିତରେ ଅନେକ ପଦକ୍ଷେପ ନିଆଯାଇଛି । ତେବେ ୨୦୧୭ ରୁ ଯୋଜନା ରହିଥିବା ସମ୍ବଲପୁରୀ ସଂଗ୍ରହାଳୟ ଏବଂ ପୁସ୍ତକାଳୟ ନିର୍ମାଣ ହୋଇ ପାରି ନାହିଁ । ତେଣୁ ନୂତନ ବର୍ଷରେ ସେ ଦିଗରେ ପଦକ୍ଷେପ ନିଆଯିବାକୁ ବୈଠକରେ ସ୍ଥିର କରାଯାଇଥିଲା । ଏହାସହ ଡେରାର କିଛି ଅଂଶ ବର୍ତମାନ ମଧ ଖୋଲା ରହିଥିବା ବେଳେ ଅସାମାଜିକ ବ୍ୟକ୍ତି ମାନଙ୍କ ଦୌରାତ୍ମ୍ୟ ଦେଖା ଦେଇଥିବାରୁ ତାକୁ ଯଥାଶିଘ୍ର ପାଚେରୀ ବ୍ୟବସ୍ଥା କରିବାକୁ ବୈଠକରେ ଦାବି କରାଯାଇଥିଲା । ଗୁରୁଙ୍କର ପୂଣ୍ୟତିଥି ଅବସରରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଡେରା ପରିସରକୁ ଆସି ବୁଲି ଦେଖିବା ସହ ଡେରାର ବିକାଶ ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ । ଏହାପରେ ଓଡିଶା ସାଂସ୍କୃତିକ ସମାଜ, ସମ୍ବଲପୁରୀ ଧନୁଯାତ୍ରା କମିଟୀ, ସମ୍ବଲପୁର ଯୋଗ ପରିବାର, ଭାରତୀ ସମାଜ, ନାଟ ନାଟୁଆ, କଳା ଓ କଳାକାର, ନାରୀ ସେବା ସଂଘ, ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ, ସମ୍ବଲପୁର କିକ ବକ୍ସିଂ ଏସୋସିଏସନଙ୍କ ଭଳି ବହୁ ଅନୁଷ୍ଠାନର କର୍ମକର୍ତା ଉପସ୍ଥିତ ରହି ଗୁରୁଙ୍କ ପ୍ରତିମୂର୍ତୀରେ ମାଲ୍ୟାର୍ପଣ କରିବା ସହ ସମ୍ବଲପୁରୀ ସଂସ୍କୃତିର ପ୍ରଚାର ଦିଗରେ ଗୁରୁଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ସହରର ବିଶିଷ୍ଟ ବ୍ୟକ୍ତି ମାନଙ୍କ ମଧ୍ୟରେ ଡ ପ୍ରମୋଦ ରଥ, ଡ. ପରେଶ ଦାନୀ, ଦୀନବନ୍ଧୁ ପଣ୍ଡା, ଦାମୋଦର କର, କବିତା ପୁରୋହିତ, ସୁରେଖା ସାହୁ, ନାଟୁ ଗୋପାଳ ପାତ୍ର, ସୁରେନ୍ଦ୍ର ନାୟକ, ସୂର୍ଯ୍ୟ ପାଣିଗ୍ରାହୀ, ଅଶୋକ ସାହୁ, ବିରଂଚି ନାରାୟଣ ନାୟକ, ଅମିତାଭ ମାଝୀ, ରାଜେଶ ସ୍ୱାଇଁ, ବିକାଶ ତ୍ରିପାଠୀ, ପ୍ରଜ୍ଞା ଦିକ୍ଷୀତ, ବିଚିତ୍ରାନନ୍ଦ ଆଚାର୍ଯ୍ୟ, ଯୋଗେଶ ନନ୍ଦ, ପ୍ରଦୀପ୍ତ ସୁଶାରୀ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# କେନ୍ଦୁଝରରେ ପୋଲିସ ଇନିସ୍ପେକ୍ଟର ସ୍ତରରେ ଅଦଳବଦଳ

କେନ୍ଦୁଝର,୦୧/୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ପୋଲିସ ଇନିସ୍ପେକ୍ଟର ସ୍ତରରେ ଅଦଳ ବଦଳ କରାଯାଇଛି । ଜିଲ୍ଲା ପୋଲିସ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ପୋଲିସ ଇନିସ୍ପେକ୍ଟର ସ୍ତରରେ ଅଦଳ ବଦଳି ହୋଇଛି । ସୂଚନା ଅନୁସାରେ ଇନିସ୍ପେକ୍ଟର ସମ୍ପଦ କୁମାର ମହାନ୍ତି ଙ୍କୁ ଜିଲ୍ଲା ପୋଲିସ ମୁଖ୍ୟାଳୟ ରୁ ରୁଗୁଡ଼ି ଥାନା, ଯୋଗମାୟା ସାହୁଙ୍କୁ ମୁଖ୍ୟାଳୟରୁ ସାଇବର ଓ ଇ ଓ ଥାନା, ମିତାଲି ମଧୁଲିତା ବିଶ୍ୱାଳ ଙ୍କୁ ମୁଖ୍ୟାଳୟରୁ ହରିଚନ୍ଦନପୁର ଥାନା, କାନନ ସାହୁଙ୍କୁ ମୁଖ୍ୟାଳୟରୁ ସୋସୋ ଥାନାକୁ ବଦଳି ହୋଇଥିବାବେଳେ କିରଣ ପ୍ରସାଦ ସାହୁଙ୍କୁ ତୁରୁମୁଙ୍ଗା ଥାନାରୁ ପାଟଣା ଥାନା, ରାବିଶଙ୍କର ଭଇସାଙ୍କୁ ରୁଗୁଡ଼ି ଥାନାରୁ ପାଣ୍ଡପଡା ଥାନା,ମାନସ କୁମାର ମାହାକୁଳ ଙ୍କୁ ପାଟଣା ଥାନାରୁ ଜିଲ୍ଲା ପୋଲିସ ମୁଖ୍ୟାଳୟ ଏବଂ ଇନିସ୍ପେକ୍ଟର ଦେବକୀ ନାଏକଙ୍କୁ ହରିଚନ୍ଦନପୁର ଥାନାରୁ ଜିଲ୍ଲା ପୋଲିସ ମୁଖ୍ୟାଳୟକୁ ବଦଳି ହୋଇଛି ।


**OFFICE OF THE PANCHAYAT SAMITI, JAMDA**

e-mail = ori-jamada@nic.in

Date: 02.01.2026

Sealed Tenders are invited from Registered Contractors towards Const. of VC Hall at Jamda Block Office that may be downloaded from the district web site **https://mayurbhanj.odisha.gov.in**. The tender paper along with detail terms and conditions will be downloaded during office hour from **03.01.2026 to 13.01.2026.**

1. Sale of Tender Papers: - **03.01.2026 to 13.01.2026 up to 1.00 PM.**
2. Last Date of receipt of tender paper: - **13.01.2026 up to 1.00 PM.**
3. Date of opening of tender papers AT Block meeting Hall : - **19.01.2026 at 11.00 AM.**
4. Mode of receipt: **Through speed post/Registry post only** to **Block Development Officer, Jamda At/Po- Jamda Dist- Mayurbhanj Pin-757045.**
5. Envelop should be **super-scribed** with the name of the works for which tender paper is being submitted **otherwise will be rejected**.
6. The tender paper **received after due date or time** will liable for **rejection**.

Authority reserves the right to reject all or any of the tender without assigning any reasons thereof. Again the authority will not held responsible for any postal delay.

Sd/-
**Block Development Officer, Jamda**
**Mayurbhanj**

OIPR: 19274/11/0005/2526

Block Development Officer, Jamda
Mayurbhanj


# ପ୍ରଧାନ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ

ନୂଆପଡ଼ା,୦୧/୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡିଆଳ ବ୍ଲକ ଚଲାନପଡ଼ା ରାମନାଥ ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସଞ୍ଜୀବ କୁମାର ଠାକୁରଙ୍କ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ସମାରୋହ ଆଜି ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ସହକାରୀ ଶିକ୍ଷକ ଗୋପାଳ ନାରୟଣ ଯୋଶୀ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ରାମନାଥ ଉଚ୍ଚ ବିଦ୍ୟାପୀଠର ପ୍ରତିଷ୍ଠାତା ଦୁଃଖ ଭଞ୍ଜନ ସିଂ ବାରିକ, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟିର ସଭାପତି ଶ୍ରୀରାମ ସମରେନ୍ଦ୍ର ସିଂ ବାରିକ, ସଦସ୍ୟ ପ୍ରଶାନ୍ତ କୁମାର ବାରିକ ଯୋଗଦାନ କରି ଅବସର ଗ୍ରହଣ କରିଥିବା ଶ୍ରୀ ଠାକୁରଙ୍କ ଶିକ୍ଷକ ଜୀବନୀ ସହ ବ୍ୟକ୍ତିଗତ ଜୀବନୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ କ୍ରୀଡା ଶିକ୍ଷକ ରାଜକପୁର ବାରିକ ମଞ୍ଚ ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷକ ସନତ କୁମାର ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ସହକାରି ଶିକ୍ଷକ ଦିନନାଥ ସାହୁ, ଅତିଥି ଶିକ୍ଷକ ବିରେନ୍ଦ୍ର କୁମାର ନନ୍ଦ, ଅବସର ଗ୍ରହଣ କରିଥିବା ଶିକ୍ଷକ ଫକୀର

# ଫ୍ୟାଶନରେ ଖଦି

**ରାଜନେତାଙ୍କ ପୋଷାକର୍ ପରିଚୟ୍ ମଧ୍ୟରୁ ଅନେକ ଦିନ ହେବ ବାହାରି ଆସିଛି ଖଦି। ପାରମ୍ପରିକ୍ ହୋଇଥିଲେ ବି ସେଥିରେ୍ ଲାଗିଛି ଆଧୁନିକତାର୍ ସ୍ପର୍ଶ। ଖଦିର୍ ଚାହିଦା ଘରୋଇ୍ ବଜାର୍‌ରୁ ପ୍ରସାରିତ୍ ହୋଇ୍ ଆନ୍ତର୍ଜାତିକ ବଜାର୍‌ରେ୍ ପହଞ୍ଚିଛି। ଅତୀତର୍ ବିବର୍ଣ୍ଣ ଖଦି ଏବେ ଝଲସୁଛି ରଙ୍ଗରେ୍।**



ସ୍ୱଦେଶୀ ଆନ୍ଦୋଳନର ପ୍ରତୀକ ରାଜନେତାଙ୍କ ପୋଷାକର ପରିଚୟରୁ ଅନେକ ଦିନ ହେବ ବାହାରି ଆସିଛି। ଅତୀତରେ ଅତି ନିରସ ବୋଲି ମନେ କରାଯାଉଥିବା ଖଦି ଏବେ ବେଶ୍ ଫ୍ୟାଶନେବଲ ହୋଇଯାଇଛି। ସବୁ ବର୍ଗର ବ୍ୟକ୍ତିଙ୍କ ୱାର୍ଡ୍‌ରୋବରେ ସ୍ଥାନ ପାଇଛି ଖଦି। ଏଇ କିଛି ବର୍ଷ ମଧ୍ୟରେ ଖଦିର ପାରମ୍ପରିକ ରୂପ ଏବଂ ଟେକ୍ସଚରରେ ମେକଓଭର ହେବା ସହିତ ଏହା ଏକ ଷ୍ଟାଇଲ ଷ୍ଟେଟମେଣ୍ଟ ପାଲଟିଛି। ଖଦି ଆଜି କେବଳ ଗରିବ ଲୋକଙ୍କ କପଡ଼ା ନୁହେଁ। ଖଦିକୁ ଫ୍ୟାଶନ ଜଗତ ସହିତ ପରିଚୟ କରାଇବାର ଶ୍ରେୟ ଯାଏ ଆମ ଦେଶର ଆଗଧାଡ଼ିର କେତେଜଣ ଡିଜାଇନରଙ୍କୁ ଯେଉଁମାନେ କେବଳ ଖଦିର ମେକଓଭର କରିନାହାନ୍ତି, ବରଂ ଏହାକୁ ବିଶ୍ୱସ୍ତରୀୟ କରିପାରିଛନ୍ତି। ଖଦିକୁ ନେଇ ଏଥରର ପ୍ରଚ୍ଛଦ...

## ସରକାରୀ କାର୍ଯ୍ୟାଳୟରେ ଖଦି

ଖଦିର ପ୍ରଚାର ଓ ପ୍ରସାରକୁ ବ୍ୟାପକ କରିବା ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ହାତକୁ ନିଆଯାଇଛି। ସରକାରୀ ସ୍କୁଲରୁ ଆରମ୍ଭ କରି ଭାରତୀୟ ରେଳବାଇ, ପୁଲିସ, ଇଣ୍ଡିଆନ ଏୟାରଲାଇନ୍ସ ଏବଂ ସରକାରୀ ହସପିଟାଲ ଗୁଡ଼ିକରେ ଏହି ପ୍ରାକୃତିକ ଫ୍ୟାବ୍ରିକ (କପଡ଼ା)ର ବ୍ୟବହାର ଖୁବ୍ ଶୀଘ୍ର ଆରମ୍ଭ ହୋଇଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମେକ ଇନ ଇଣ୍ଡିଆ କ୍ୟାମ୍ପେନର ପ୍ରସାର ସମେତ ଗ୍ରାମ୍ୟ ଅର୍ଥନୀତିର ବିକାଶ ନିମନ୍ତେ ଖଦି ଏବଂ ଗ୍ରାମୋଦ୍ୟୋଗ ବିଭାଗ ଇତିମଧ୍ୟରେ କେତେଗୁଡ଼ିଏ ପଦକ୍ଷେପ ନେଇସାରିଛି। ଉଦାହରଣ ସ୍ୱରୂପ ସରକାରୀ ସ୍କୁଲଗୁଡ଼ିକରେ ଖଦି ପୋଷାକ ପ୍ରଚଳନ ପାଇଁ ମାନବ ସମ୍ବଦ ମନ୍ତ୍ରାଳୟକୁ ଚିଠି ଲେଖିଛି କ୍ଷୁଦ୍ର, ଲଘୁ ଏବଂ ମଧ୍ୟମ ଶିଳ୍ପ ମନ୍ତ୍ରାଳୟ। ଯଦି ଏହି ପ୍ରସ୍ତାବରେ ମାନବ ସମ୍ବଦ ମନ୍ତ୍ରାଳୟ ରାଜି ହୋଇଯାଏ ତେବେ ଅଳ୍ପଦିନ ମଧ୍ୟରେ ସରକାରୀ ସ୍କୁଲର ପିଲାମାନଙ୍କୁ ଖଦି ପୋଷାକ ପିନ୍ଧିବାର ଦେଖିବାକୁ ମିଳିବ। ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟରେ ଖଦିର ବ୍ୟବହାର ପାଇଁ ମଧ ପ୍ରସ୍ତୁତି ଆରମ୍ଭ କରିଛି କ୍ଷୁଦ୍ର, ଲଘୁ ଏବଂ ମଧ୍ୟମ ଶିଳ୍ପ ମନ୍ତ୍ରାଳୟ। ଏହି ମନ୍ତ୍ରାଳୟ ଅନୁସାରେ ସରକାରୀ ସ୍କୁଲର ୟୁନିଫର୍ମ ଭାବେ ଖଦିର ବ୍ୟବହାର ହୋଇପାରିଲେ ଖଦିର ବଜାର ଅତି ବ୍ୟାପକ ହୋଇପାରିବ। ଏହାଦ୍ୱାରା ଗ୍ରାମୀଣ ଅର୍ଥନୀତି ମଧ ସୁଦୃଢ଼ ହେବ। ଖଦି ପୋଷାକରେ ସରକାରୀ ସ୍କୁଲର ପିଲାମାନେ ବି ବେସରକାରୀ ସ୍କୁଲ ପିଲାଙ୍କ ଭଳି ସ୍ମାର୍ଟ ଏବଂ ଷ୍ଟାଇଲିଶ୍ ଲାଗିବେ। ଖଦି ଏବଂ ଗ୍ରାମୋଦ୍ୟୋଗ କମିଶନ ଅନୁସାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଷ୍ଟାଇଲିଶ୍ ଖଦି କୁର୍ତ୍ତାରେ ଦେଖିବା ପରେ ଖଦି ପ୍ରତି ଲୋକଙ୍କ ମନରେ ଆଗ୍ରହ ବୃଦ୍ଧି ପାଇବାରେ ଲାଗିଛି। ସରକାରୀ କର୍ମଚାରୀମାନେ ମଧ ଖଦିର ୟୁନିଫର୍ମ ପ୍ରଚଳନ କରିବା ସପକ୍ଷରେ ରାୟ ଦେଇଛନ୍ତି।

## ବଢ଼ିଛି ଆଗ୍ରହ

ଖଦିରେ ରଙ୍ଗର ସ୍ପର୍ଶ ବାଜିବା ପରଠାରୁ ଏହା ପ୍ରତି ଲୋକଙ୍କ ଆଗ୍ରହ ବଢ଼ିଛି। ଏହାକୁ ଲକ୍ଷ୍ୟ କରି ନାମୀଦାମୀ ପୋଷାକ ବ୍ରାଣ୍ଡ ମଧ ଖଦିର ଡିଜାଇନର ପୋଷାକ ପ୍ରସ୍ତୁତ କରୁଛନ୍ତି। ସବୁଠୁ ବଡ଼ କଥା ହେଲା ଖଦି ପ୍ରତି ଯୁବପିଢ଼ିଙ୍କ ଆଗ୍ରହ



ସବୁଠୁ ଅଧିକ ପରିଲକ୍ଷିତ ହୋଇଛି। ହସ୍ତତନ୍ତ ଏବଂ ହସ୍ତଶିଳ୍ପ ପ୍ରସ୍ତୁତ କରୁଥିବା ଏଇ ବଡ଼ ବ୍ରାଣ୍ଡ 'ଫ୍ୟାବ ଇଣ୍ଡିଆ' ଏହାର ପ୍ରାୟ ସମସ୍ତ ବିକ୍ରୟ କେନ୍ଦ୍ରରେ ଖଦିକୁ ବେଶ୍ ପ୍ରାଧାନ୍ୟ ଦେଇଛି। ଫ୍ୟାବ୍ ଇଣ୍ଡିଆରେ ଉପଲବ୍ଧ ହେଉଥିବା ଅନ୍ୟ ସମସ୍ତ ହସ୍ତତନ୍ତ ତୁଳନାରେ ଖଦି ଫ୍ରାବ୍ରିକର ବିକ୍ରି ଏବେ ସବୁଠୁ ଅଧିକ। ଫ୍ୟାବ ଇଣ୍ଡିଆର ମହିଳା ପୋଷାକ ବିଭାଗର କ୍ରିଏଟିଭ ଡାଇରେକ୍ଟର ଅନୁରାଧା କୁମାରଙ୍କ ଅନୁସାରେ କଟନ ଖଦି ପ୍ରତି ଲୋକଙ୍କ ଆଗ୍ରହ ସର୍ବାଧିକ। ଗତ ପାଞ୍ଚ ବର୍ଷ ମଧ୍ୟରେ ଫ୍ୟାବ ଇଣ୍ଡିଆରେ ଖଦି ପୋଷାକର ବିକ୍ରି ତିନିଗୁଣ ବୃଦ୍ଧି ପାଇଛି। ସେ ଏହା ବି କହନ୍ତି ଯେ ଉଭୟ ମହିଳା ଓ ପୁରୁଷଙ୍କ ପୋଷାରକରେ ଖଦିର କ୍ଲାସିକ କୁର୍ତ୍ତାର ବିକ୍ରି ସବୁବେଳେ ଅଧିକ। ଛୋଟଛୋଟ ସହରର ଅନେକ ଡିଜାଇନର ଏବେ ନିଜସ୍ୱ ଡିଜାଇନରେ ଖଦିର ପ୍ରୟୋଗକୁ ଗୁରୁତ୍ୱ ଦେଉଛନ୍ତି। ଫ୍ୟାବ୍ ଇଣ୍ଡିଆକୁ ବାଦ ଦେଲେ ବିବା, ଅରୋଲିଆ, ଗ୍ଲୋବାଲ ଦେଶୀ ଆଦି ଫ୍ୟାଶନ ବ୍ରାଣ୍ଡଗୁଡ଼ିକ ମଧ ଅନ୍ୟାନ୍ୟ ଫ୍ୟାବ୍ରିକ ସହିତ ଖଦିର ପୋଷାକ ପ୍ରସ୍ତୁତ କରୁଛନ୍ତି। ସପରଷ୍ଟପ ୱେଷ୍ଟସାଇଟ, ସେଣ୍ଟ୍ରାଲ ରିଲାଏନ୍ସ ଟ୍ରେଣ୍ଡ ପାଣ୍ଟାଲୁନ୍ସ ଭଳି ମଲଗୁଡ଼ିକ ମଧ ନିଜସ୍ୱ ବ୍ରାଣ୍ଡର ଖଦି ପୋଷାକ ବିକ୍ରି କାରୁଛନ୍ତି। କେବଳ କୁର୍ତ୍ତା ନୁହେଁ, ଖଦି ଏବେ ଶାଢ଼ି, ସ୍କର୍ଟ, ପ୍ୟାଣ୍ଟ, ସାର୍ଟ, ସ୍କାର୍ଫ, ଜ୍ୟାକେଟ, ଘାଘରା, ପାଲାଜୋ, କ୍ୟୁଲେଟୋ, ଡମ୍ପସୁଟ, ଟ୍ୟୁନିକ ଆଦି ରୂପରେ ବିକ୍ରି ହେଉଛି।

## ଭିନ୍ନ ଭିନ୍ନ ରୂପରେ ଆସୁଛି...

ଖଦି କେବଳ କଟନ ଫ୍ରାବ୍ରିକରେ ସିମିତ ରହିନି। ଡିଜାଇନରମାନଙ୍କ ସହିତ ପ୍ରତିଷ୍ଠିତ ପୋଷାକ କମ୍ପାନି ଏବେ ଖଦିର ଫ୍ୟାବ୍ରିକରେ ଅନ୍ୟ ଫ୍ୟାବ୍ରିକ ମିଶାଇ ଏହାର ଟେକ୍ସଚର, ରଙ୍ଗ ଆଦିରେ ଯଥେଷ୍ଟ ପରିବର୍ତ୍ତନ ଆଣି ପାରିଛନ୍ତି। ଉଦାହରଣ ସ୍ୱରୂପ ଏବେ ବଜାରରେ ସିଲ୍କ ଖଦି, ଟସର ଖଦି, ମଟକା ଖଦି, କଟନ ବେଲ୍‌ଣ୍ଡେଡ୍ ଖଦି, ପର୍ଲିଷ୍ଟର ଖଦି,



କାଣ୍ଡିଆ ଖଦି, ସିଲ୍କ-କଟନ ଖଦି ଆଦି ଉପଲବ୍ଧ। ଆଗରୁ କେବଳ ଗୋଟିଏ ବା ଦୁଇଟି ରଙ୍ଗରେ ଉପଲବ୍ଧ। ଫ୍ୟାବଇଣ୍ଡିଆର ଡିଜାଇନରମାନଙ୍କ ଅନୁସାରେ ସେମାନେ ଖଦିକୁ ସମସାମୟିକ ଡିଜାଇନ ସହିତମିଶାଇ ପାରିଛନ୍ତି। ଖଦି ପ୍ରତି ଲେକାଙ୍କ ମାନସିକତାର ପରିବର୍ତ୍ତନ ଆଣିବା ପାଇଁ ଏହାକୁ ବ୍ରାଣ୍ଡିଂ କରାଯାଇ ବିକ୍ରି କରାଯାଉଛି। ଖଦି କେବଳ ପୋଷାକ ମଧ୍ୟରେ ସୀମିତ ରହିନି। ଏହା ବିଭିନ୍ନ ହସ୍ତଶିଳ୍ପ, ଜୋତା, ଘରସଜା ଉପକରଣ ମଧ୍ୟରେ ନିଜ କଳେବର ବୃଦ୍ଧି କରିପାରିଛି।

## ପ୍ରସାରିତ ହେଉଛି ବ୍ୟବସାୟ

ଗତ ଦୁଇ ବର୍ଷ ମଧ୍ୟରେ ସ୍ୱଳ୍ପ ବୃଷ୍ଟି କାରଣରୁ ଗ୍ରାମୀଣ ବିକ୍ରି ପରିମାଣ ହ୍ରାସ ପାଇଛି ବୋଲି ଭାରତୀୟ ଶିଳ୍ପ ଜଗତ କହୁଥିବା ବେଳେ ଖଦି ଓ ଗ୍ରାମୋଦ୍ୟୋଗ ବିଭାଗ କିନ୍ତୁ ବେଶ୍ ଲାଭବାନ ହୋଇପାରିଛି। ଖଦି ଓ ଗ୍ରାମୋଦ୍ୟୋଗ ବିଭାଗ ଦ୍ୱାରା ପ୍ରସ୍ତୁତ ମହୁ, ସାବୁନ, ଖାଦ୍ୟଦ୍ରବ୍ୟ, ହସ୍ତଶିଳ୍ପ ଓ ହସ୍ତତନ୍ତ ବିକ୍ରି ଉଲ୍ଲେଖନୀୟ ହୋଇପାରିଛି। ଖଦି ଏବଂ ଗ୍ରାମୋଦ୍ୟୋଗ ବିଭାଗର ବିକ୍ରି ୨୦୧୫-୧୬ ସୁଦ୍ଧା ୧୪% ବୃଦ୍ଧିପାଇଛି।

## ଡିଜାଇନର ଦେଉଛନ୍ତି ଗୁରୁତ୍ୱ

ଖଦିର ଲୋକପ୍ରିୟତା ବୃଦ୍ଧି ପାଇବା ପଛରେ ଭାରତୀୟ ଡିଜାଇନରମାନଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ। ଏହି ଡିଜାଇନରମାନଙ୍କ ପେସାଦାର ମନୋବୃତ୍ତି କାରଣରୁ ଖଦି ଆଜି ଭାରତର ସୀମା ପାର କରି ବିଦେଶରେ ପହଞ୍ଚି ପାରିଛି। ନେଟ, ଜର୍ଜେଟ, ଫିନକୁ ଟକ୍କର ଦଇେ ଖଦି ବି ର୍‍ୟାମ୍ପ ଶୋରେ ସ୍ଥାନ ନେଇ ପାରିଛି। ଖଦିକୁ ବିଶ୍ୱ ସ୍ତରରେ ଲୋକପ୍ରିୟ କରିପାରିଥିବା ଡିଜାଇନରମାନଙ୍କ ମଧ୍ୟରେ ଅନ୍ୟତମ ହେଲେ ଗୌରାଙ୍ଗ ଶାହ। ୨୦୧୨ ମସିହାରେ ପ୍ରଥମ ଭାରତୀୟ ଡିଜାଇନର ଭାବେ ସେ ବର୍ଲିନ ଫ୍ୟାଶନ ୱିକ ଏବଂ ନ୍ୟୁୟର୍କ ଫ୍ୟାଶନ ୱିକରେ ଖଦିର ନିଜସ୍ୱ ଡିଜାଇନ ପ୍ରଦର୍ଶନ କରିଥିଲେ। ତାଙ୍କ ପୂର୍ବରୁ ଯଦିଓ ଭାରତୀୟ ଡିଜାଇନରଙ୍କ ଦ୍ୱାରା ପ୍ରସ୍ତୁତ ପୋଷାକ ଆନ୍ତର୍ଜାତିକ ସପ୍ତାହରେ ପ୍ରଦର୍ଶିତ ହୋଇ ନଥିଲା ଖଦି ବସ୍ତ୍ର। ଖଦି ପୋଷାକରୁ ନେଇ ଗୌରାଙ୍ଗ କୁହନ୍ତି ସେ ଯେତେବେଳେ ଫ୍ୟାଶନରେ କ୍ୟାରିଅର ଆରମ୍ଭ କଲେ ସେତେବେଳେ ଖଦିକୁ ନେଇ ଫ୍ୟାଶନ ସ୍ଥାନ ଦେବା ଥିଲା କଳ୍ପନା ବାହାରେ।



ମାତ୍ର ଡିଜାଇନରମାନଙ୍କ ନୂଆ ଚିନ୍ତାଧାରା ଏବଂ ଯୁବପିଢ଼ିଙ୍କ ବେଶୀ ଫ୍ୟାବ୍ରିକ ପ୍ରତି ଆଗ୍ରହ ଖଦିର ମେକଓଭର ପାଇଁ ସହାୟକ ହୋଇପାରିଲା। ଖଦି ଏବେ ଯୁବପିଢ଼ିଙ୍କୁ ଅର୍ଗାଣ୍ଡି, ବ୍ରାସୋ ଭଳି ଫ୍ୟାବ୍ରିକର ବିକଳ୍ପ ହୋଇପାରିଛି ଖଦି। ୱେଣ୍ଡେଲ ରଡ୍ରିକ୍ସ, ରିତୁ କୁମାର, ସବ୍ୟସାଚୀ ମୁଖାର୍ଜି, ରାହୁଲ ମିଶ୍ରା, ଜେଜେ ଭାଲ୍ୟା, ଶାନ୍ତନୁ ନିଖିଲ, ରୋହିତ ବଲ, ରାଜେଶ ପ୍ରତାପ ସିଂ ଏବଂ ଆନନ୍ଦ କାବ୍ରାଙ୍କ ଭଳି ପ୍ରତିଷ୍ଠିତ ଡିଜାଇନରମାନେ ନିଜ କଲେକ୍ସନରେ ଖଦି ପୋଷାକର ପ୍ରୟୋଗ କରୁଛନ୍ତି। ଏହି ଡିଜାଇନରମାନେ ଖଦିରେ ଆଧୁନିକ ସ୍ପର୍ଶ ଦେବା ଫଳରେ ଏହା ଯୁବପିଢ଼ିଙ୍କ ଷ୍ଟାଇଲ ଷ୍ଟେଟମେଣ୍ଟ ପାଲଟିଛି। ଖଦିର ଲୋପ୍ରିୟତାକୁ ଆହୁରି ଦୁଇପାଦ ଆଗେଇ ନେଇଛି 'ଲ୍ୟାକମେ ଫ୍ୟାଶନ ୱିକ' ଏବଂ ୱିଲ୍ସ ଲାଇଫଷ୍ଟାଇଲଇଣ୍ଡିଆ ଫ୍ୟାଶନ ୱିକ। ଏହି ଦୁଇଟି ଫ୍ୟାଶନ ୱିକରେ ନିଜ ନିଜର କଲେକ୍ସନ ପ୍ରଦର୍ଶନ କରିଥିବା ଡିଜାଇନାରମାନଙ୍କ କହିବା କଥା ଥିଲା ସେମାନଙ୍କ ଦ୍ୱାରା ଡିଜାଇନ ହୋଇଥିବା ଅନ୍ୟ ପୋଷାକ ତୁଳନାରେ ଖଦି ପୋଷାକକୁ ଦର୍ଶକମାନେ ଅଧିକ ପସନ୍ଦ କରିଥିଲେ। କାରଣ ଯଦି ପୋଷାକରେ ଉଭୟ ପାରମ୍ପରିକ ଏବଂ ଆଧୁନିକତାର ସ୍ପର୍ଶ ଥିଲା। କେବଳ ମଡ଼େଲ ନୁହନ୍ତି, ବଲିଉଡ୍ ତାରକାମାନେ ମଧ ଖଦି ପୋଷାକ ପିନ୍ଧି ର୍‍ୟାମ୍ପ ସୋ ଷ୍ଟପର ସାଜୁଛନ୍ତି। ଏହା ବ୍ୟତୀତ ଡିଜାଇନରମାନେ ଖଦିରେ ଇଣ୍ଡୋ-ୱେଷ୍ଟର୍ଣ୍ଣ ପ୍ୟାଟର୍ଣ୍ଣ ପ୍ରସ୍ତୁତ କରିପାରୁଥିବାରୁ ଉଚ୍ଚ ଆୟବର୍ଗର ଲୋକମାନଙ୍କ ପାଖରେ ଏହା ଦିନକୁ ଦିନ ଅଧିକ ଆଦୃତ ହେଉଛି। ବିଶେଷକରି ଫ୍ୟାଶନିଷ୍ଟମାନଙ୍କ ପାଖରେତ ଖଦିର ଫ୍ୟାଶନେବଲ ଲଙ୍ଗ କୁର୍ତ୍ତା, ଜ୍ୟାକେଟ, ପାଲାଜୋ ଆଦିର ଚାହିଦା ବଢ଼ିଚାଲିଛି। ସୂଚନାଯୋଗ୍ୟ ଯେ ନ୍ୟୁରେମବର୍ଗ ଠାରେ ଆୟୋଜିତ ବିଶ୍ୱର ସବୁଠୁ ବଡ଼ ଅର୍ଗାନିକ ମେଳାରେ ନିଜର ଖଦି କଲେକ୍ସନର ପ୍ରଦର୍ଶନ ପାଇଁ ଭାରତୀୟ ଡିଜାଇନର ୱେଣ୍ଡେଲ ରଡ୍ରିକ୍ସଙ୍କୁ ଆମନ୍ତ୍ରଣ ମିଳିଥିଲା।

# ଶୀତ ଋତୁରେ ହର୍ବାଲ ଟି'ର ଉପକାରିତା: ଇମ୍ୟୁନିଟି ବଢାଇବା ସହ ଦେବ ଭରପୂର ଏନର୍ଜି



ଶୀତ ଋତୁ ମାନେ ସ୍ୱାସ୍ଥ୍ୟ ପ୍ରତି ସଜାଗ ରହିବା। ଏହି ଋତୁରେ ଥଣ୍ଡା ତ ହୋଇଥାଏ। କିନ୍ତୁ ଏହାକୁ ଏଡାଇବା ପାଇଁ ଅଧିକାଂଶ ସମାଧାନ ଆମ ରୋଷେଇ ଘରେ ଉପଲବ୍ଧ ଥାଏ । ଏଗୁଡ଼ିକରେ ବ୍ୟବହୃତ କେତେକ ପଦାର୍ଥ ପ୍ରତିରୋଧକ ଶକ୍ତି ବଢାଏ। ଏବଂ କେତେକ କାଶ ଏବଂ ଶୀତରୁ ମୁକ୍ତି ପ୍ରଦାନ କରନ୍ତି । ଆଉ କେତେକ ଓଜନ ହ୍ରାସ କରୁଥିବାବେଳେ ଅନ୍ୟମାନେ ପେଟ ସମସ୍ୟା ଦୂର କରାଏ । ଆସନ୍ତୁ ଜାଣିବା ଏହିପରି କିଛି ହର୍ବାଲ୍ ଚା ରେସିପି ଯାହା ଆମ ରୋଷେଇ ଘରେ ସହଜରେ ଉପଲବ୍ଧ ଉପାଦାନରୁ ପ୍ରସ୍ତୁତ କରାଯାଇପାରିବ । ଲେମନ ଗ୍ରାସ ଏବଂ ଅଦା ଚା '– ଏଥିପାଇଁ କିଛି ଲେମନ ଗ୍ରାସ , ଅଦାକୁ ଭାଙ୍ଗନ୍ତୁ, ପାଣିରେ ପକାନ୍ତୁ ଏବଂ ଉଭୟକୁ ଫୁଟାନ୍ତୁ । ଏଥିରେ କିଛି ଲବଙ୍ଗ ମିଶାନ୍ତୁ ଏବଂ କିଛି ସମୟ ଫୁଟିବା ପରେ ଫିଲ୍ଟର କରି ପିଅନ୍ତୁ । ଯଦି ସ୍ୱାଦ କଡା ଲାଗେ ତେବେ ଟିକିଏ ଗୁଣ୍ଡ ମିଶାନ୍ତୁ । ଶୀତଦିନେ ଏହା ଗଳାକୁ ବହୁତ ଆରାମ ଦେଇଥାଏ ଏବଂ ପେଟ ପାଇଁ ମଧ ଭଲ ରୁହେ। ମହୁ, ଲେମ୍ବୁ ଏବଂ ଟରମିକ ଚା– ଏହି ଚାକୁ ଶୀତରେ ଅମୃତ କୁହାଯାଏ । ଏହାକୁ ପ୍ରସ୍ତୁତ କରିବା ପାଇଁ କିଛି ଗୋଲମରିଚ ଗୁଣ୍ଡ କରି ଏକ କଞ୍ଚା ହଳଦିକୁ ଛୋଟ ଛୋଟ ଖଣ୍ଡ କରି ପାଣିରେ ଫୁଟାନ୍ତୁ । କିଛି ସମୟ ପରେ ଏହାକୁ ଫିଲ୍ଟର୍ କରନ୍ତୁ ଏବଂ ଉପରେ ଲେମ୍ବୁ ଏବଂ ମହୁ ମିଶାଇ ପିଅନ୍ତୁ । ଏହା ଶୀତଦିନେ ରାମବାଣ ଭଳି କାମ କରେ । ତୁଳସୀ ଚା– ତୁଳସୀ ଚା'ର ଉପକାର ଅସଂଖ୍ୟ । ଏହାକୁ ନିୟମିତ ଚା'ରେ କରି ପିଇଲେ ଆପଣଙ୍କ ପାଇଁ ଲାଭ ହୋଇପାରେ। ଏହା କେବଳ ରୋଗ ପ୍ରତିରୋଧକ ଶକ୍ତି ବଢାଏ ନାହିଁ ବରଂ ଚର୍ମ ପାଇଁ ମଧ ବହୁତ ଭଲ ଅଟେ। ଚା ତିଆରି କରିବା ପାଇଁ ଏକ ପାତ୍ରରେ ତୁଳସୀ ପତ୍ର ଫୁଟାନ୍ତୁ ଏବଂ ଫିଲ୍ଟର କରିବା ପରେ ଗୋଟିଏ ଚାମଚ ମହୁ ଏବଂ ଲେମ୍ବୁ ରସ ମିଶାଇ ପିଅନ୍ତୁ ।

# ଶ୍ରୀରାଧା ଦାମୋଦର ମନ୍ଦିର



ବୃନ୍ଦାବନର ଶ୍ରୀରାଧା ଦାମୋଦର ମନ୍ଦିର ବହୁ ପ୍ରାଚୀନ। ଏହି ମନ୍ଦିର ପରିକ୍ରମା କଲେ ଗିରିରାଜ ଗୋବର୍ଦ୍ଧନ ପରିକ୍ରମାର ଫଳ ପ୍ରାପ୍ତିହୁଏ ବୋଲି ବିଶ୍ୱାସ ରହିଛି। ଏହା ଶାଢ଼େ ଚାରିଶହ ବର୍ଷ ପୁରୁଣା ମନ୍ଦିର। ମାଘ ଶୁକ୍ଳପକ୍ଷ ଦଶମୀରେ ଶ୍ରୀରୂପ ଗୋସ୍ୱାମୀ ଏଠାରେ ରାଧା ଦାମୋଦରଙ୍କ ବିଗ୍ରହ ସ୍ଥାପନା କରିଥିଲେ। କିମ୍ବଦନ୍ତୀ କହେ, ପ୍ରଥମେ ସନାତନ ଗୋସ୍ୱାମୀ ନ୍ଦିର ଚାରିପାଖ ପ୍ରଦକ୍ଷିଣ କରୁଥିଲେ। ବୃଦ୍ଧାବସ୍ଥା ଉପନୀତ ହୁଅନ୍ତେ, ସେ ମନ୍ଦିର ପରିକ୍ରମା କରିପାରିଲେ ନାହିଁ। ଏହା ଦେଖି ଭଗବାନ ନିଜେ ବାଳକ ରୂପରେ ପ୍ରକଟ ହେଲେ। ସେ ଗୋସ୍ୱାମୀଙ୍କୁ ଦେଢ଼ ହାତ ଲମ୍ବର ବଟ ପତ୍ରରେ ଶ୍ୟାମଳ ରଙ୍ଗର ଗିରିରାଜ ଶିଳା ଦେଲେ। ସେଥିରେ ଭଗବାନ ଶ୍ରୀକୃଷ୍ଣଙ୍କ ପାଦ ଚିହ୍ନ ସହ ଗାଈ ଖୁରା ଚିହ୍ନ ମଧ ଥିଲା। ଭଗବାନ ଗୋସ୍ୱାମୀଙ୍କୁ ଆଦେଶ ଦେଲେ ଯେ ଏବେ ସେ ବୃଦ୍ଧା ହୋଇଗଲେଣି। ଏଣୁ ଗିରିରାଜ ପର୍ବତକୁ ଛାଡ଼ି ଏଇ ଶିଳାର ପରିକ୍ରମା କରନ୍ତୁ। ଏହାପରେ ଗୋସ୍ୱାମୀ ଶିଳା ପରିକ୍ରମା କରୁକରୁ ଜୀବନ ତ୍ୟାଗ କଲେ। ତାଙ୍କ ମୃତ୍ୟୁପରେ ଏହି ଶିଳାକୁ ମନ୍ଦିରରେ ସ୍ଥାପିତ କରାଗଲା। ସେବେଠୁ ଶ୍ରଦ୍ଧାଳୁ ମନ୍ଦିର ପରିକ୍ରମା କରିବାର ପରମ୍ପରା ଚାଲି ଆସିଛି।

ଧ୍ୱନି ପ୍ରତିଧ୍ୱନି
୪
ବାଲେଶ୍ୱର
୦୩ ଜାନୁଆରୀ ୨୦୨୬, ଶନିବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ସ୍ୱଚ୍ଛତାର ମୁଖା ତଳେ ବିପଜ୍ଜନକ ସତ୍ୟ: ଇନ୍ଦୋର ଘଟଣାରୁ ଶିକ୍ଷା

ଭାରତର 'ସ୍ୱଚ୍ଛତମ ସହର' ଭାବରେ କ୍ରମାଗତ ଆଠ ବର୍ଷ ଧରି ଗୌରବ ଅର୍ଜନ କରିଥିବା ଇନ୍ଦୋର ସହରରୁ ନିକଟରେ ଆସିଥିବା ଏକ ହୃଦୟବିଦାରକ ସମ୍ବାଦ ସମଗ୍ର ଦେଶର ସହରାଞ୍ଚଳ ବିକାଶ ମଡେଲ ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସ୍ୱଚ୍ଛ ସର୍ବେକ୍ଷଣରେ ବାରମ୍ବାର ଶୀର୍ଷ ସ୍ଥାନ ଅଧିକାର କରି ଦେଶ ପାଇଁ ଉଦାହରଣ ପାଲଟିଥିବା ଏହି ସହରର ଭଗୀରଥପୁରା ଅଞ୍ଚଳରେ ଦୂଷିତ ପାନୀୟ ଜଳ ସେବନ କରି ହଇଜା ଓ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ବହୁମୂଲ୍ୟ ଜୀବନ ହାନି ଘଟିବା ଏକ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା । ଏହି ଘଟଣା କେବଳ ପ୍ରଶାସନିକ ଅବହେଳାକୁ ପଦାରେ ପକାଇନାହିଁ, ବରଂ 'ସ୍ମାର୍ଟ ସିଟି' ଏବଂ ସହରୀକରଣର ଚକଚକିଆ ଆବରଣ ତଳେ ଲୁଚି ରହିଥିବା ଦୁର୍ବଳ ଭିତ୍ତିଭୂମିର ବାସ୍ତବ ଚିତ୍ରକୁ ଉନ୍ମୋଚିତ କରିଛି । ଯେତେବେଳେ ଗୋଟିଏ ସହର ସ୍ୱଚ୍ଛତା ପାଇଁ ପୁରସ୍କାର ପରେ ପୁରସ୍କାର ସାଉଁଟୁଥାଏ, ସେତେବେଳେ ସେହି ସହରର ସାଧାରଣ ନାଗରିକମାନେ ନଳରୁ ନର୍ଦ୍ଦମା ମିଶ୍ରିତ ବିଷାକ୍ତ ପାଣି ପାଇବା ଏବଂ ତାହାକୁ ପିଇ ମୃତ୍ୟୁବରଣ କରିବା ଏକ ଅକ୍ଷମଣୀୟ ଅପରାଧ ସହ ସମାନ ।

ଏହି ଘଟଣାର ବିସ୍ତୃତ ଅନୁଧ୍ୟାନ କଲେ ଜଣାପଡେ ଯେ, ଏହା କୌଣସି ଆକସ୍ମିକ ଦୁର୍ଘଟଣା ନୁହେଁ ବରଂ ଦୀର୍ଘଦିନର ଅବହେଳାର ପରିଣାମ । ରିପୋର୍ଟ ଅନୁଯାୟୀ, ଭଗୀରଥପୁରା ଅଞ୍ଚଳରେ ଏକ ପୋଲିସ ଫାଣ୍ଡି ନିକଟରେ ଥିବା ସାର୍ବଜନୀନ ଶୌଚାଳୟର ବର୍ଜ୍ୟବସ୍ତୁ ମୁଖ୍ୟ ପାନୀୟ ଜଳ ପାଇପଲାଇନ ସହ ମିଶିଯିବା ଫଳରେ ଏହି ଭୟାବହ ପରିସ୍ଥିତି ସୃଷ୍ଟି ହୋଇଛି । ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ, ଉକ୍ତ ଶୌଚାଳୟଟି ବିନା କୌଣସି ସେପ୍ଟିକ୍ ଟ୍ୟାଙ୍କରେ ନିର୍ମାଣ କରାଯାଇଥିଲା ଏବଂ ଏହା ସିଧାସଳଖ ପାନୀୟ ଜଳ ଯୋଗାଣ ପାଇପ୍ ଉପରେ ଅବସ୍ଥିତ ଥିଲା । ଯେତେବେଳେ ପୁରୁଣା ପାଇପଲାଇନରେ ଲିକେଜ୍ ବା ଛିଦ୍ର ସୃଷ୍ଟି ହେଲା, ସେତେବେଳେ ଶୌଚାଳୟର ଦୂଷିତ ଜଳ ସହଜରେ ପାନୀୟ ଜଳ ସହ ମିଶି ଲୋକଙ୍କ ଘରେ ପହଞ୍ଚିଗଲା । ଏହି ବିଷାକ୍ତ ଜଳ ପିଇବା ଦ୍ୱାରା ଅନେକ ଶିଶୁ, ବୃଦ୍ଧ ଓ ମହିଳା ଗୁରୁତର ଭାବରେ ଅସୁସ୍ଥ ହୋଇପଡିଲେ । ସରକାରୀ ତଥ୍ୟ ଅନୁଯାୟୀ ମୃତ୍ୟୁ ସଂଖ୍ୟା ଭିନ୍ନ ଭିନ୍ନ ରହୁଥିଲେ ମଧ୍ୟ, ସ୍ଥାନୀୟ ମେୟରଙ୍କ ସୂଚନା ମୁତାବକ ପ୍ରାୟ ୧୦ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଶହ ଶହ ଲୋକ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ମୃତକଙ୍କ ମଧ୍ୟରେ ଦୀର୍ଘ ଦଶ ବର୍ଷର ପ୍ରତୀକ୍ଷା ପରେ ଜନ୍ମ ହୋଇଥିବା ଏକ ଛଅ ମାସର ଶିଶୁପୁତ୍ର ମଧ୍ୟ ଅନ୍ତର୍ଭୁକ୍ତ, ଯାହା ଏହି ଟ୍ରାଜେଡିର ଗମ୍ଭୀରତାକୁ ଆହୁରି ବଢାଇ ଦେଇଛି ।

ଇନ୍ଦୋର ମହାନଗର ନିଗମ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ରାସ୍ତାଘାଟ ସଫା ରଖିବାରେ ସ୍ୱୀକୃତି ପାଇଛି ସତ, କିନ୍ତୁ ମାଟି ତଳେ ଥିବା ଜଳ ଯୋଗାଣ ଓ ଡ୍ରେନେଜ୍ ବ୍ୟବସ୍ଥାର ରକ୍ଷଣାବେକ୍ଷଣରେ ଏହା ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ଏହି ଘଟଣାରୁ ପ୍ରମାଣିତ ହୁଏ । ସହରର ସୌନ୍ଦର୍ଯ୍ୟକରଣ ଉପରେ ଯେତିକି ଗୁରୁତ୍ୱ ଦିଆଯାଉଛି, ନାଗରିକଙ୍କ ମୌଳିକ ସୁବିଧା ଓ ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ସେତିକି ଧ୍ୟାନ ଦିଆଯାଉ ନାହିଁ । ସ୍ଥାନୀୟ ବାସିନ୍ଦାମାନେ ଦୀର୍ଘ ଦିନ ଧରି ଦୁର୍ଗନ୍ଧଯୁକ୍ତ ଓ ମଇଳା ପାଣି ଆସୁଥିବା ନେଇ ଅଭିଯୋଗ କରିଆସୁଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି କର୍ଣ୍ଣପାତ କରିନଥିଲା । ଯଦି ସମୟ ଥାଉ ଥାଉ ଅଧିକାରୀମାନେ ଚେତିଥାନ୍ତେ ଏବଂ ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ କରିଥାନ୍ତେ, ତେବେ ହୁଏତ ଏତେଗୁଡିଏ ଅମୂଲ୍ୟ ଜୀବନ ବଞ୍ଚିଯାଇ ପାରିଥାନ୍ତା । ଏହା କେବଳ ଏକ ଯାନ୍ତ୍ରିକ ତ୍ରୁଟି ନୁହେଁ, ବରଂ ଏହା ପ୍ରଶାସନିକ ସମ୍ବେଦନହୀନତା ଏବଂ ଦାୟିତ୍ୱହୀନତାର ଏକ ଜ୍ୱଳନ୍ତ ଉଦାହରଣ । ସ୍ୱଚ୍ଛ ସର୍ବେକ୍ଷଣର ମାନଦଣ୍ଡ କେବଳ ବାହ୍ୟ ପରିଷ୍କାର ପରିଚ୍ଛନ୍ନତା ଉପରେ ସୀମିତ ନରହି, ପାନୀୟ ଜଳର ଗୁଣବତ୍ତା ଏବଂ ଭୂତଳ ଡ୍ରେନେଜ୍ ବ୍ୟବସ୍ଥାର ସୁରକ୍ଷାକୁ ମଧ୍ୟ ଅନ୍ତର୍ଭୁକ୍ତ କରିବା ନିହାତି ଆବଶ୍ୟକ ।

ଏହି ଘଟଣା ପରେ ପ୍ରଶାସନ ପକ୍ଷରୁ କିଛି ଅଧିକାରୀଙ୍କୁ ନିଲମ୍ବିତ କରାଯାଇଛି ଏବଂ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି, କିନ୍ତୁ ଏହା କ'ଣ ଯଥେଷ୍ଟ ? ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେଇଦେଲେ କିମ୍ବା କିଛି କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ସମସ୍ୟାର ସ୍ଥାୟୀ ସମାଧାନ ହେବନାହିଁ। ଏଥିପାଇଁ ଏକ ବ୍ୟାପକ ଏବଂ ଦୀର୍ଘମିଆଦି ଯୋଜନାର ଆବଶ୍ୟକତା ରହିଛି । ସହରର ପୁରୁଣା ପାଇପଲାଇନ ଗୁଡ଼ିକୁ ଚିହ୍ନଟ କରି ତୁରନ୍ତ ବଦଳାଇବା, ପାନୀୟ ଜଳ ପାଇପ୍ ଏବଂ ସ୍ୱେରେଜ୍ ଲାଇନ୍ ମଧ୍ୟରେ ନିରାପଦ ଦୂରତା ବଜାୟ ରଖିବା ଏବଂ ନିୟମିତ ଭାବରେ ଜଳର ଗୁଣବତ୍ତା ପରୀକ୍ଷା କରିବା ପାଇଁ କଡା ନିୟମ ପ୍ରଣୟନ ହେବା ଜରୁରୀ । ଏହା ସହିତ, ନାଗରିକମାନଙ୍କ ଅଭିଯୋଗ ଶୁଣିବା ପାଇଁ ଏକ ସକ୍ରିୟ ବ୍ୟବସ୍ଥା ରହିବା ଦରକାର, ଯାହାଦ୍ୱାରା ଛୋଟ ସମସ୍ୟା ଗୁରୁତର ରୂପ ଧାରଣ କରିବା ପୂର୍ବରୁ ତାହାର ସମାଧାନ ହୋଇପାରିବ । ରାଜନୈତିକ ନେତୃବୃନ୍ଦ ମଧ୍ୟ ନିଜର ଦାୟିତ୍ୱକୁ ବୁଝିବା ଆବଶ୍ୟକ । ସାମ୍ବାଦିକମାନଙ୍କ ପ୍ରଶ୍ନରେ ବିରକ୍ତ ନହୋଇ କିମ୍ବା ନିଜର ବିଫଳତାକୁ ଲୁଚାଇବାକୁ ଚେଷ୍ଟା ନକରି, ସତ୍ୟକୁ ସ୍ୱୀକାର କରିବା ଏବଂ ଭବିଷ୍ୟତରେ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନହୁଏ ସେଥିପାଇଁ ଦୃଢ଼ ପଦକ୍ଷେପ ନେବା ଜଣେ ଜନପ୍ରତିନିଧିଙ୍କର ପ୍ରଥମ କର୍ତ୍ତବ୍ୟ ହେବା ଉଚିତ ।

ଇନ୍ଦୋରର ଏହି ଜଳ ଦୂଷିତକରଣ ଘଟଣା ଭାରତର ଅନ୍ୟାନ୍ୟ ଦ୍ରୁତ ବିକାଶଶୀଳ ସହରଗୁଡ଼ିକ ପାଇଁ ମଧ୍ୟ ଏକ ସତର୍କ ଘଣ୍ଟି ସଦୃଶ । ଆମ ଦେଶର ଅଧିକାଂଶ ସହରରେ ପାନୀୟ ଜଳ ଯୋଗାଣ ପାଇପ୍ ଗୁଡ଼ିକ ଦଶନ୍ଧି ଦଶନ୍ଧି ପୁରୁଣା ଏବଂ ଅନେକ ସ୍ଥାନରେ ଏହା ନର୍ଦ୍ଦମା ନାଳ ଦେଇ ଗତି କରିଥାଏ । ଅନିୟନ୍ତ୍ରିତ ସହରୀକରଣ ଏବଂ ଜନସଂଖ୍ୟା ବିସ୍ଫୋରଣ ଯୋଗୁଁ ଭିତ୍ତିଭୂମି ଉପରେ ଅତ୍ୟଧିକ ଚାପ ପଡୁଛି । ଏଭଳି ପରିସ୍ଥିତିରେ ଯଦି ଆମେ କେବଳ ଉପର ଠାଉରିଆ ବିକାଶରେ ମାତି ରହିବା, ତେବେ ଇନ୍ଦୋର ଭଳି ଘଟଣା ଅନ୍ୟ ସହରମାନଙ୍କରେ ଘଟିବା ଅସମ୍ଭବ ନୁହେଁ । ସ୍ମାର୍ଟ ସିଟିର ଅର୍ଥ କେବଳ ୱାଇ-ଫାଇ ଜୋନ୍ କିମ୍ବା ସୁନ୍ଦର ପାର୍କ ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ, ସ୍ୱଚ୍ଛ ବାୟୁ ଏବଂ ଉତ୍ତମ ସ୍ୱାସ୍ଥ୍ୟ ସେବା ସୁନିଶ୍ଚିତ କରିବା । ଜୀବନ ଧାରଣ ପାଇଁ ଜଳ ଅପରିହାର୍ଯ୍ୟ, ଏବଂ ଯେତେବେଳେ ପ୍ରଶାସନ ଏହି ମୌଳିକ ଅଧିକାର ଯୋଗାଇବାରେ ବିଫଳ ହୁଏ, ସେତେବେଳେ ସମସ୍ତ ବିକାଶର ଦାବି ନିରର୍ଥକ ମନେହୁଏ । ପରିଶେଷରେ, ଇନ୍ଦୋରର ଏହି ଦୁଃଖଦ ଘଟଣାରୁ ଶିକ୍ଷା ନେଇ ସରକାର ଏବଂ ସ୍ଥାନୀୟ ପ୍ରଶାସନ ତୁରନ୍ତ ଚେତି ଉଠିବା ଆବଶ୍ୟକ । କେବଳ ତଦନ୍ତ କମିଟି ଗଠନ କରିଦେଲେ କାମ ସରିଯିବ ନାହିଁ, ବରଂ ତୃଣମୂଳ ସ୍ତରରେ କାର୍ଯ୍ୟ କରିବାକୁ ପଡିବ । ଜନସ୍ୱାସ୍ଥ୍ୟ ସହ ଜଡିତ ଯେକୌଣସି ପ୍ରକଳ୍ପରେ ସାଲିସ୍ ନକରି, ଗୁଣବତ୍ତା ଏବଂ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ହେବ । ଏହା ସହିତ ଜନସାଧାରଣ ମଧ୍ୟ ସଚେତନ ହେବା ଜରୁରୀ ଏବଂ ନିଜ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିବା ଆବଶ୍ୟକ । ଯେପର୍ଯ୍ୟନ୍ତ ସହରର ଶେଷ ମଣିଷଟି ନିର୍ଭୟରେ ଏବଂ ନିରାପଦରେ ପାନୀୟ ଜଳ ପାଇପାରି ନାହିଁ, ସେପର୍ଯ୍ୟନ୍ତ କୌଣସି ସହର ପ୍ରକୃତ ପକ୍ଷେ 'ସ୍ମାର୍ଟ' କିମ୍ବା 'ସ୍ୱଚ୍ଛ' ବୋଲି ଦାବି କରିପାରିବ ନାହିଁ । ଇନ୍ଦୋରର ହୃତ ଗୌରବ ଫେରାଇ ଆଣିବାକୁ ହେଲେ ପ୍ରଶାସନକୁ ଏବେ ଯୁଦ୍ଧକାଳୀନ ଭିତ୍ତିରେ କାମ କରିବାକୁ ପଡିବ, ଯାହାଦ୍ୱାରା ଭବିଷ୍ୟତରେ ଆଉ କୌଣସି ନାଗରିକକୁ ପାଣି ପିଇ ଜୀବନ ଦେବାକୁ ପଡିବ ନାହିଁ।

# ଜାନୁୟାରୀ ୧ କ'ଣ ଆମ ଭାରତୀୟ ପରମ୍ପରାର ନବବର୍ଷ ?



**ଗୋପାଳ ମହାପାତ୍ର**

ଏହା ଏକ ବିଡମ୍ବନା ଯେ ଯେତେବେଳେ ଡିସେମ୍ବର ୩୧ ତାରିଖର ଅର୍ଦ୍ଧରାତ୍ରୀରେ ସାରା ଦୁନିଆ ଘଣ୍ଟାର ସବୁ କଣ୍ଟା ୧୨ରେ ପହଞ୍ଚିବା ପର୍ଯ୍ୟନ୍ତ ଅପେକ୍ଷା କରିଥାଏ ସେତେବେଳେ ଆମେ କେବଳ ଏକ ତାରିଖକୁ ବଦଳାଉ ନାହେଁ ବରଂ ଅଜାଣତରେ ଏକ ପଦ୍ଧତିକୁ ସ୍ୱୀକାର କରିନେଉଛେ ଯାହାର ସମ୍ପର୍କ ଆମ ପ୍ରକୃତି ଭୂଗୋଳ ଏବଂ ସଂସ୍କୃତି ସହ ନାହିଁ। ଏ ପ୍ରସଙ୍ଗରେ ପ୍ରଶ୍ନ ମଧ୍ୟ ସରଳ - କ'ଣ ବାସ୍ତବରେ ଏହା ନୂଆବର୍ଷ ଅଟେ ? ସମୟର ନିରନ୍ତରତାରେ ଏକ ସଂଖ୍ୟାର ପରିବର୍ତ୍ତନ ପ୍ରଶାସନିକ ସୁବିଧା ତ ହୋଇପାରେ କିନ୍ତୁ କ'ଣ ଏହା ସେଇ ନବୀନତାର ପ୍ରତୀକ ଅଟେ ଯାହାକୁ ଆମେ ନବ ବର୍ଷ କହୁଛେ ? ଭାରତ ଏକ ପ୍ରାଚୀନ ଏବଂ ଜ୍ଞାନ ସମୃଦ୍ଧ ଦେଶ ଅଟେ ଯେଉଁଠି କାଳର ଗଣନା କେବଳ ଏକ ଅଙ୍କର ଖେଳ ନୁହେଁ ବରଂ ଖଗୋଳ ବିଜ୍ଞାନ ଏବଂ ପ୍ରକୃତିର ଅନ୍ତଃସଂଘର୍ଷର ମହାକାବ୍ୟ ଅଟେ। ଏଣୁ ଏ ପ୍ରସଙ୍ଗରେ ବିମର୍ଷର ଆବଶ୍ୟକତା ରହିଛି। ଆମକୁ ଏକଥା ମଧ୍ୟ ବୁଝିବାକୁ ପଡିବ ଯେ ପାଶ୍ଚାତ୍ୟ କ୍ୟାଲେଣ୍ଡର ଏବଂ ଭାରତୀୟ ପଞ୍ଜାଙ୍ଗ ମଧ୍ୟରେ ପାର୍ଥକ୍ୟ କେବଳ ତିଥି ନୁହେଁ ବରଂ କ୍ୟାଲେଣ୍ଡର ଏବଂ ପଞ୍ଜାଙ୍ଗ ମଧ୍ୟରେ ଦୃଷ୍ଟି ଏବଂ ଦର୍ଶନର ପାର୍ଥକ୍ୟ ରହିଛି।

ଗ୍ରୋଗୋରିୟନ କ୍ୟାଲେଣ୍ଡର ଯାହା ଆଜି ବିଶ୍ୱସ୍ତରରେ ପ୍ରଶାସନିକ କାର୍ଯ୍ୟ ପାଇଁ ବ୍ୟବହାର କରାଯାଉଛି ତାହା ମୂଳତଃ ସୌରଚକ୍ର ଉପରେ ଆଧାରିତ ଏମିତି ଏକ ବ୍ୟବସ୍ଥା ଯାହାକୁ ତତ୍କାଳୀନ ରୋମାନ ସାମ୍ରାଜ୍ୟ ଏବଂ ପରିବର୍ତ୍ତି ସମୟରେ ବ୍ରିଟିଶ ଉପନିବେଶବାଦ ନିଜ ସୁବିଧା ଅନୁସାରେ ଚଳାଇଥିଲେ। ଏହାର ବିପରୀତ ଭାରତୀୟ କାଳଗରନା ସୌର ଏବଂ ଚନ୍ଦ୍ର ଉଭୟଙ୍କ ଗତିର ଏକ ଅଦ୍ଭୁତ ସମନ୍ୱୟ ଓ ଏହା ବ୍ରହ୍ମାଣ୍ଡର ସନ୍ତୁଳନକୁ ଦର୍ଶାଇଥାଏ। ଜାନୁୟାରୀ ୧କୁ ଯେତେବେଳେ ଆମେ ନୂଆବର୍ଷ ଭାବେ ପାଳନ କରୁଛେ ସେତେବେଳେ ସାରା ବିଶ୍ୱରେ ଶୀତ ବା ଥଣ୍ଡାର ସମୟ ଚାଲିଥାଏ, ଗଛରୁ ପତ୍ର ଝଡିଯାଇଥାଏ ଏବଂ ପ୍ରକୃତି ଏକପ୍ରକାର ସୁପ୍ତ ଅବସ୍ଥାରେ ଥାଏ। ବାତାବରଣରେ କୌଣସି ଜୈବିକ ପରିବର୍ତ୍ତନ ହୋଇନଥାଏ କିମ୍ବା ବାୟୁମଣ୍ଡଳରେ ବା ପବନରେ ଉଷ୍ମତା ମଧ୍ୟ ନଥାଏ ଯାହା କୌଣସି ନୂଆ ପ୍ରାରମ୍ଭର ସୂଚନା ଦେଇପାରିବ। ଏହା କେବଳ କ୍ୟାଲେଣ୍ଡରର ପୃଷ୍ଠା ଓଲଟାଇବାର କଥା ଯେଉଁଥିରେ କୌଣସି ଭାବନାତ୍ମକ ସମ୍ପର୍କ ନଥାଏ। ଏପରିକି ଏଥି ସହ କୌଣସି ସାଂସ୍କୃତିକ ସମ୍ପର୍କ ବି ନଥାଏ। ଏହାର ବିପରିତ ଯଦି ଚୈତ୍ର ଶୁକ୍ଳପକ୍ଷ ପ୍ରତିପଦାକୁ ଦେଖିବା ତେବେ ଦେଖାଯିବ ଯେ କେମିତି ସୃଷ୍ଟି ନିଜକୁ ନୂଆ ରପରେ ସଜାଇଛି। ଏହି କାଳଖଣ୍ଡ କେବଳ ଏକ ତିଥିର ଆଗମନ ନୁହେଁ ବରଂ ପ୍ରକୃତିର ପୁନର୍ଜନ୍ମ ଅଟେ। ଚୈତ୍ର ମାସରେ ପୃଥିବୀର ସୌନ୍ଦର୍ଯ୍ୟକୁ ବର୍ଣ୍ଣନା କରାଯାଇ ପାରିବ ନାହିଁ। ଗଛରେ ନୂଆ ପତ୍ର କଅଁଳିଥାଏ, ବିଗିଚାରେ ଆମ୍ବର ବାସ୍ନା ଭରିରହିଥାଏ ଏବଂ କ୍ଷେତର ରବି ଫସଲ କୃଷକଙ୍କ ସଫଳତାର କଥା କହିଥାଏ। ଏହା ହିଁ ତ ପ୍ରକୃତ ନବବର୍ଷ ଯେଉଁଠି ଜୀବନର ସଞ୍ଚାର ଥାଏ, ସମସ୍ତ ଜୀବ ଜନ୍ତୁ ଏବଂ ବନସ୍ପତିରେ ନୂଆ ଚେତନା ଜାଗୃତ ହୋଇଥାଏ। ଭାରତୀୟ ସଂସ୍କୃତିରେ ନବବର୍ଷର ଅର୍ଥ ନୂଆ ଜୀବନ ଏବଂ ନୂଆ ଆଶା ଯାହା ପ୍ରତ୍ୟକ୍ଷ ଭାବେ ଆମର ପରିବେଷରେ ଦେଖିବାକୁ ମିଳିଥାଏ। କ୍ଷେତରୁ ଅନ୍ନ (ଖାଦ୍ୟଶସ୍ୟ) ଆସିଲେ ତାହା କେବଳ କୃଷକଙ୍କ ସମୃଦ୍ଧି ନୁହେଁ ବରଂ ରାଷ୍ଟ୍ରର ଖାଦ୍ୟ ସୁରକ୍ଷା ଏବଂ ଉଲ୍ଲାସର ପ୍ରତୀକ ପାଲଟିଯାଏ। ଏଣୁ ଭାରତୀୟ ନବବର୍ଷର ଭଗୀର ସମ୍ପର୍କ ସେଇ ମାଟି ସହ ରହିଛି ଯିଏ ଆମକୁ ଜୀବନ ଦେଇଥାଏ। ୩୧ ଡିସେମ୍ବର ରାତ୍ରୀରେ ହେଉଥିବା ଉତ୍ସବ ପାଳନ ସେଇ ଶାନ୍ତିପୂର୍ଣ୍ଣ ଏବଂ ଜୀବନ୍ତ ପରିବର୍ତ୍ତନର ସମକକ୍ଷ ହୋଇପାରିବ ନାହିଁ ଯାହା ଚୈତ୍ରର ପ୍ରଥମ କିରଣ ସହ ବ୍ରହ୍ମାଣ୍ଡରେ ଘଟିଥାଏ। ସାମାଜିକ ଏବଂ ବ୍ୟବହାରିକ ଦୃଷ୍ଟିରେ ଦେଖିଲେ ଭାରତର ବାସ୍ତବିକ୍ ଜୀବନ ଚକ୍ର ମାର୍ଚ୍ଚ- ଏପ୍ରିଲର ଚାରିପଟେ ଘୁରି ବୁଲିଥାଏ। ଆମର ବିଦ୍ୟାଳୟ ମାନଙ୍କରେ ନୂଆ ଶିକ୍ଷାବର୍ଷ ଏହି ସମୟରେ ଆରମ୍ଭ ହୋଇଥାଏ। ଦେଶର ଆର୍ଥୀକ ବର୍ଷ ମଧ୍ୟ ଏହି ସମୟରେ ଶେଷ ହୋଇ ନୂଆ ଆର୍ଥୀକ ବର୍ଷର ପ୍ରାରମ୍ଭ ହୋଇଥାଏ। ବ୍ୟାଙ୍କଠାରୁ ଆରମ୍ଭ କରି ସରକାରୀ କାର୍ଯ୍ୟାଳୟ ସବୁଠି ଆର୍ଥୀକ ଏବଂ ଯୋଜନାରତ ସ୍ତରରେ ଆମେ ମାର୍ଚ୍ଚ ଶେଷ ଓ ଅପ୍ରେଲ ପ୍ରାରମ୍ଭକୁ ବିନ୍ଦୁ ଭାବେ ଗ୍ରହଣ କରିଥାଏ। ଏଥିରୁ ସ୍ପଷ୍ଟ ଯେ ଆମେ ଜାନୁୟାରୀ ୧କୁ ଗ୍ରହଣ କଲେ ମଧ୍ୟ ଆମର ସାମାଜିକ ଏବଂ ଆର୍ଥୀକ ବ୍ୟବସ୍ଥା ଆଜି ମଧ୍ୟ ପ୍ରାଚୀନ କାଳଚକ୍ର ସହ ଜଡ଼ିତା। ଏହି କାଳଖଣ୍ଡରେ ଯେଉଁ ନବୀନତା ଥାଏ ତାହା କେବଳ କାଗଜ କଲମରେ ସୀମିତ ନୁହେଁ ବରଂ ବ୍ୟକ୍ତିର ଦୈନିକ ଜୀବନ ଏବଂ ଭବିଷ୍ୟତର ଯୋଜନାକୁ ଏହି କାଳଖଣ୍ଡ ପ୍ରଭାବିତ କରିଥାଏ।

ଭାରତୀୟ ନବବର୍ଷ କେବଳ ଏକ ଖଗୋଳୀୟ ଘଟଣା ନୁହେଁ ବରଂ ଆଧ୍ୟାତ୍ମିକ ଏବଂ ସାଧନାର ପର୍ବଅଟେ। ପୁରାଣ ଅନୁସାରେ ଚୈତ୍ରମାସ ଶୁକ୍ଳପକ୍ଷ ପ୍ରତିପଦା ଦିନ ବ୍ରହ୍ମା ସୃଷ୍ଟିର ରଚନା ଆରମ୍ଭ କରିଥିଲେ ଏବଂ ଏହିଦିନ ମହାରାଜା ବିକ୍ରମାଦିତ୍ୟ ବିକ୍ରମ ସମ୍ୱତ୍ସରର ପ୍ରାରମ୍ଭ କରି ଭାରତର ଏକ ନୂଆ ଐତିହାସିକ ପରିଚୟ ସୃଷ୍ଟି କରିଥିଲେ। ଏହି ସମ୍ୱତ୍ସର ଆମର ବିଜୟ, ଆମର ସ୍ୱାଭିମାନ ଏବଂ ଆମ ବୈଜ୍ଞାନିକ ଜ୍ଞାନର ପ୍ରତୀକ ଅଟେ। ଏହାର ବିପରୀତ ୩୧ ଡିସେମ୍ବର ମଧ୍ୟରାତ୍ରୀର ଯେଉଁ ଦୃଶ୍ୟ ଆମ ନଜରକୁ ଆସେ ତାହା ଚିନ୍ତାଜନକ। ଆଧୁନିକତା ନାମରେ ମଦ୍ୟପାନ ଏବଂ ଅନିୟନ୍ତ୍ରିତ ହୋ ହାଲ୍ଲା ଉତ୍ସବକୁ ବିକୃତ କରିଦେଇଥାଏ। ଆତ୍ମାକୁ ପରିଷ୍କୃତ କରି ଯିଏ ସମାଜରେ ସୌହାର୍ଦ୍ଦ୍ୟ ଏବଂ ମର୍ଯ୍ୟାଦାର ସ୍ଥାପନ କରେ ତାକୁ ଉତ୍ସବ କୁହାଯାଏ। ପାଶ୍ଚାତ୍ୟ ସଭ୍ୟତାର ଅନୁକରଣ ଆମକୁ କେବଳ କ୍ଷଣିକ ଇନ୍ଦ୍ରୀୟ ତୃପ୍ତି ଦେଇପାରେ। ଐତିହାସିକ ଓ ବୈଜ୍ଞାନିକ ସ୍ତରରେ ଭାରତୀୟ ପଞ୍ଜାଙ୍ଗ ଶ୍ରେଷ୍ଠ ଅଟେ। ଗ୍ରୋଗୋରିୟନ କ୍ୟାଲେଣ୍ଡରରେ ଅନେକ ସମୟରେ ସଂଶୋଧନରେ ଆବଶ୍ୟକତା ପଡିଥାଏ କିନ୍ତୁ ଭାରତୀୟ ଗଣନାରେ ସୂର୍ଯ୍ୟ, ଚନ୍ଦ୍ର ଏବଂ ନକ୍ଷତ୍ରଙ୍କ ସ୍ଥିତି ଏତେ ସଠିକ ରହିଛି ଯେ ଚନ୍ଦ୍ରଗ୍ରହଣ ସୂର୍ଯ୍ୟପରାଗ ବାବଦରେ ସଠିକ୍ ସୂଚନା ମିଳିପାରୁଛି। ଏହି ସମୟରେ ସୂର୍ଯ୍ୟ ଉତ୍ତରାୟଣ ହୋଇଥାନ୍ତି ଏବଂ ତାଙ୍କ ଶକ୍ତି (ଉତ୍ତାପ) ଉଚ୍ଚତମ ସ୍ତର ପର୍ଯ୍ୟନ୍ତ ବଢ଼ିଯାଇଥାଏ ଯାହା ମାନବୀୟ ସ୍ୱାସ୍ଥ୍ୟ ଏବଂ ଦୀର୍ଘାୟୁ ହେବା ପାଇଁ ଶୁଭ ବୋଲି କୁହାଯାଏ। ବିଜ୍ଞାନ ସମ୍ମତ ହେବାର ଅର୍ଥ ହେଉଛି ଏହା ପ୍ରକୃତିର ନିୟମର ଅନୁକୂଳ ହେବା ଉଚିତ। ଏହା କୌଣସି ଧର୍ମ ବା ସଂପ୍ରଦାୟର ବିଶୟ ନୁହେଁ ବରଂଚ ଏକ ସାର୍ବଭୌମିକ ଖଗୋଳୀୟ ସତ୍ୟଅଟେ ଯାହା ଆମ ଋଷିମୂନୀମାନେ କରିଯାଇଛନ୍ତ। ଏବେ ସବୁଠୁ ବଡ଼ ସମସ୍ୟା ହେଉଛି ଆମ ମାନସିକତା। ଆମେ ଏବେ ଆମ ପରମ୍ପରାରୁ ଦୁରେଇ ଯାଉଛେ ଓ ପାଶ୍ଚାତ୍ୟ ରୀତି-ନୀତିକୁ ଆପଣେଇବାରେ ଲାଗିଛେ। ଜାନୁୟାରୀ ୧କୁ ନୂଆବର୍ଷ ଭାବେ ପାଳନକରି ଆମେ ଏକ ପ୍ରକାର ସାଂସ୍କୃତିକ ଦାସତାକୁ ଗ୍ରହଣ କରିନେଉଛି। ଆଧୁନୀକ ହେବାର ଅର୍ଥନୁହେଁ ନିଜର ମୂଳକଥାକୁ ଭୁଲିଯିବା ବରଂ ନିଜର ପରମ୍ପରାର ବୈଜ୍ଞାନିକ ଏବଂ ତାର୍କିକ ଆଧାରକୁ ବୁଝିତାକୁ ଗର୍ବର ସହ ପାଳନ କରିବା ହିଁ ଆଧୁନିକତା। ପ୍ରଶାସନିକ କାର୍ଯ୍ୟପାଇଁ ବୈଶ୍ୱିକ ମାନକକୁ ଗ୍ରହଣ କରାଯାଇପାରେ କିନ୍ତୁ ନିଜର ସାସ୍କୃତିକ ପରିଚୟକୁ ଭୁଲିଯିବା ଉଚିତ୍ ନୁହେଁ। ଆମେ ବୁଝିବା ଉଚିତ୍ ଯେ କ୍ୟାଲେଣ୍ଡର କେବଳ ତାରିଖ ବଦଳାଏ ନାହିଁ ବରଂ ଆମର ମାନସିକତା ଏବଂ ବ୍ୟବହାରକୁ ଦିଗ୍‌ଦର୍ଶନ ଦେଇଥାଏ। ଯଦି ଆମେ ଆମ ସଂସ୍କୃତିର ଅନୁରପ ନବବର୍ଷ ପାଳିବା ତେବେ ତାହା ଆମର ମାଟି, ଆମ ପୂର୍ବଜ ଏବଂ ଆମ ପ୍ରକୃତି ପ୍ରତି କୃତଜ୍ଞତା ପ୍ରଦର୍ଶିତ କରିବ। ନିଷ୍କର୍ଷ ହେଉଛି ସମୟର ଧାରାରେ ସେଇ ରାଷ୍ଟ୍ର ଜୀବିତ ଏବଂ ଶସକ୍ତ ରହେ ଯିଏ ନିଜର ମୂଳଦୁଆ ସହ ଯୋଡି ହୋଇ ରହିଥାଏ। ଭାରତୀୟ ନବବର୍ଷ ନୂଆ ହେବା ସହ ପୁନର୍ନବ ହେବାର ସନ୍ଦେଶ ଦେଇଥାଏ। ଏହାର ଅର୍ଥ ହେଉଛି ପ୍ରତ୍ୟେକ ବର୍ଷ ନିଜକୁ ପୁନଃ ନୂଆ କରିଥାଏ, ନିଜର ବିଚାରକୁ ଶୁଦ୍ଧ କରିଥାଏ ଏବଂ ପ୍ରକୃତି ସହ ତାଳମିଳାଇ ଚାଲିବାର ସନ୍ଦେଶ ଦେଇଥାଏ। ଏହା କେବଳ ଗୋଟିଏ ଦିନର ଉତ୍ସବ ନୁହେଁ ବରଂ ଏକ ସଂକଳ୍ପ ଅଟେ। ଆମେ ସେଇ ନବବର୍ଷକୁ ସ୍ୱାଗତ କରିବା ଉଚିତ୍ ଯିଏ ଆମକୁ ସଂସ୍କାର ଦେଇଥାଏ, ଯିଏ ଆମକୁ ବିଜ୍ଞାନ ସହ ଯୋଡିଥାଏ ଏବଂ ଆମ ମହାନ୍ ଭାରତୀୟ ପରମ୍ପରାର ଗୌରବର ଗାଥା ବଖାଣିଥାଏ। ସଂସ୍କୃତି ପ୍ରତି ସ୍ୱାଭିମାନ ହିଁ ଆମ ରାଷ୍ଟ୍ରର ଭବିଷ୍ୟତକୁ ଉଜ୍ଜ୍ୱଳ ଏବଂ ଯଶସ୍ୱୀ କରାଇ ପାରିବ।

+ରାମଚନ୍ଦ୍ରପୁର, ରଣପୁଣର
ମୋ:୯୪୩୮୪୮୫୦୯୪

# ସତ୍‌ସଙ୍ଗର ଆଭିମୁଖ୍ୟ



**ସୁବାସ ଚନ୍ଦ୍ର ସାହାଣୀ**

ସତ୍ୟ ସହ ସଂଯୁକ୍ତତା, ସତ୍ୟକୁ ଅନୁସରଣ କରିବା, ସତ୍ୟାନୁସନ୍ଧାନ ପ୍ରତି ଅନୁରାଗ, ସତ୍ୟକୁ ଭଲପାଇବା, ପ୍ରମେୟ ପ୍ରୀତିକୁ ଅଙ୍ଗୀକାର କରି ସତ୍ୟାଶ୍ରିତ ହେ୍ୱା ମାନବୀୟ ମହତ୍ତ୍ୱବୋଧକୁ ପ୍ରତି ପାଦିତକରିବା। ତେବେ ସ୍ୱତଃ ପ୍ରଶ୍ନବାଚୀ ମନକୁ ଆନ୍ଦୋଳିତ କରେ ସତ୍ୟ କ'ଣ ? ଏହାର ବାସ୍ତବତା ମୌଳିକ ମୂଲ୍ୟବୋଧ ପ୍ରତି ଆମେ କେତେ ସଂବେଦନଶୀଳ ? ଶ୍ରୀମଦ୍‌ଭଗବଦ୍ଗୀତାନୁସାରେ -

'ଜାତସ୍ୟ ହି ଧ୍ରୁବୋ ମୃତ୍ୟୁ,
ଧ୍ରୁବଂ ଜନ୍ମ ମୃତସ୍ୟ ଚ।
ତସ୍ମାତ୍ ପରିହାର୍ୟର୍ଥେ
ନ ତ୍ୱଂ ଶୋଚିତୁର୍ହସି ।।
(ଗୀତା-୨/୨୭)

'ଜୀବନ ଅୟାରାମ୍ଭଠୁଁ କ୍ରମ ଗତିଶୀଳ ମୃତ୍ୟୁ ପଥପର୍ଯ୍ୟନ୍ତ ଅବଲମ୍ବିତ ରେଖା ଅକଳ୍ପନୀୟ, ଅବିସଂବାଦିତ ଅଭୂତ, ଆଶ୍ଚର୍ଯ୍ୟ ଚକିତ ଅଲୌକିକ ବିସ୍ମୟ ଲୀଳାବୋଧ। ଅନିର୍ବାର୍ଯ୍ୟ ସତ୍ୟ ଚକ୍ର । ଜନ୍ମ ଓ ମୃତ୍ୟୁ ଖେଳ। ଅରୂପ ସହ ରୂପ। ଆତ୍ମା ସହ ଜିବାତ୍ମାର ସମ୍ମୋହନ କ୍ରିୟା। ଅଦୃଶ୍ୟ ଲୀଳାସ ସଂରଚନା।ଦୃଶରେ ପ୍ରକ୍ଷାଳନ। ରୂପ ମୋହ, ମାୟା, ଆସକ୍ତି, ଅନୁରାଗ, ସମ୍ପୃକ୍ତି। ଆମ ଅଗୋଚରରେ ମୋହନ ଲୀଳା ରଚୁଥିବା ଦିବ୍ୟ ଶକ୍ତି । ସେ ପୁଣି ଥାଏ ନିରାଡ଼ମ୍ବର, ନିର୍ଲିପ୍ତ, ଅନାବିଳ ପ୍ରକାରେ ଆମରି ଭିତରେ। ଦେଖା ଯାଉ ନଥିବା ରୂପର ମାଧୁର୍ଯ୍ୟ।

ଆସୁଥାଏ ପୁନଃ ଯାଉଥାଏ ।ଆପଣ ଇଚ୍ଛାର ସ୍ୱୀୟ ପ୍ରଭାବରେ। ସେଇ ସତ୍ତା।ସେଇ ଦିବ୍ୟ ଶକ୍ତି ସହ ପରିଚିତି ହେବା ସତ୍ ସଙ୍ଗ । ଆହା କି ଅମୃତ ସନ୍ଧାନ ପଥ ଓ ପାଥେୟ। ସତ୍ୟକୁ ଚିହ୍ନିବା କ'ଣ ଏତେ ସହଜ ? ସତ୍ୟ ସହ ବନ୍ଧନ। ସତ୍ୟକୁ ଅନିଭବିବା। ସତ୍ୟ ସହ ନିରନ୍ତର ସମ୍ପର୍କ ଥାପିବା ନିଟୋଳ ହୃଦୟଟେ ଲୋଡ଼ା। ଆଲୋକ ଅନ୍ଧାର ବାଛିବା। ପ୍ରମେୟ ପ୍ରେମରେ ଭିଜିବା କୋଟି ଜନ୍ମ ପୁଣ୍ୟ କର୍ମ। ସଂସ୍କୃତରେ ଏହାର ସନ୍ଧି ବିଚ୍ଛେଦ କି ଅପୂର୍ବତାକୁ ଦର୍ଶାଏ ? ଯଥା-ସତ୍-ସତ୍ୟ, ସଙ୍ଗ୍-ସଙ୍ଗୀତ । ଅର୍ଥାତ୍ ସତ୍ୟର ସଙ୍ଗୀତ। ପରମର ଆରାଧନା। ସତ୍ୟକୁ ପରଖିବା ଅବସଂଭାବ୍ୟ ହେଲେ ହେଁ ତା'ର ଆନୁଗତ୍ୟ ହୋଇ ଅନୁଭବିବା ଯୋଗ୍ୟତା ହାସଲ ପାଇଁ କାୟ, ମନ, ବାକ୍ୟରେ ନିଜକୁ ନିଜ ଭିତରେ ଅନୁଶୀଳିତ କରିବା ଶୁଦ୍ଧ, ପୂତ ପବିତ୍ର ଚିତ୍ତବୃତ୍ତି ସ୍ଥିରତା ଓ ବିଭୂ ଅନୁକମ୍ପା, ଆଶୀର୍ବାଦରେ। ସ୍ମରଣ ରଖିବା ଉଚିତ ଆମେ ସମସ୍ତେ ଅସୀମ, ଅନନ୍ତ ପୂର୍ଣ୍ଣ ସ୍ୱରୂପର ପୂର୍ଣ୍ଣ ଅଂଶ ବିଶେଷ ।ଆମେ ଆନନ୍ଦ ରୂପୀସତ୍ୟରୁ ଉତ୍ସରିତହୋଇ ପୁନଃସତ୍ୟ ସହ ସଂଯୋଗ ସ୍ଥାପନା କରିବାପ୍ରୟାସ ଅର୍ଥରେ ସତ୍ ସଙ୍ଗତ୍ୱ ପ୍ରାପ୍ତି ପ୍ରତି ସାଧନାରେ ବ୍ରତୀ ହେବା। ଏହି ଅର୍ଥରେ ସମସ୍ତ ଜୀବଜଗତ ସତ୍ ସଙ୍ଗ ପ୍ରତି ଧାର୍ଯ୍ୟତାକୁ ଅବଧାରିତ କରେ ।ଆମେ ସମସ୍ତେ ସତସଙ୍ଗୀ । ସୃଷ୍ଟି, ସ୍ଥିତି, ବିଲୟ ଏହାର ପ୍ରକ୍ରିୟା । ଉପନିଷଦଶାନ୍ତିପାଠ ବର୍ଣ୍ଣିତ-

'ଓଁ ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ପୂର୍ଣ୍ଣଂ ମୁଦଚ୍ୟତେ, ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣ ମେବା ବଶିଷ୍ୟତେ ॥
ଶାନ୍ତିପାଠ-୧
(ଇଶାଦୀ ନୌ ଉପନିଷଦ)

ବ୍ରହ୍ମତ୍ୱ ପରିମଣ୍ଡଳରେ ଯା' ଆତଯାତ ସବୁ କିଛି ପୂର୍ଣ୍ଣ। ଅତଃ ଓଁ ବୀଜ ମନ୍ତ୍ରସ୍ଥ ଅନ୍ତର୍ନିହିତ ମୂଳତତ୍ତ୍ୱ ଅଦୈତ ବେଦ। ପ୍ରଣବ ଝଙ୍କାର। ବ୍ରହ୍ମାଣ୍ଡ ସୃଷ୍ଟିର ଆଦ୍ୟ ମହାଧ୍ୱନି। ବ୍ରହ୍ମ ଆଦ୍ୟ,ନିରାକାର। ଅକାର, ଉକାର, ମକାର, ଶାଶ୍ୱତ ସତ୍ୟ ତତ୍ତ୍ୱରେ ସନ୍ନିହିତ । ଏଥିରୁ ଯା' ନିସୃତ ତା'ପୂର୍ଣ୍ଣ, ପୁନଃ ପୂର୍ଣ୍ଣସହ ମିଶ୍ରିତ ହୋଇ ପୂର୍ଣ୍ଣତା ପ୍ରାପ୍ତି ହୁଏ। ଧ୍ରୁବୀୟ ସତ୍ୟରୁ ମହାଧ୍ରୁବୀୟ ସତ୍ୟପ୍ରତି ପ୍ରଲମ୍ବିତ ମଧ୍ୟରେଖା ସୀମା ଜୀବନ ନ୍ୟେପଦୀ ।

କଥା ଭିତରେ ମହାକଥା। ସତ୍ୟକୁ ଉପଲବ୍ଧି କରିବା କ'ଣ ଏତେ ସହଜ କଥା ? ଜନ୍ମ ସତ୍ୟ, ମୃତ୍ୟୁ ସତ୍ୟ ଧ୍ରୁବୀୟ। କିନ୍ତୁ ଏ ଧ୍ରୁବୀୟ ମଧ୍ୟଦେଇ ମହାଧ୍ରୁବୀୟ ତତ୍ତ୍ୱ କ'ଣ ? ସତ୍ ସଙ୍ଗ ଅର୍ଥ ସୂକ୍ଷ୍ମ ମୃତ୍ୟୁପ୍ରାପ୍ତି କରିବା ଅଭିଳାଷ ନା ଅନ୍ୟ କିଛି। ଅପ୍ରାସଙ୍ଗିକ ବୋଧହେଲେ ସାଧାରଣ ଅର୍ଥ ତ ଏହାକୁ ବୁଝାଏ।! ସତ୍ୟର ବି ବିଭାଜନ ଅଛି। ଯଥା- ଭୌତିକ ସତ୍ୟ, ଆଦି ଭୌତିକ ସତ୍ୟ, ଆଧ୍ୟାତ୍ମିକ ସତ୍ୟ, ଶାଶ୍ୱତ ସତ୍ୟ, ଚିରନ୍ତନ ସତ୍ୟ। ଭୌତିକ ବା ବସ୍ତୁଗତ ସତ୍ୟ- ଆମେ ଯା' ଦେଖୁ ତା'ଛବି ସମୂହ ଭୌତିକ ସତ୍ୟ କିନ୍ତୁ କ୍ଷଣସ୍ଥାୟୀ। ଦୃଶ୍ୟ ଭିତରେ ଅଦୃଶ୍ୟ ସତ୍ତାଟିଏ ମୁରୁକି ହସୁଥାଏ। ତାକୁ ଦେଖିବା ଆମ ସାମର୍ଥ ବହିର୍ଭୂତ । ଏଣୁ ଦିବାଲୋକରେ ଆମ ଅଜଣାରେ ଆମେ ଦୁର୍ଘଟଣାର ଶିକାର ହେଉ କିନ୍ତୁ ଏହା ଆମ ଅଗୋଚର ବଡ଼ ଦୁର୍ଭାଗ୍ୟ ସତରେ। ଆଦିଭୌତିକ ସତ୍ୟ- ଆମ ଦର୍ଶନ କ୍ରମୋତ୍ତରଣ ଦ୍ୱାରା ଭବିତବ୍ୟ ଭୋଗ୍ୟ ଫଳାଫଳ ସଂମ୍ପର୍କରେ ଅବଗତ ହେବାର ସାମର୍ଥ ହାସଲ କରିବାକୁ ଯୋଗ୍ୟ ହେବା । ଆଧ୍ୟାତ୍ମିକ ସତ୍ୟ -ଏ ଦ୍ୱୟ ମଧ୍ୟରୁ ଉତ୍ତରିତ ହୋଇ ଆତ୍ମା ସହ ସଂଯୁକ୍ତ ହୋଇଥାଏ ।ଆତ୍ମା ନିର୍ଗୁଣୀୟ ସତ୍ତା। ଶରୀରସ୍ଥ ମଧ୍ୟରେ ଜୀବାତ୍ମା ଆଖ୍ୟା ପାଇ ସ୍ୱୟଂ କ୍ରିୟ ହୋଇ ଶରୀରକୁ କ୍ରିୟାଶୀଳ କରିଥାଏ ନିଚ୍ଛକ, ନିଷ୍କପଟ ଧର୍ମୀୟ ଧାରାରେ। ମଣିଷ ବିବେକାନୁମୋଦିତ ହୁଏ। ଶାଶ୍ୱତ ସତ୍ୟ -ପଦ୍ମପତ୍ର ଜଳ ଭଳି ଢଳ ଢଳ । କ୍ରିୟା, କର୍ମ ସଂମ୍ପାଦନାରେ ଥାଇ ଅସଲଗ୍ନ ହେବା। ଦେହୀନୋସ୍ମିନ ଯଥା ଦେହେ କୌମାରଂ ଯୌବନଂ ଜରା ତଥା ଦେହାନ୍ତର ପ୍ରାପ୍ତି ଧୀରସ୍ଥି ନମୁହ୍ୟତି। ସ୍ଥିତପ୍ରଜ୍ଞ ମୂଦ୍ରାରେ ରହିବା। ଚିରନ୍ତନ ସତ୍ୟ-ବ୍ରାହ୍ମଣତ୍ୱ। ସ୍ୱତ୍ୱ ବ୍ରହ୍ମ ଦର୍ଶନରେ ବିଭୋରିତ । ପୁନଃଶ୍ରୀମଦ୍‌ଭଗବଦ୍ଗୀତାରେ ପରିଷ୍କାର ଭାବେ ଜୀବନ ପଥର ବିଭିନ୍ନ ସ୍ତରକୁ ଭିତ୍ତିକରି ଉପଦେଶ ବର୍ଣ୍ଣିତ ଯଥା-

'ଦେହିନୋସ୍ମିନ ଯଥା
ଦେହେ କୌମାରଂ ଯୌବନଂ ଜରା।
ତଥା ଦେହନ୍ତାର ପ୍ରାପ୍ତି
ଧୀରୋସ୍ତତ୍ର ନ ମୁହ୍ୟତି ।।
(ଗୀତା-୨/୧୩ )

ଆମ ଜୀବନଚର୍ଯ୍ୟା ଭିତରେ ଲୁଚିଥିବା ଭୌତିକ ସତ୍ୟର କି ସୁନ୍ଦର ଉଦାହରଣ। ପ୍ରୀତି ନିୟତ ମୃତ୍ୟୁ ଓ ଜୀବନ ଖେଳ। ରପାନ୍ତରଣର ଅଭିନବ ଶୋଭା। ଆମ ଗୋଚରରେ ଥାଇ ବି ଆମକୁ ଅଗୋଚର ହେଉଥାଏ।

ବାଲ୍ୟରୁ ଶୈଶବ, ଯୌବନରୁ ପୌଢ, ବୃଦ୍ଧାବସ୍ଥା ସବୁ ତ ଆମ ଦୃଶ୍ୟ ଜଗତର। ବିସ୍ମୟ ଭଳି ଲାଗେ। କିନ୍ତୁ ସେ ସବୁ ଥାଏ ଆମର। ଧରି ରଖି ହୁଏନା ତା' ଅବଲୀଳାୟିତ ଲୀଳା ସମୂହକୁ। ବିସ୍ମରଣରେ ହଜି ଯାଉଥାଏ।

ଜଳ ଫୋଟକା ପରି ନିମିଷରେ ନିମିଷର ଅଭୂତ ଆବେଶରେ ଆମେ ବାନ୍ଧି ହେଉ। ଅନାଗତ ଶିଶୁ ପ୍ରତି କେମିତି ଆସକ୍ତି ଆପଣାକୁ ଛାଏଁ ବାନ୍ଧି ହୋଇଯାଏ ଅଜସ୍ର ପ୍ରେମାସକ୍ତ ମୋହ ଭାବନାରେ। ସବୁ ଭିତରେ ସେଇ ସତ୍ୟର ପ୍ରକାଶ ଦୀପ୍ତି ଝଟକୁ ଥାଏ। ସମ୍ପର୍କ ଯୋଡୁଥାଏ, ବିଚ୍ଛିନ୍ନ କରୁଥାଏ ଅହର୍ନିଶି ।

ଆମ ଜୀବନ ଚର୍ଯ୍ୟାକୁ ପ୍ରତି ନିୟତ ଆପଣା ଗୁଣ କର୍ମରେ ସ୍ୱଚ୍ଛ କରିବା ପ୍ରଯତ୍ନ ସତ୍ୟ ପ୍ରତି ଅନୁଗୃହିତ ହେବା । ବିଷ କୁମ୍ଭମ୍ ପୟୋ ମୁଖମ୍ ଆଚରଣ ସତ୍ ସଙ୍ଗର ପରିପନ୍ଥୀ। ଭାବକୁ ପରଖନ୍ତି ଭାବଗ୍ରାହୀ। ସେ ହିଁ ପରମ ସତ୍ୟ ଆଚାର, ଆଚରଣ ଦ୍ୱାରା ସତ୍ୟଗୁଣଦୟା, କ୍ଷମା, ତିତୀକ୍ଷା, ସେବା, ଅନୁକମ୍ପା, ସହଯୋଗ, ସାହାର୍ଯ୍ୟ, ମାନବୀୟ ସଂବେଦନ, ନିଃସ୍ୱାର୍ଥ, ସତ୍ୟବାଦିତା, ନିର୍ଭୀକତା ପ୍ରଭୃତି ସତ୍ ସଙ୍ଗ ମହତମ ଉପାଦାନ।

ବିନୁ ସତ୍ ସଙ୍ଗ ବିବେକ ନହୋଇ,
ରାମ କୃପା ବିନୁ ସୁଲ୍ଲଭ ନ ହୋଇ ।'
(ରାମଚରିତ ମାନସ-ତୁଳସୀ ଦାସ ।)

'ଜାଡ୍ୟମ୍ ଧିୟୋ ହାରତି ବାଚି ସତ୍ୟଂ,
ମାନୋନ୍ନତିଂ ଦିଶତି ପାପମପାକରୋତି ।
ଚେତଃ ପ୍ରସାଦୟତି ଦିକ୍ଷୁ ତ ନୋତି କୀର୍ତ୍ତି, ସତ୍ୟ ସଂଗତିଃ କଥମ୍ କିମ୍ ନ କରୋତି ପୁସାଂମ୍ ? ନୀତିଶତକ ତ୍ରୟମ୍- ଭର୍ତ୍ତୃହରି। ସତ୍ ସଂଗତି ବୁଦ୍ଧି, ଜଡତା ବିନାଶ କରି ବାଣୀରେ ସତ୍ୟର ସଂଚାର କରେ। ମାନ, ସମ୍ମାନ ବୃଦ୍ଧି ସହ ପାପ ସମୂହକୁ ଦୂରୀଭୂତ କରେ। ସ୍ୱୀୟ ଯଶ ଚତୁର୍ପାର୍ଶ୍ୱରେ ବିକଶିତ କରେ। ଅତଃ ସତ୍ ସଂଗତି ମନୁଷ୍ୟର କି କି ଶ୍ରୀବୃଦ୍ଧି ନକରେ ? ସ୍ମରଣ ରଖିବାକୁ ହେବ, ସତ୍ ସଙ୍ଗ ଆଳରେ ସାମ୍ପ୍ରଦାୟିକ ହିଂସା, ଦ୍ୱେଷ, ଈର୍ଷା, ପରାଶ୍ରୀକାତରତା ଭଳି ଅମାନବୀୟ ଅମାନୁଷିକ ଚରିତ୍ର, ସତ୍ ସଙ୍ଗ ପରିପନ୍ଥୀ। ଯାହା ସାମ୍ପ୍ରତିକ ପ୍ରରିପ୍ରେକ୍ଷୀରେ ବହୁଳ ମାତ୍ରାରେ ଆମ ସମାଜରେ ପରିଦୃଶ୍ୟ ହୁଏ। ସତ୍ୟ ସହ ଧର୍ମ ଅଙ୍ଗାଙ୍ଗୀଭାବେ ଜଡିତ। ସତ୍ୟ ସାଗର ହେଲେ, ଧର୍ମ ତା' ଅନ୍ତରୀଣ ଉଚ୍ଛଳ ଉର୍ମ୍ମୀ, ବିଶାଳ ବିସ୍ତୃତ ପରିଧି ପରିବ୍ୟାପ୍ତ ଜଳ କଳ କେଳିର ଦ୍ରାଘିମା । ସତ୍ୟ ସୂର୍ଯ୍ୟ ଧର୍ମ ପ୍ରକାଶର ଦ୍ୟୁତି ମାଧ୍ୟମ ଦେଇ ଅନ୍ଧକାର ବିମୋଚନ ବିସ୍ମୟ କଳାତ୍ମକ କ୍ରିୟା । ଆଧୁନିକ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟାର ପାରଦର୍ଶିତା କଳାର ସାମର୍ଥ, ସଫଳ ରୂପାୟନ ଓ ଏଥି ପ୍ରତି ଆମର ଦୃଢ଼ ପ୍ରତ୍ୟୟ ବୋଧ ଆସ୍ଥା, ବିଶ୍ୱାସ ହିଁ ତ ସତ୍ୟ ସହ ଧର୍ମର ସହଭାଗିତା ଆମ ସ୍ୱପ ବିଭବକୁ ବାସ୍ତବାୟିତ ରୂପ ଛବିର ଆକାର ଦିଏ।ଏ ସତ୍ୟ ଅନ୍ତରୀଣ ଶକ୍ତି ଭିତରେ କ୍ରିୟାଶୀଳ ଉତ୍ସ ଧର୍ମଧାରା ମାଧ୍ୟମରେ ପ୍ରତ୍ୟେକ ପଦର୍ଥୀୟ ଗୁଣ, କର୍ମ ଭାବକୁ ଆହରେ। ବ୍ରହ୍ମାଣ୍ଡ ସ୍ୱରୂପ ଏ କର୍ମ ବା କ୍ରିୟାଶୀଳ ପ୍ରବାହ ଦ୍ୱାରା ସର୍ବଦା ଓତଃପ୍ରୋତ ଜଡିତ। ଅଣୁ, ପରମାଣୁରୁ ଆରମ୍ଭ କରି ମହାକାଶର ଆକର୍ଷଣ, ବିକର୍ଷଣ ନିୟତ ଘଟୁଥିବା ଅଦୃଶ୍ୟ ପରିବର୍ତ୍ତନ ସହ ପୃଥିବୀର ମାଧ୍ୟାକର୍ଷଣ ସମୂହ ସତ୍ୟ ସହ ଧର୍ମର ଅପୂର୍ବ ଲୀଳାର ସଂଚାର ।ଆମ ଜୀବନ ମଧ୍ୟରେ ଯେଉଁ ଅଦୃଶ୍ୟ ମହାଶକ୍ତି(ବ୍ରହ୍ମ) ଅବସ୍ଥାପିତ ଏବଂ

ଏହାର କ୍ରିୟାପଦ ଆମ ସମସ୍ତ କ୍ରମବର୍ଦ୍ଧନଶୀଳ ରୂପ ଆକର୍ଷ, ଶକ୍ତି,ବୌଦ୍ଧିକ ବିକାଶ ହିଁ ସତ୍ ସଂଗର ଅପରିକଳ୍ପିତ ଧର୍ମଧାରାର ଅଲୌକିକ ଛବିଳ ମୂର୍ତ୍ତି। ସତ୍ୟ ସତ୍ୟକୁ ଅଧ୍ୟୟନ କରେ। କର୍ମପ୍ରଧାନ ଧର୍ମ ବୈଶିଷ୍ଟ୍ୟ ଆଧାରରେ ହୁଏ ସୁନ୍ଦର, ମହମିତ। ସତ୍ୟ ସର୍ବଦା ନିର୍ମଳ, ସ୍ୱଚ୍ଛ। ମଣିଷର ମାନବୀୟ ଗୁଣ ସତ୍ୟାଶ୍ରୟୀଦୟା, କ୍ଷମା, କରୁଣାତୀତୀକ୍ଷା, ସହନଶୀଳତା ଧୈର୍ଯ୍ୟ, ଅନୁକମ୍ପା, ଅନୁରାଗ, ସ୍ନେହ, ସଦିଚ୍ଛା, ପ୍ରେମ, ମୈତ୍ରୀବୋଧ ପ୍ରଭୃତି ଏହାର ଅଙ୍ଗ ଭୂଷଣ। ଏହାର ଧର୍ମ କ୍ରିୟାପଦ ସତ୍ୟ ସହ ସଂଯୋଜିତ। ସାମ୍ପ୍ରତିକ ପ୍ରରିପ୍ରେକ୍ଷୀରେ ସତ୍ ସଙ୍ଗ ନାମରେ ବ୍ୟବସାୟୀ କରଣ, କପଟ, ହିଂସା, ଅସୂୟା, ଦ୍ୱେଷ, ପରଶ୍ରୀକାତରତା, ସତ୍ସଙ୍ଗର ମୌଳିକ ମୂଲ୍ୟବୋଧକୁ ବିନିଷ୍ଟ କରେନା କେବଳ ସମାଜରେ ବିଭାଜନ ପ୍ରକ୍ରିୟାକୁ ପ୍ରୋତ୍ସାହିତ କରି ଅସ୍ଥିରତା ବାତାବରଣ ସୃଷ୍ଟି କରେ। ବିଶ୍ୱରେ ଯେଉଁ ଆଶାନ୍ତି ବାତାବରଣ ଅବଦୃଶ୍ୟ ଏ ଗୁଡିକ ସତ୍ ସଙ୍ଗ ମୋଳିକ ଧର୍ମ, ଗୁଣ କ୍ରିୟାର ପରିପନ୍ଥୀ ।ସତ୍ୟ ଆଚରଣ ସ୍ଥିରୀକୃତ ହେଲେ ସତ୍ ସଙ୍ଗ ମାହତ୍ମ୍ୟ ମହିମାନ୍ୱିତ ହୁଏ ।ଏକଥା ବିସ୍ମରି ଗଲେ ସତସଙ୍ଗର ବିରୋଧିତା ହୁଏ ସିନା, ସତ୍ୟ ଓ ସତ୍ ସଙ୍ଗର ସଂଜ୍ଞା ନିରୂପିତ ହୁଏନା।

+ ଶ୍ରୀହରି ଆଳୟ, ବାଂମୟ ନିଳୟ, ସାହିତ୍ୟ ଚିରକାଳ ।
ବୋଇତାଲୁ ପାଟଣା,
ମୋହନପୁର,
ବିଞ୍ଝାରପୁର -୭୫୫୦୦୪,
ଯାଜପୁର
ମୋ : ୭୩୮୪୨୫ ୧୧୪୬




## ନୀରବତାର ସ୍ୱର

**ଡ. ଶୁଭେନ୍ଦୁ ମେହେର**

ନିଷ୍କଳ ନୀରବ ନଈଧାରେ ପରି
ନମ୍ରତାର ନିଧିବାଳା
ନଇଁଯାଏ ସିଏ ନଭମଣ୍ଡଳେ
ନୀଳ ନୀଳିମାର ଖେଳା ।
ନୀରବ ଓଠରେ ବାରିହୁଏ
ତା'ର ସମ୍ଭାବନାର ସ୍ୱର
ଆଖି ଦୁଇରେ ସେ' ଇଙ୍ଗିତ ନ କରି
ପିଆଏ ପ୍ରେମ ଜହର ।।

ଅବ୍ୟକ୍ତ ଭାବକୁ ବୁଝାଇ ବୁଝେ ସେ'
ହୃଦୟର ଇସ୍ତାହାର
ଆପଣାରଠାରୁ ଅତି ଆପଣାର
ମୁଗ୍ଧ ମଧୁର ସ୍ୱର ।
ଭାବ ଭଉଁରୀରେ ଛନ୍ଦିଦେଇ ସେ'
ବନ୍ଦୀ ହୁଏ ମୋ' ଦେଶେ
ପ୍ରେମ କାଉଁରୀର ସ୍ୱର୍ଶ ଆଶାରେ
ଆଶ୍ରିତ ମଧୁ ରାସେ ।।
ପ୍ରୀତି ମେଖଳାରେ ନିତି ଶୃଙ୍ଖଳା
ଥୋଇଦେଇ ଆସେ ଚାଲି
ଦେହରେ ଉତ୍ତାପ ଭରିଦିଏ ମୋ'ର
କୋଟି ଲେଲିହାନ ଜାଳି ।
ଧିର ମନ୍ଥର ଗତିରେ ତାହାର
ହୃଦ କନ୍ଦର ଭିଜେ
କହିବି କହିବି ହୋଇ ପୁଣି ସିଏ
କହିତ ପାରେନି ଲାଜେ ।।

କହିବା ଆଗରୁ ସବୁ ବୁଝିଯାଏ
ଭାବନା ଭାବ ମଧୁର
ବୁଝିବା ଆଗରୁ ବୁଝାଇ ଦିଏ ସେ'
ତା'ର ନୀରବତା ସ୍ୱର ।।

+ଯାଲୋଏ, ସୁବର୍ଣ୍ଣପୁର
ମୋ -୯୯୩୮୪୩୩୬୬୪

## ସପନ ରାଇଜେ ରହିବି

**ନୀଳମଣି ଚାନ୍ଦ**

ଧରଣୀର ମାୟା ମମତାକୁ ଭୁଲି
ସପନ ରାଇଜେ ରହିବି
ଲୋଡ଼ା ମୋ'ର ପାଇଁ ସେଇ ରାଇଜଟି
ମୁକ୍ତକଣ୍ଠରେ ମୁଁ କହିବି ।

ନ ଥିବ ସେଇଠି ଦୁଃଖ ଯାତନା
ପ୍ରତାରଣାଟିର ଅଙ୍କରେ
ଧକ୍କା ଧୋକାଟି ରହିଥିବ ଦୂରେ
ନଥିବ ସନ୍ତାପ ପଙ୍କରେ
ଗୁଣଗୁଣୁ ହୋଇ ମନଫୁଲାଣିଆ
କେତେ ଗୀତ ମୁହିଁ ଗାଇବି ।

ଯେତେ କହିଲେ ବି ଓହ୍ଲେଇବିନି ମୁଁ
ରହିବି ସେଇଠି ମଜାରେ
ସେଇ ମୂଲକର ମୁଁ ତ ବାଦଶାହା
ନ ଥାନ୍ତୁ ପଛକେ ପ୍ରଜାରେ
ତୁମେ ପ୍ରିୟା ଥିବ ପରୀ ହୋଇ ସେଠି
ମୁଁ ତୁମକୁ ଖାଲି ଚାହିଁବି ।

+ଭୁବନେଶ୍ୱର, ଖଣ୍ଡଗିରି,
ମୋ:୯୫୮୩୨୦୨୩୫୭





# ସେବାରେ ଆତ୍ମଶାନ୍ତି ଲାଭ

## ସନ୍ତୋଷ କୁମାର ଅଦାବର

ବୀଣାଦେବୀ ଜଣେ ସମାଜ ସେବିକା । ପରୋପକାରକୁ ସହୃଦୟତାର ସହିତ ଗ୍ରହଣ କରି ସେବା କରି ଚାଲିଥାଆନ୍ତି । ସେଥିରେ ସେ ପରମ ଆତ୍ମ ଶାନ୍ତି ଲାଭ କରନ୍ତି ।

ଶୀତଋତୁର ବାଘୁଆ ଶୀତରେ ଜନ ଜୀବନ ଅସ୍ତବ୍ୟସ୍ତ ହେଉଥାଏ । ଠିକ୍ ଏ ସମୟରେ ବୀଣାଦେବୀ ତାଙ୍କର କିଛି ସହକର୍ମୀଙ୍କ ସହ ଶୀତବସ୍ତ୍ର ଯଥା- ଶାଲ୍, ସ୍ୱିଟର, କମ୍ବଳ ଆଦି ବାଣ୍ଟିବାରେ ନିଜର ସମୟ ଅତିବାହିତ କରୁଥାଆନ୍ତି । ସମାଜର ସବୁ ବର୍ଗର ଲୋକେ ତାଙ୍କର ସେବାକାର୍ଯ୍ୟକୁ ଦେଖି ବହୁତ ପ୍ରଶଂସା କରନ୍ତି ।



ସେଦିନ ଥିଲା ପୌଷମାସର ଏକ ଶୀତ ସକାଳ । ବୀଣାଦେବୀ କୌଣସି କାମରେ ରାସ୍ତାରେ ଯାଉଥିବା ବେଳେ ଦେଖିଲେ ମାଆଟିଏ ତା'ର ଆଠ ବର୍ଷ ବୟସର ପୁଅଟି ସହ ଯାଉଛି । ସେମାନଙ୍କୁ ଦେଖିଲେ ଜଣାପଡୁଥାଏ ଯେ ସେମାନେ ଗରିବ ଅଭାବୀ ଶ୍ରେଣୀର । ବୀଣାଦେବୀଙ୍କ ମନରେ ଦୟା ଆସିଲା । ତାଙ୍କର ପାଖକୁ ଯାଇ ପଚାରିଲେ- ଝିଅ ତୁମ ନାମ କ'ଣ ? ଠାକରା ମୁହଁରେ ସ୍ମିତହାସଟିଏ କରି କହିଲା- ପାର, ମୋ ନାମ ପାର । ଏଇ ମୋ ପୁଅ ଜିତୁ । ତିନି ଶ୍ରେଣୀ ଯାଏ ପଢ଼ିକି ପଢ଼ା ତା'ର ବନ୍ଦ କରିଛି । ତା' ବାପାକୁ ଆମେ ଦୁଇମାସ ହେବ ଖୋଜୁଛୁ, ଯେ ପାଉନୁଁ । ଏଇମିତି ତା'ର ଜୀବନର ଭଲ ମନ୍ଦ ଦୁଇ ପଦ କଥା ପରେ ବୀଣାଦେବୀ ଦୁଃଖ ପ୍ରକାଶ କଲେ । ତାଙ୍କର ସମାଜସେବା ଜୀବନ କାଳରେ ଭଲ ଭାବରେ ସେ ବୁଝିଛନ୍ତି ଯେ ଗରିବ ଅଭାବୀଙ୍କ ସହ ହଠାତ ସାକ୍ଷାତ ବେଳେ ମିଛ କହି ପାରନ୍ତି ନାହିଁ । ସେ ମାଆ ପୁଅଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହକରି ସେ ନିଶ୍ଚିତ ହୋଇଗଲେ ଯେ ପାର ସତ କହୁଛି । ପାଖ ଦୋକାନକୁ ଯାଇ ସେ ମାଆ ପୁଅ ପାଇଁ ଶୀତବସ୍ତ୍ର କିଣି ହାତକୁ ବଢ଼େଇଦେଲେ । ପାର ଖୁସି ହୋଇ ସେସବୁ ଧରି ବୀଣାଦେବୀଙ୍କୁ ଚାହିଁ ରହିଥାଏ । ବୀଣାଦେବୀ କିଛି ଆର୍ଥିକ ସାହାଯ୍ୟ ସହ ସେ ମାଆ ପୁଅ ରହିବା ପାଇଁ ନିଜେ ଦେଇଥିବା ଏକ ଆଶ୍ରମରେ ନେଇ ଛାଡିଆସିଲେ । ସେ ଜିତୁ ପାଇଁ ବି ପାଠ ପଢ଼ିବାର ସବୁ ବ୍ୟବସ୍ଥା କରିଦେଲେ ।

ମାଆ ପୁଅ ସେ ଆଶ୍ରମରେ ପହଞ୍ଚିବା ପରେ ପୁଅଟି ନୂଆ ସ୍ୱିଟର ପିନ୍ଧି ଆଶ୍ରମର ଏକ କାଚ ଝରକାରେ ନିଜର ପ୍ରତିଛବିକୁ ବାରମ୍ବାର ଦେଖୁଥାଏ ଆଉ ଖୁସି ହେଉଥାଏ । ପାର ତା' ପୁଅକୁ ପାଖକୁ ଡାକି କହିଲା- ବୁଝିଲୁ ପୁଅ । ଏ ଯେଉଁ ବୀଣା ମାଡାମ୍, ସତରେ କେତେ ମହାନ୍ । ସେ ତ ଆମ ପାଇଁ ଦେବୀ ସମାନ । ଆଜିକାର ସ୍ୱାର୍ଥପର ଦୁନିଆରେ ଏପରି ନିଃସ୍ୱାର୍ଥପର ସମାଜସେବିକା କୋଟିଏରେ ଗୋଟିଏ । ଆଠ ବରଷର ପୁଅ ଏମିତି ଗହନ କଥାକୁ ଅଳ୍ପ ଅଳ୍ପ ବୁଝିପାରୁଥିଲା ଆଉ ନିଜର ଭାଷାରେ କହିଲା- ମାଆ, ବୀଣା ମା'ମ୍ ଦେବୀ ନୁହନ୍ତି, ସେ ଦେବତା ମାନଙ୍କୁ ପୂଜା କରୁଥିବା ସେବିକା । କେମିତି କହିଲୁ ? ପାର- କେମିତି ? ପୁଅଟି କହିଲା- ଏଇ ଆଶ୍ରମ ତାଙ୍କର ମନ୍ଦିର ଆଉ ଆମ ଭଳି ଅସହାୟ,ଗରିବଙ୍କୁ ସେ ସାହାଯ୍ୟ ସହଯୋଗ ଭଳି ସେବା କରୁଛନ୍ତି । ସେ ଆଶ୍ରମ ଫାଟକରେ ପରା ଲେଖା ଅଛି- 'ମାନବ ସେବା ହିଁ ମାଧବ ସେବା' । ପୁଅର କଥା ଶୁଣି ପାର ତା'ର ଆଖିର ଲୁହକୁ ଅଟକାଇ ପାରିଲା ନାହିଁ । ବାସ୍ତବରେ ସ୍ୱାର୍ଥ ଲାଭ ନ ରଖି ସେବା କରିବାରେ ଅସୀମ ଆତ୍ମସନ୍ତୋଷ ଲାଭ ହୋଇଥାଏ ।

+ବୀରମହାରାଜପୁର,ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮

# ତୁମ ହସ ତୁମ ଖୁସି

## ପ୍ରଶାନ୍ତ କୁମାର ଦାଶ

ଶୀତକୁ ଡରି ଅଳସକରି
ଶୁଅନା ଜମା ଆଉ
ଅଳପଦିନ ପାଇଁ ଏ ଶୀତ
ଦେଖାଉଚି ତା ଭାଉ ।।

ସଅଳ ଶେଯ ଛାଡ଼ିବା ଆଜ
ପଢ଼ିବା ପାଠ ବସି
ଢାଳି ସୁରୁଜ ଖରା ମୁରୁଜ
ଉଇଁବ ହସି ହସି ।।

ଫୁଟିଚି ଫୁଲ କରୁଚି ଗେଲ
ପରଜାପତି ଆସି
ଶେଯକୁ ଛାଡି ଧାଇଁ ଯାଉଚି
କ୍ଷେତକୁ ତାର ଚାଷୀ ।।

ଶୀତପୋଷାକ ମନମହକ
କାଢ ଦେହରୁ ପିଲେ
ଅଳସ ବେଶୀ ଲାଗିବ ସେତ
ତୁମ ଦେହରେ ଥିଲେ ।।

ଗାଆଁଦାଣ୍ଡରେ ପୁଆଁଏଁ ନିଆଁ
ଆଇ, ପାଖକୁ ଯାଅ
ଶୀତ ସକାଳେ ନିଆଁ ପାଖରେ
ବସିକି ଗୀତ ଗାଅ ।।

ଥଣ୍ଡାଠୁ ଟିକେ ଦୂରେଇ ରୁହ
ଶୀତ ପୋଷାକ ପିନ୍ଧ
ଆନନ୍ଦେ ମଜି ବଣରେ ଭୋଜି
ମିଳି ମିଶିକି ରାନ୍ଧ ।।

ତୁମରି ଗୀତ ତୁମରି ନାଚ
ତୁମରି ହସ ଖୁସୀ
ଦେଖି ତୁମର ହସୁରା ମୁହଁ
ସୁଧାପଡ଼ି ଖସି ।।

କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋବାଇଲ -୯୬୬୮୮୨୨୧୯୦



# ହରିଣର ସରଳପଣିଆ

## ରମେଶ ଚନ୍ଦ୍ର ଦାଶ

ଶୀତ ଦିନ । ଭାଲୁ ଭୋରୁ ଉଠି ମହୁଲ ଗଛମୂଳେ ହାଜର । ସେ କୁଆଡ଼େ ନ ଚାହିଁ ମହୁଲ ଫୁଲ ଖାଇବାରେ ବ୍ୟସ୍ତ । ଏତିକିବେଳେ ହରିଣଟିଏ ଡେଇଁ ଡେଇଁ ବୁଲି ବୁଲି ସେଠାରେ ପହଞ୍ଚିଲା । ତାର ଇଚ୍ଛା ସାଥୀଟିଏ ମିଳନ୍ତା କି ! ସେ ତା' ସହିତ ଖେଳନ୍ତା, ମଉଜ କରନ୍ତା । ହଠାତ୍ ସେ ଭାଲୁକୁ ମହୁଲ ଫୁଲ ଖାଇବାର ଦେଖି ଭାବିଲା- ଇଏ ବୋଧେ ଆମରି ପରି ଗୋଟିଏ ପ୍ରାଣୀ । ମୋ ସହିତ ଖେଳିବାକୁ ବାହାରିବ । ତେଣୁ ହରିଣ ତାର ଚାରିପଟେ ଘୂରିଘୂରି ବୁଲିଲା । ବହୁ ସମୟ ପରେ ଭାଲୁର ପେଟ ପୂରିବାରୁ ସେ ହରିଣଆଡ଼େ ଚାହିଁଲା । ହରିଣ ତାର ମନର କଥା କହିଲା । ଭାଲୁ ଯେ ହରିଣ ବିରୋଧୀ ଏକଥା ସେ ଜାଣିପାରିଲା ନାହିଁ ।

ହରିଣ ଭାଲୁର ନିକଟବର୍ତ୍ତୀ ଯେମିତି ହୋଇଛି ସେ ତାକୁ ମାରିବାକୁ ଗୋଡ଼ାଇଲା । ତଥାପି ହରିଣ ଜାଣିପାରିଲା ନାହିଁ । ସେ ଭାବିଲା ଭାଲୁ ତା' ସହିତ ଖେଳୁଛି । ସେ ଭାଲୁ ସହିତ ଦୌଡ଼ାଦୌଡ଼ି ହେଉଥିବା ବେଳେ ପୂର୍ବଦିନ ତାକୁ କିପରି ବିଲୁଆ ହଇରାଣ କରିଥିଲା ସବୁ କହିପକାଇଲା । ହରିଣ ଭାବିନେଲା ଯେ ଭାଲୁ ତା ସହିତ ଖେଳୁଛି ଯେତେବେଳେ ତାର ବିଶ୍ୱାସୀ । ହରିଣ ସହିତ ଦୌଡ଼ି ଦୌଡ଼ି ଭାଲୁ ହାଲିଆ ହୋଇଯିବାରୁ ସେ ହରିଣକୁ କହିଲା-ତୁ ଆଜି ତୋ ଘରକୁ ଯାଆ । କାଲି ଆସିଲେ ଖେଳିବା ।

ସତକୁ ସତ ପରଦିନ ଭାଲୁ ତାକୁ ଅପେକ୍ଷା କରି ରହିଥିଲା । ଅନ୍ୟପଟେ ବିଲୁଆକୁ ଲୁଚି ରହିବାକୁ କହିଥିଲା । ହରିଣ ପହଞ୍ଚିବା କ୍ଷଣି ଗୋଟିଏ ପଟେ ବିଲୁଆ ଓ ଅନ୍ୟପଟେ ଭାଲୁ ତାକୁ



ଆକ୍ରମଣ କରିବାକୁ ବାହାରିଲେ । ଦୂରରୁ ଠେକୁଆ ଏହା ଦେଖି ହରିଣକୁ ସେଠାରୁ ଚାଲିଯିବାକୁ କହିଲା । ହରିଣ ଦୌଡ଼ି ପଳାଇବାରୁ ରକ୍ଷାପାଇଗଲା । ସେ ଚାଲିଯିବା ପରେ ଠେକୁଆ ଭାଲୁ ଓ ବିଲୁଆକୁ କହିଲା- ହରିଣ ଭଳି ସରଳ, ନିରୀହ ପ୍ରାଣୀଙ୍କୁ ଏପରି ହଇରାଣ କରିବା ଆଦୌ ଠିକ୍ ହେଲାନାହିଁ । ଠେକୁଆଠାରୁ ଏତକ ଶୁଣି ବିଲୁଆ ଓ ଭାଲୁ ବଣ ଭିତରକୁ ଚାଲିଗଲେ ।

+ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା,
ପୁରୀ-୨, ପୁରୀ
ମୋ: ୯୭୭୬୨୩୮୫୨୨

# ଝୁମୁରୁ ଝାଇଁ...

## ରାମଚନ୍ଦ୍ର ବେହେରା

ଝୁମୁରୁ ଝାଇଁ ଝୁମୁରୁ ଝାଇଁ
ଛବିଶି ମସିହା ଆସିଛି ଧାଇଁ
ବହୁଛି ଥଣ୍ଡା ପବନ
ଗରମ ପୋଷାକ ପିନ୍ଧିବା ସରାଗେ
ରହିବ ଦେହ ଉଷୁମ ।
ଧାନ ପାଚିଲାଣି ଦୂର ଗହୀରେ
ସୋରିଷ ହସୁଛି ନଈ ପଠାରେ
ଗେଣ୍ଡୁ ସେବତୀଂକ ଶୋଭା
ଖୁସି ବାଣ୍ଟୁଅଛି ସଭିଂକ ପରାଣେ
ସକାଳ ସୂରୁଜ ଆଭା ।
ଝୁମୁରୁ ଝାଇଁ ଝୁମୁରୁ ଝାଇଁ
ପନି ପରିବାର ସମ୍ଭାର ନେଇ
ଆସିଛି ଏ ନୂଆ ବରଷ
ବଣଭୋଜି ପାଇଁ ଯାଉଛନ୍ତି ସର୍ବେ
ପରାଣେ ଭରି ଉଲ୍ଲାସ ।
ଶୀତ କରିଥାଏ ପ୍ରାଣୀଂକ ହିତ
ଶରୀରକୁ ରଖେ ନିରୋଗ ସୁସ୍ଥ
ଯେ କରେ ପ୍ରାତଃ ଭ୍ରମଣ
ଶୁଦ୍ଧ ଅମ୍ଳଜାନ ମିଳିଥାଏ ତାକୁ
ହସଇ ତା'ର ଜୀବନ ।
ଝୁମୁରୁ ଝାଇଁ ଝୁମୁରୁ ଝାଇଁ
ଆସ ଆସ ମଠ ନକର କେହି
ସଅଳ ସଅଳ ଉଠି
ଖେଳ କସରତ କଲେ ନିତିଦିନ
ମିଳିବ ଅମାପ ଶକ୍ତି ।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ଆହା କି ବଢ଼ିଆ ଚଢ଼େଇ

## ଧ୍ରୁବ ଚରଣ ଘିବେଲା

ଆହା କି ସୁନ୍ଦର ରୂପ ଓ ରଙ୍ଗର
ବଢ଼ିଆ ଚଢ଼େଇଟିଏ
ରାତି ପାହିଗଲେ ସକାଳ ହୋଇଲେ
ନୀଡ଼ ଛାଡ଼ି ଉଡ଼ିଯାଏ ।
ଖାଦ୍ୟ ପାଇଁ ନିତି ମାଆ ଚଢ଼େଇଟି
ସୁନ୍ଦର ଉଡ଼ାଣ ଭରେ
ମେଘମାଳା ଛୁଇଁ ଉଡ଼ିଯାଉ ଥାଇ
ହସି ଖୁସି ମଉଜରେ ।
ମେଘକୁ ଛୁଇଁବା ଛୁଇଁକି ଉଡ଼ିବା
ତଳ ଓ ଉପର ହୋଇ
ମେଘ ସହ ଖେଳି କେବେ ଲୁଚକାଳି
ସେ ଖେଳରୁ ମଜା ପାଇ ।
ଉଚ୍ଚ ଉଡ଼ାଣରେ ରହି ସଉକିରେ
ଲଭେନି ମନରେ ଦୁଃଖ
ଖାଦ୍ୟ ଖୋଜି ନିତି ତହିଁରେ ରହିକି
ତହିଁରୁ ସାଉଁଟେ ସୁଖ ।
କିଚିରିମିଚିରି ଶବ୍ଦ କରି କରି
ଖାଦ୍ୟ ଖୋଜି ବୁଲିଥାଏ
ଖାଦ୍ୟ ମିଳିଗଲେ ଖୁସି ହରଷରେ
ନୀଡ଼କୁ ସେ ଫେରେ ଛାଏଁ ।

+ବଉଦରାଜ-୭୬୨୦୧୪,
ଜି. ବୌଦ୍ଧ
ମୋ. ୯୪୩୭୪୭୮୪୬୬

# ଶିକ୍ଷା ଏକ ବ୍ରତ

## ସତ୍ୟନାରାୟଣ ପ୍ରଧାନ

କାଉ ରାବିଲେଣି ଉଠରେ ସଙ୍ଗାତ
ଦେବା ମୁହଁ ହାତ ଧୋଇ
ନିତ୍ୟକର୍ମ ସାରି ଦଶଟା ବାଜିଲେ
ପଢିବାକୁ ଯିବା ଭାଇ ।
ସାଙ୍ଗସାଥି ମେଳେ ଆନନ୍ଦ କରିବା
ପାଠ ସାଥେ ପୁଣି ଖେଳ
ଗୁରୁଙ୍କ ଆଦେଶ ମାନୁଥିବା ସଦା
ରହିଥିବା ଯେତେ କାଳ ।
ଶିଖିବା କିପରି ଦିଅନ୍ତି ସମ୍ମାନ
ସ୍ନେହ ସାଥେ ଶ୍ରଦ୍ଧା ଭାବ
ପର କି ଆପଣା ନ ରଖି ମନରେ
ଆମେ ଏ ଜଗତେ ଜୀବ ।
ପର ଦୁଃଖ ଦେଖି ଆସିବା ଆଗେଇ
କରିବାକୁ ସହଯୋଗ
ଭଲ ପାଇବାର ମଞ୍ଜି ଦେବା ବୁଣି
ଭୁଲି ଅଭିମାନ ରାଗ ।
ଶିକ୍ଷାକୁ କରିବା ଜୀବନର ବ୍ରତ
ହେବାକୁ ଦିନେ ସଫଳ
ଭଲ ମଣିଷର ପରିଚୟ ନେବା
ପୁରା ହେବ ସ୍ୱପ୍ନ ସକଳ ।।

+ଅଣ୍ଟିଆ , ଯାଜପୁର
ମୋ -୯୧୭୮୩୧୩୬୪

# ଗ୍ରାଫାଇଟ୍

## ଡକ୍ଟର ଅରୁଣ କୁମାର ପଣ୍ଡା

ପେନସିଲ ଦେହେ କଳାଦଣ୍ଡ ଥାଇ
ଚାଲଇ କାଗଜ ଉପରେ
ଗ୍ରାଫାଇଟ୍ ବୋଲି ଜଣାଶୁଣା ସେ ତ
କାର୍ବନର ଏକ ରୂପରେ ।

ଧାତୁ ପରି ତାହା ଚକ ଚକ୍ କରେ
ହାତକୁ ଲାଗଇ ତେଲିଆ
ଖଣିରେ ରହିଛି ଆଣିଥାନ୍ତି ତାକୁ
ମାଟି ତାଡି କରି ଖାଲିଆ ।

ବିଦ୍ୟୁତ ଚୁଲିରେ କୋଇଲା ଗୁଣ୍ଡକୁ
ବାଲି ସହିତରେ ମିଶାଇ
ଉଚ୍ଚ ତାପ ଦେଇ ଗରମ କରିଲେ
କୃତ୍ରିମ ରୂପରେ ଦିଶଇ ।

ଅଧିକ ଉତ୍ତାପ ସହିପାରେ ସେହି
ତାପ ପ୍ରତି ନାହିଁ ଖାତର
କାରଖାନାରେ ସେ ବହୁ କାମେ ଲାଗେ
ବଢାଏ ତାହାର ଚାତର ।

ଧାତୁ ନିଷ୍କାସନ ବେଳେ ଲୋଡ଼ା ହୁଏ
ସୁପରିବାହୀ ସେ ଅଟଇ
ପରମାଣୁ ରିଆକ୍ଟର ମଧ୍ୟେ ଥାଇ
ମନ୍ଦକ ଭାବରେ ଖଟଇ ।

ଗ୍ରାଫାଇଟ୍ ପରା ଗ୍ରୀକ୍ ଶବଦ
ଗ୍ରାଫୋ ରୁ ଆସିଛି ପୁଣି ଯେ
ତାହାରି ମାନେ ତ 'ମୁଁ ଲେଖେ'ଅଟେ
ଲେଖୁଥିବା ସଦା କିଣି ଯେ ।

ତୋଟାପଡା,
ଘଣ୍ଟେଶ୍ୱର,
ଭଦ୍ରକ ୭୫୬୧୨୯
ମୋ -୯୯୩୭୬୭୨୭୦୮



# ନୂଆ ଅବଦର

## ଓଟେରି ସେଲଭା କୁମାର

ନ୍ୟୁ ଅବଦାର ଦେଶରେ, ଯେଉଁଠାରେ ସନ୍ଧ୍ୟା ପବନରେ ଯାଦୁ ଫୁସ୍ଫୁସ୍ କରୁଥିଲା, ସେଠାରେ ରିଙ୍କୁ ନାମକ ଏକ କଳା ବିଲେଇ ରହୁଥିଲା । ଏହି ରହସ୍ୟମୟ ବିଲେଇର ଏକ ଅଦ୍ଭୁତ ପ୍ରତିଭା ଥିଲା – ଏହା ସନ୍ଧ୍ୟାରେ ଛାୟା ସଂଗ୍ରହ କରିଥିଲା ଏବଂ ସକାଳୁ ଯତ୍ନର ସହିତ ସେମାନଙ୍କୁ ଫେରାଇ ଦେଇଥିଲା । ସହରବାସୀ ରିଙ୍କୁର ରାତିର ରୀତିନୀତିରେ ଆଶ୍ଚର୍ଯ୍ୟ ହୋଇଗଲେ, ସେମାନଙ୍କ ଛାୟାକୁ ସୁରକ୍ଷିତ ରଖିବା ପାଇଁ ଧନ୍ୟବାଦ ଜଣାଇଲେ ।

ଗୋଟିଏ ଦୁର୍ଭାଗ୍ୟଜନକ ସନ୍ଧ୍ୟାରେ, ଯେତେବେଳେ ନ୍ୟୁ ଅବଦାର ଉପରେ ସନ୍ଧ୍ୟା ପଡିଲା, ଏକ ଶିଶୁର ଛାୟା ରିଙ୍କୁର ହାତରୁ ଖସିଗଲା ଏବଂ ଅନ୍ଧକାରରେ ଅଦୃଶ୍ୟ ହୋଇଗଲା । ଏହି ଦୁର୍ଘଟଣାରେ ବ୍ୟଥିତ ହୋଇ ରିଙ୍କୁ ଏକ ନିଃସ୍ୱାର୍ଥପର ନିଷ୍ପତ୍ତି ନେଇଥିଲେ । ଲାଞ୍ଜର ଏକ ଝଟକା ସହିତ, କଳା ବିଲେଇଟି ପିଲାଟିକୁ ନିଜର ଛାୟା ପ୍ରଦାନ କଲା, ନିଶ୍ଚିତ କଲା ଯେ ଛୋଟ ପିଲାଟି ଅନ୍ଧାରରେ ଦେଖିପାରିବ ।

ରାତି ତା'ର କାଳି ଆଲିଙ୍ଗନରେ ନୂତନ ଅବଦାରକୁ ଆଲିଙ୍ଗନ କଲାବେଳେ, ପିଲାଟି ରିଙ୍କୁର ଛାୟାକୁ ସେମାନଙ୍କ ପାଖରେ ରଖି ଛାୟା ଦେଇ ସେମାନଙ୍କ ପାଦ ଦେଇ ଚାଲିଗଲା । ସହରବାସୀ ଆଶ୍ଚର୍ଯ୍ୟ ହୋଇ ଦେଖିଲେ ଯେ ପିଲାଟି ଆତ୍ମବିଶ୍ୱାସର ସହିତ ରାତିକୁ ନେଭିଗେଟ୍ କରୁଥିଲା, ସେମାନଙ୍କର ପଥ ଦୟାଳୁ ବିଲେଇର ଧାର ଛାୟା ଦ୍ୱାରା ଆଲୋକିତ ହୋଇଥିଲା ।

ପରବର୍ତ୍ତୀ ଦିନଗୁଡ଼ିକରେ, ରିଙ୍କୁର ବଳିଦାନ ଏବଂ ଶିଶୁର ନୂତନ ସାହସର ନୂତନ ଅବଦାରରେ ଫୁସ୍ଫୁସ୍ ବ୍ୟାପିଗଲା । ଏବଂ ପ୍ରତିଦିନ ସକାଳେ ସୂର୍ଯ୍ୟ ଉଦୟ ହେବା ମାତ୍ରେ ସହର ଉପରେ ଏହାର ସୁବର୍ଣ୍ଣ କିରଣ ପକାଇଲେ, ରିଙ୍କୁ ପୁଣି ଥରେ ଛାୟା ସଂଗ୍ରହ କରିବାକୁ ପ୍ରସ୍ତୁତ ହୋଇ ଫେରି ଆସୁଥିଲେ । କିନ୍ତୁ ଦିନେ ରିଙ୍କୁଙ୍କ ଉପରେ ଏକ



ପରିବର୍ତ୍ତନ ଆସିଲା ।

ଏକ ପ୍ରାଚୀନ ଯାଦୁ ଦ୍ୱାରା ରୂପାନ୍ତରିତ କଳା ବିଲେଇର ପଶମ କମଳା ଏବଂ କଳା ରଙ୍ଗର ରଙ୍ଗରେ ଝଲସି ଉଠୁଥିଲା, ଯାହା ଏକ ମହାନ୍ ବାଘକୁ ମନେ ପକାଇଥାଏ । ଅନ୍ଧକାର ସାମ୍ନାରେ ସାହସ ଏବଂ ବଳିଦାନର ପ୍ରତୀକ ରିଙ୍କୁର ନୂତନ ରୂପ ଦେଖି ସହରବାସୀ ଆଶ୍ଚର୍ଯ୍ୟ ହୋଇଗଲେ ।

ଏବଂ ତେଣୁ, ନୂତନ ଅବଦରର ସନ୍ଧ୍ୟା ଘଣ୍ଟାରେ, ରିଙ୍କୁ ନାମରେ ଜଣାଶୁଣା ବାଘ ଗାର ବିଲେଇ ଏହାର ଜାଗରଣ ଜାରି ରଖିଲା, ଛାୟା ସଂଗ୍ରହ କଲା ଏବଂ ଆବଶ୍ୟକ କରୁଥିବା ଲୋକଙ୍କ ପାଇଁ ରାସ୍ତା ଆଲୋକିତ କଲା – ରାଜ୍ୟର ଏକ ନୀରବ ଅଭିଭାବକ ଯେଉଁଠାରେ ଆଲୋକ ଏବଂ ଛାୟା ସମନ୍ୱୟରେ ନାଚୁଥିଲେ ।

+୨୫/୧୩, ସାନ୍ଥିୟାପ୍ପା ମେନ୍ ଷ୍ଟ୍ରିଟ୍,
ଓଟେରି,
ଚେନ୍ନାଇ ୬୦୦୦୧୨
ମୋ: ୯୮୪୦୩୩୬୮୪୮

## ଜାତୀୟ ସ୍ତରରେ ବଲାଙ୍ଗୀର କରାଟେ ସ୍କୁଲର ସଫଳତା

ବଲାଙ୍ଗୀର,୦୨/୧ (ନି.ପ୍ର): ରାଂଚିସ୍ଥିତ ତାନା ଭଗତ ଇନ୍‌ଡୋର ଷ୍ଟାଡିୟମ ଠାରେ ୨୩ତମ ସର୍ବ ଭାରତୀୟ ଫେଡେରେସନ କପ୍-୨୦୨୫ ଅନୁଷ୍ଠିତ ହୋଇଯାଇଅଛି। ପ୍ରତିଯୋଗିତାକୁ ଅଲ୍ ଇଣ୍ଡିଆ ସେଇସିନ୍‌କାଇ ଶିଟୋର୍‌ୟୁ କରାଟେ ଡୁ ଫେଡେରେସନର ମୁଖ୍ୟ ହାଂସି ପ୍ରେମଜିତ ସେନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଅଲ ଓଡ଼ିଶା ସେଇସିନ୍‌କାଇ ଶିଟୋର୍‌ୟୁ କରାଟେ ସଂଘର ମୁଖ୍ୟ ହୃଦୟ ଶବରଙ୍କ ନେତୃତ୍ୱରେ ବଲାଙ୍ଗୀର ଜିଲ୍ଲା କରାଟେ ସ୍କୁଲର ୧୫ଜଣ କରାଟେକା ଭାଗ ନେଇଥିବାବେଳେ ଆନନ୍ଦିତା ସାହୁ, କାବ୍ୟରାଣୀ ହଂସ, ଅଂଶୁମାନ ଧରୁଆ, ଜସମିନ୍ ସାହୁ ସ୍ୱର୍ଣ୍ଣପଦକ, ଯଶୋବନ୍ତ କୁମ୍ଭାର, ଶ୍ରୀୟା ସାହୁ, ପ୍ରତିକ୍ଷାରାଣି ପୁଟା ରୌପ୍ୟ ପଦକ। ସେହିପରି ସଲେଶ ବିଶ୍ୱାଲ, ଇଭାନ ପଧାନ, ଆଶୀର୍ବାଦ ଦାସ, ହିତେସ ବେହେରା, ଅଭିନନ୍ଦନ ସ୍ୱାମୀ, ପିୟୁଷ ଭୋଇ, ଶ୍ୟାମାରାନି ଖୁଆସ ଓ ଆରାଧା ଦିବ୍ୟାରାନୀ ସାହୁ କାଂସ୍ୟ ପଦକ ସର୍ବମୋଟ ୨୮ ଗୋଟି ପଦକ ହାସଲ କରିଛନ୍ତି। ବଲାଙ୍ଗୀର କରାଟେ ସ୍କୁଲର ସଭାପତି ସଚ୍ଚିଦାନନ୍ଦ ବାଗ, ସହ-ସଂପାଦକ ଚନ୍ଦ୍ର ଶେଖର ସେଠ, କୋଷାଧ୍ୟକ୍ଷ ରବି ବେହେରା, ଜିଲ୍ଲା କରାଟେ ସଂଘର ସଭାପତି ଦେବଦତ ବେହେରା ଓ ସମସ୍ତ ସଦସ୍ୟ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଦଳ ସହିତ ରେଖା ମନହିରା ମ୍ୟାନେଜର ଓ ପୁରୁଷୋତମ ବାଗ ପ୍ରଶିକ୍ଷକ ଭାବରେ ରାଞ୍ଚି ଯାତ୍ରା କରିଥିଲେ।

# ଉଛୁଳା ମଣ୍ଡିରେ ଧାନ ଉଠାଣକୁ ନେଇ ଚାଷୀ ଅସନ୍ତୋଷ

ମୁଖୀଗୁଡା,୦୨/୧ (ନି.ପ୍ର): ଜୟପାଟଣା ବ୍ଲକ ବଡ଼ପୂଝାରୀଗୁଡା ପେକ୍ସ ଅଧିନରେ ଥିବା ଉଛୁଳା ମଣ୍ଡିରେ ଧାନ ଉଠାଣ ରେ ବିଳମ୍ବ ହେଉ ଥିବା ଚାଷୀ ଅଭିଯୋଗ କରିଛନ୍ତି। ନିଜ କଷ୍ଟ ଉପାର୍ଜିତ ଧାନକୁ ମଣ୍ଡି ରେ ବିକ୍ରି କରିବା ପାଇଁ ଆଣି ଏକ ସପ୍ତାହେରୁ ଅଧିକ ସମୟ ଖୋଲା ମଣ୍ଡିରେ ଶୋଇବାକୁ ପଡୁଛି ବୋଲି ଚାଷୀ ମାନେ ପ୍ରକାଶ କରନ୍ତି। ଅଭିଯୋଗ ଅନୁସାରେ ବେହେରନସିଲ ଗ୍ରାମର ବାଲିକା ମାଝୀଙ୍କ ଟୋକନ ୧୭ ଡିସେମ୍ବର ରେ ଧାନ ବିକ୍ରି କରିବା ପାଇଁ ଆସିଥିଲା ସେ ଗତ ବୁଧବାର ଦିନରୁ ୨୫ କୁଇଂଟାଲ ଧାନ ଆଣି ମଣ୍ଡିରେ ରଖିଛନ୍ତି ହେଲେ ଏକ ସପ୍ତାହ ବିତି ଯାଇଥିଲେହେଁ ଧାନ ଉଠାଣ ହୋଇନଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେହିପରି କୋଣ୍ଡି ଗୁଡା ଗ୍ରାମର ହୃଦାନନ୍ଦ ରାଉତ ୭୫ କୁଇଂଟାଲ ଧାନ ବିକ୍ରି କରିବା ପାଇଁ ୧୦ ଡିସେମ୍ବର ରୁ ଟୋକନ ଆସିଛି ସେମଧ ମଣ୍ଡିରେ ଧାନ ରଖିଛନ୍ତି ହେଲେ ତାଙ୍କର ମଧ ଧାନ ଉଠାଣ ହୋଇଥିବା ଅଭିଯୋଗ ହୋଇଛି। ରଘୁ ନାଥ ମାଝୀଙ୍କ ୫ ଏକର ଜମି ଧାନ ବିକ୍ରି ପାଇଁ ପଞ୍ଜି କରଣ କରିଥିଲେ ସରକାରଙ୍କ ନିୟମ ଅନୁସାରେ ୬୫ କୁଇଂଟାଲ ଧାନ ବିକ୍ରି ପାଇଁ ଆସିବା କଥା ହେଲେ ତାଙ୍କ ପୁଅ କାର୍ତିକ ମାଝୀଙ୍କନା ରେ ୩୦ କୁଇଂଟାଲ ଓ ତାଙ୍କ ନିଜ ନାଁରେ ମାତ୍ର ୯ କୁଇଂଟାଲ ଧାନ ବିକ୍ରି କରିବା ପାଇଁ ଟୋକେନ ଆସିଥୁବାରୁ କିଭଳି ସେ ବିକି ବେ ଧାନ ଏବେ ସେ ଚିନ୍ତାରେ ପଡିଛନ୍ତି। ଅନ୍ୟ ପକ୍ଷେ ଏହି ମଣ୍ଡି ରେ ଧାନ ବିକିବା ପାଇଁ ଏକ ହଜାର ନଅ ଜଣ ଚାଷୀ ଧାନ ବିକିବା ପାଇଁ ପଞ୍ଜି କରଣ କରିଛନ୍ତି। ପ୍ରାୟ ୪୯ ହଜାର କୁଇଂଟାଲ ଧାନ କିଣି ବାର ଲକ୍ଷ୍ୟ ରହି ଥିବା ବେଳେ ଚଳିତ ବର୍ଷ ବିଳମ୍ବ ରେ ଧାନ ମଣ୍ଡି ଆରମ୍ଭ ହେବା ତଥା ଡିସେମ୍ବର ୧୦ ତାରିଖରୁ ମଣ୍ଡି ଆରମ୍ଭ ହେବା ଓ ସପ୍ତାହରେ ଦୁଇ ଦିନ ଧାନ କିଣାଯିବା ନିୟମ ରହିଥିବାରୁ ଚାଷୀଙ୍କ ଧାନ କ୍ରୟ ବିକ୍ରୟ ହେଉଥିବା ଧାନ କ୍ରୟ ଅଧିକାରୀ ବିରଂଚି ନାଏକ ପ୍ରକାଶ କରିଛନ୍ତି ତେବେ ଆଗକୁ ସପ୍ତାହରେ ଚାରି ଦିନ କ୍ରୟ କରିବାକୁ ଚେଷ୍ଟା କରାଯିବା ସହ ଚାଷୀଙ୍କ ସମସ୍ୟା ଦୂର କରାଯିବ ବୋଲି ଶ୍ରୀ ନାଏକ କହିଛନ୍ତି।

# ବଲାଙ୍ଗୀରରେ ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ

ବଲାଙ୍ଗୀର,୦୨/୧ (ନି.ପ୍ର): ଜାନୁୟାରୀ ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଜିଲ୍ଲା ଆଂଚଳିକ ପରିବହନ ବିଭାଗର ଆନୁକୂଲ୍ୟରେ ଜିଲାସ୍ତରୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଛି। ଏହି ଉପଲକ୍ଷେ ଗୁରୁବାର ପୂର୍ବାହ୍ନରେ ଆଂଚଳିକ ପରିବହନ କାର୍ଯ୍ୟାଳୟ ଠାରେ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ଏକ ସଚେତନତା ରଥକୁ ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ଏବଂ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମୃତ କୁମାର ପଣ୍ଡା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହାସହ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମର ମଧ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସ୍ଥାନୀୟ ଯୁବ ଗୋଷ୍ଠୀ ପ୍ଲାକାର୍ଡ଼ ଧରି ସଚେନତା ଶୋଭାଯାତ୍ରାରେ ରଥ ସହିତ ସହର ପରିକ୍ରମା କରିଥିଲେ। ଏହି ଉପଲକ୍ଷେ ଆଂଚଳିକ ପରିବହନ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ଲିଫ୍‌ଲେଟ୍ ବଂଟନ କରାଯାଇ ଦୁଇଚକିଆ ଯାନ ଚଳାଇବା ସମୟରେ ହେଲମେଟ୍‌ର ବ୍ୟବହାର, ଚାରିଚକିଆ ଯାନରେ ସିଟ୍ ବେଲ୍‌ଟର ବ୍ୟବହାର, ନିଶାଶକ୍ତ ଅବସ୍ଥାରେ ଗାଡି ଚାଳନା ନକରିବା ଏବଂ ଟ୍ରାଫିକ୍ ନିୟମ ମାନି ଗାଡ଼ି ଚଳାଇବା ସମ୍ପର୍କରେ ସଚେତନ କରାଯାଇଥିଲା। ଜିଲ୍ଲାର ବିଭିନ୍ନ ସ୍ଥାନରେ ସଡ଼କ ସୁରକ୍ଷା ସଚେତନତା ସହିତ ଏନଫୋର୍ସମେଂଟ କାର୍ଯ୍ୟକ୍ରମ ମଧ ଜାରି ରହିବ। ଟ୍ରାଫିକ ନିୟମ ଅନୁଯାଇ ଗାଡ଼ି ଚଳାଇ ଦୁର୍ଘଟଣା ହାର ହ୍ରାସ କରିବାରେ ସହଯୋଗ ନିମନ୍ତେ ଜିଲ୍ଲା ଆଂଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଆଂଚଳିକ ପରିବହନ ଅଧିକାରୀ ପ୍ରିୟବ୍ରତ ମହାନ୍ତି, ସହକାରୀ ପରିବହନ ଅଧିକାରୀ ଗୌରହରି ହାଁସଦା, ଟ୍ରାଫିକ ଇନ୍‌ସପେକ୍ଟର ଯଶବନ୍ତ ଚିନାରା, କନିଷ୍ଠ ଏମଭିଆଇ ପ୍ରଶାନ୍ତ କୁମାର ପାଢ଼ୀ ସମେତ ପୋଲିସ ପ୍ରଶାସନ ଓ ଜିଲ୍ଲା ଆଂଚଳିକ ପରିବହନ କାର୍ଯ୍ୟାଳୟର କର୍ମକର୍ତାମାନେ ଯୋଗ ଦେଇଥିଲେ।

# ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୦୨/୧ (ନି.ପ୍ର): ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବିଭାଗୀୟ କାର୍ଯ୍ୟକ୍ରମର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟର ନଗର ଉନ୍ନୟନକୁ ଆହୁରି ତ୍ୱରାନ୍ୱିତ କରିବା ସହିତ ନାଗରିକମାନଙ୍କ ପାଇଁ ଉନ୍ନତ ସୁବିଧା ଯୋଗାଇ ଦେବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ବୈଠକରେ 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା' (ଯାହା ମୁଖ୍ୟମନ୍ତ୍ରୀ ସହରାଞ୍ଚଳ ବିକାଶ ଯୋଜନା ଆଦି ଫ୍ଲାଗଶିପ୍ ପ୍ରୋଗ୍ରାମ୍ ସହ ଯୋଡ଼ା) ଏବଂ ନିକଟରେ ଆରମ୍ଭ ହୋଇଥିବା 'ସହଯୋଗ' ଯୋଜନା ସମେତ ଅନ୍ୟାନ୍ୟ ମୁଖ୍ୟ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ଉପରେ ବିସ୍ତୃତ ଆଲୋଚନା ହୋଇଛି। 'ସହଯୋଗ' ଯୋଜନା ସହରାଂଚଳର ଦରିଦ୍ର ପରିବାରମାନଙ୍କୁ ବିଭିନ୍ନ ସରକାରୀ କଲ୍ୟାଣ ଯୋଜନାର ସୁବିଧା ସିଧାସଳଖ ପହଂଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ବିଶେଷକରି, ରାଜ୍ୟର ସମସ୍ତ ସହରଗୁଡ଼ିକୁ ପଟ୍‌ହୋଲ୍ ମୁକ୍ତ କରିବାର ଲକ୍ଷ୍ୟ ଉପରେ ମାନ୍ୟବର ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏହା ସହିତ ରାସ୍ତା ମରାମତି, ପଥଚାରୀ ପାଥ୍ ବିକାଶ, ଜଳ ଯୋଗାଣ, ଡ୍ରେନେଜ୍ ସିଷ୍ଟମ୍ ଓ ଅନ୍ୟାନ୍ୟ ଭିତିଭୂମି କାର୍ଯ୍ୟକୁ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପଦକ୍ଷେପ ଦ୍ୱାରା ଓଡ଼ିଶାର ସହରଗୁଡ଼ିକ ଆହୁରି ନିରାପଦ, ସୁନ୍ଦର ଓ ବାସୋପଯୋଗୀ ହେବ ବୋଲି ଆଶା କରାଯାଉଛି। ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ପୌର ପ୍ରଶାସନ ନିର୍ଦ୍ଦେଶକ ଶ୍ରୀ ଅରିନ୍ଦମ ଡାକୁଆ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଅଧିକାରୀମାନେ ବିଭାଗୀୟ ପ୍ରଗତି ଓ ଆଗାମୀ ଯୋଜନା ବିଷୟରେ ବିସ୍ତୃତ ରିପୋର୍ଟ ଉପସ୍ଥାପନ କରିଥିଲେ। ମନ୍ତ୍ରୀ ଡଃ ମହାପାତ୍ର କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ 'ବିକଶିତ ଓଡ଼ିଶା ୨୦୩୬' ଦୃଷ୍ଟିକୋଣ ଅନୁଯାୟୀ ନଗର ଉନ୍ନୟନକୁ ଅଗ୍ରାଧିକାର ଦିଆଯାଉଛି। ଏହି ବୈଠକ ଦ୍ୱାରା ବିଭାଗୀୟ କାର୍ଯ୍ୟଗୁଡ଼ିକୁ ଆହୁରି ଦୃଢ଼ କରାଯାଇ ରାଜ୍ୟର ସହରାଞ୍ଚଳକୁ ଆଧୁନିକ ଓ ଟିକସପର୍ଣ୍ଣ କରିବାର ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି।

# କବି ଡ଼ଃ ବ୍ରଜନାଥ ରଥ ସମ୍ମାନ-୨୦୨୬ ଘୋଷଣା

## ଡ଼ଃ ପ୍ରଫୁଲ୍ଲ ତ୍ରିପାଠୀ ସାରସ୍ୱତ ସମ୍ମାନ, ଡ଼ଃ ବାସୁଦେବ ସୁନାନୀ ସ୍ମୃତି ସମ୍ମାନ ଓ ଡ଼ଃ କାଳୀପଦ ପ୍ରଧାନ ପାଇବେ ସ୍ମୃତି ସମ୍ବର୍ଦ୍ଧନା







ବାଲେଶ୍ୱର ୨/୧- କବି ବ୍ରଜନାଥ ଫାଉଣ୍ଡେସନ ଟ୍ରଷ୍ଟର ବୈଠକ ବିଶ୍ୱତାରା ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼ଃ ରମାକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବାଲେଶ୍ୱରର ବହୁ ବିଶିଷ୍ଟ କବି, ଲେଖକ ଓ ଟ୍ରଷ୍ଟର ସଦସ୍ୟମାନେ ଯୋଗ ଦେଇଥିଲେ। ଉପସ୍ଥିତ ଟ୍ରଷ୍ଟର ସଦସ୍ୟ ଓ କବି ଲେଖକମାନେ ୨୦୨୬ ମସିହା ପାଇଁ ବିଶିଷ୍ଟ ଲେଖକ ଓ ଗବେଷକ ଡ଼ଃ ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କୁ କବି ବ୍ରଜନାଥ ରଥ ସାରସ୍ୱତ ସମ୍ମାନ, ବିଶିଷ୍ଟ ଲେଖକ ଡ଼ଃ ବାସୁଦେବ ସୁନାନୀଙ୍କୁ କବି ବ୍ରଜନାଥ ରଥ ସ୍ମୃତି ସମ୍ମାନ ତଥା କବି ବ୍ରଜନାଥ ରଥଙ୍କ ରଚନାକୁ ବଙ୍ଗଳା ଭାଷାକୁ ଅନୂଦିତ କରିଥିବା ଡ଼ଃ କାଳୀପଦ ପ୍ରଧାନଙ୍କୁ କବି ବ୍ରଜନାଥ ରଥ ସ୍ମୃତି ସମ୍ବର୍ଦ୍ଧନା ପ୍ରଦାନ କରାଯିବ ବୋଲି ସିଦ୍ଧାନ୍ତ ଗ୍ରହଣ କରାଗଲା। ଏହା ବ୍ୟତୀତ କବି ଡ଼ଃ ରଥଙ୍କ ବିଶ୍ୱଶ୍ରୀ ପ୍ରେସର ଅନୁଗାମୀ ଶ୍ରୀଯୁକ୍ତ ଲକ୍ଷ୍ମଣ ଚନ୍ଦ୍ର ବର୍ଦ୍ଧନଙ୍କୁ ମଧ ସମ୍ବର୍ଦ୍ଧିତ କରାଯିବ ବୋଲି ମଧ ସ୍ଥିର କରାଗଲା। ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ପ୍ରତିବର୍ଷ ଜାନୁଆରୀ ୧୨ ତାରିଖ କବି ଡ଼ଃ ରଥଙ୍କ ଜନ୍ମଦିନ ଓ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ବିଶ୍ୱତାରା ଓଡ଼ିଆ ଗବେଷଣା ଗ୍ରନ୍ଥାଗାରର ପ୍ରତିଷ୍ଠା ଦିବସରେ ସାରସ୍ୱତ ସମ୍ମାନ ପାଇଁ ୨୫ ହଜାର, ସ୍ମୃତି ସମ୍ମାନ ପାଇଁ ୫ ହଜାର ଅର୍ଥ ରାଶି ସହ ଅଙ୍ଗବସ୍ତ୍ର ଓ ସମ୍ମାନ ପତ୍ର ପ୍ରଦାନ କରାଯିବ। ଟ୍ରଷ୍ଟର ଏହି ପୁରସ୍କାର ବା ସମ୍ମାନର ଘୋଷଣା କାର୍ଯ୍ୟକ୍ରମରେ ଟ୍ରଷ୍ଟି ଶ୍ରୀମତୀ ପୁଷ୍ପଲତା ରଥ ଟ୍ରଷ୍ଟ ସଦସ୍ୟ ମନସ୍ୱିନୀ ଦେବୀ, ବ୍ୟୋମନାଥ ରଥ, ବିଧୁନାଥ ରଥ, ବ୍ରହ୍ମନାଥ ରଥ, ଡ଼ଃ ମୃତ୍ୟୁଞ୍ଜୟ ମିଶ୍ର, ଡ଼ଃ କାଳିକିଙ୍କର ସମେତ ଡ଼ଃ ଅରବିନ୍ଦ ଗିରି, ଡ଼ଃ ଶିରିଷ ଚନ୍ଦ୍ର ଜେନା, ଡ଼ଃ ସୁବାସ ଚନ୍ଦ୍ର ପାତ୍ର, ଶ୍ରୀଯୁକ୍ତ ସୃଷ୍ଟିଧର ପରିଡା, ଡ଼ଃ ରାଧାରଂଜନ ପଟନାୟକ, ନାଟ୍ୟକାର ହେମେନ୍ଦ୍ର ମହାପାତ୍ର, ଗାଳ୍ପିକା ପୁଷ୍ପାଞ୍ଜଳି ନାୟକ, କବି ଅଭୟ ଦାସ,ଇଂ ହୃଷିକେଶ ସାହୁ ଆଦି ଉପସ୍ଥିତ ଥିଲେ। ଏବର୍ଷ ଜାନୁଆରୀ ୧୨ ତାରିଖରେ କବି ଡ଼ଃ ବ୍ରଜନାଥ ରଥଙ୍କର ୯୧ତମ ଜୟନ୍ତୀ ସମାରୋହ ଓ ତାଙ୍କ ଦ୍ୱାରା ସ୍ଥାପିତ ବିଶ୍ୱତାରା ଓଡ଼ିଆ ଗବେଷଣା ଗ୍ରନ୍ଥାଗାରର ୧୯ତମ ପ୍ରତିଷ୍ଠା ଦିବସ କବିଙ୍କର ବାସଭବନ ବ୍ରଜଭୂମିରେ ପାଳିତ ହେବ ବୋଲି କବି ବ୍ରଜନାଥ ରଥ ଫାଉଣ୍ଡେସନ ଟ୍ରଷ୍ଟର ସଦସ୍ୟ ଶ୍ରୀଯୁକ୍ତ ବ୍ୟୋମନାଥ ରଥ ସୂଚନା ଦେଇଛନ୍ତି।

# ନିର୍ମାଲ୍ୟ ସାହିତ୍ୟ ସଂସଦର ନୂତନ କର୍ମକର୍ତ୍ତା ଚୟନ

ସମ୍ବଲପୁର,୦୨/୧ (ନି.ପ୍ର): ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ ପରମାଣପୁର ଧନୁଯାତ୍ରା ପଡିଆ ସମ୍ମୁଖରେ ଗୁରୁବାର ନିର୍ମାଲ୍ୟ ସାହିତ୍ୟ ସଂସଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭୁତ ଭୂଷଣ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସାହିତ୍ୟ ସଂସଦର ନୂତନ କର୍ମକର୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ଯୁବ ସଂଗଠକ ଭବାନୀଶ ଭୋଇ, ଉପସଭାପତି ଭାବେ କବୟିତ୍ରୀ ନିରୁପମା ନାଥ, ସଂପାଦକ ଭାବେ ଯୁବ କବି ପ୍ରଦ୍ୟୁମ୍ନ ବିଶି, ସହସଂପାଦକ ରାଜଲକ୍ଷ୍ମୀ ମିଶ୍ର, ସଂଯୋଜିକା ସୁଷମା ପ୍ରଧାନ, କୋଷାଧକ୍ଷ ଭାବେ ତ୍ରିଲୋଚନ ସାହୁଙ୍କୁ ଚୟନ କରାଯାଇଥିଲା। ଏଥିସହ ନିର୍ମାଲ୍ୟ ସାହିତ୍ୟ ସଂସଦର ଉପଦେଷ୍ଟା ଭାବେ ବରିଷ୍ଠ ଗୀତିକାର ବିଭୁତି ଭୂଷଣ ନାଥ, କୈଳାସ ଚନ୍ଦ୍ର ବାରିକ, ସୁବ୍ରତ କୁମାର ମିଶ୍ର, କାହ୍ନୁଚରଣ ନାଥଙ୍କୁ ରଖାଯାଇଥିଲା। ସଭାରେ ଅନ୍ୟମାନଙ୍କ ମଧ୍ୟରେ ତ୍ରିଲୋଚନ ସାହୁ, ଉଜାଗର ବାରିକ, ସୁଷମା ପ୍ରଧାନ, ରାଜଲକ୍ଷ୍ମୀ ମିଶ୍ର, ନିରୁପମା ନାଥ, ପ୍ରଦ୍ୟୁମ୍ନ ବିଶି, ମହେଶ୍ୱର ନାୟକ, ରାହାସ ବିହାରୀ ନାଥ, କୈଳାସ ବାରିକ, ପ୍ରସନ୍ନ ମିଶ୍ର, ରାଧେଶ୍ୟାମ ପ୍ରଧାନ ପ୍ରମୁଖ ସଂସଦ ପକ୍ଷରୁ ଆଗାମୀ ଦିନରେ ହାତକୁ ନିଆଯିବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ।

# ନବବର୍ଷରେ ଭାଗବତ ପ୍ରଚାର ପ୍ରସାର ସମିତି ତରଫରୁ ସମ୍ବର୍ଦ୍ଧନା ପର୍ବ

କେନ୍ଦୁଝର,୦୨/୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ଯାଦବ ମହାସଭା ତଥା କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ତରଫରୁ କେନ୍ଦୁଝର ଜିଲ୍ଲା ଯାଦବ ମହାସଭା ସଭାପତି, କେନ୍ଦୁଝର ଜିଲ୍ଲା ଟ୍ରକ୍ ମାଲିକ ସଂଘ ସଂପାଦକ, ଶିରିଡ଼ି ସାଇବାବା ମନ୍ଦିରର ମୁଖ୍ୟ ତତ୍ତ୍ୱାବଧାରକ ତଥା ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତିର ମୁଖ୍ୟ ସହଯୋଗୀ ପ୍ରଦୀପ କୁମାର ବାରିକଙ୍କୁ ପୁଷ୍ପ ଗୁଚ୍ଛ ତଥା ଉତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ଏହାସହ କେନ୍ଦୁଝର ଜିଲ୍ଲା ଯାଦବ ମହାସଭା ସାଂସ୍କୃତିକ ବିଭାଗ ଜିଲ୍ଲା ସଂଯୋଜକ, ଯୋଡା ବ୍ଲକ ଯାଦବ ସମିତି ସଭାପତି ତଥା ଯୋଡା ବ୍ଲକ ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ଦଶରଥ ବାରିକଙ୍କୁ ପୁଷ୍ପ ଗୁଚ୍ଛ ତଥା ଉତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ତଥା ଜିଲ୍ଲା ଯାଦବ ମହାସଭା ଉପଦେଷ୍ଟା ଆଚାର୍ଯ୍ୟ ଦାଶରଥି ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଥିଲା। ଯାଦବ ମହାସଭା ତରଫରୁ ଉପଦେଷ୍ଟା କ୍ଷେତ୍ରବାସୀ ମହାକୁଡ, ଉପସଭାପତି ସୁମନ୍ତ ଗିରି , ମୁଖ୍ୟ ସଂଗଠନ ସମ୍ପାଦକ ପ୍ରଫୁଲ୍ଲ କୁମାର ପ୍ରଧାନ, କାର୍ଯ୍ୟକାରୀ ସମ୍ପାଦକ ଅକ୍ଷୟ କୁମାର ଦାସ , କୋଷାଧକ୍ଷ ରାଜେନ୍ଦ୍ର ମହାକୁଡ, ବରିଷ୍ଠ ଯାଦବ ନିରଞ୍ଜନ ବାରିକ, ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁରତି ଘଣା,ଘଟଗାଁ ବ୍ଲକ ସଂଗଠନ ସମ୍ପାଦକ ରମାକାନ୍ତ ପ୍ରଧାନ, ଝୁମ୍ପୁରା ବ୍ଲକ ସଂଗଠନ ସମ୍ପାଦକ କୁଞ୍ଜବିହାରୀ ପ୍ରଧାନ, ସଦର ବ୍ଲକ କାର୍ଯ୍ୟକାରୀ ସଭାପତି ଦ୍ୱେବ୍ରତ ଗିରି,କେନ୍ଦୁଝର ଗଡ ପୌରାଚଂଳ ସଭାପତି ଅଜୟ କୁମାର ଦାସ,ପାଟଣା ବ୍ଲକ ସମ୍ପାଦକ ରଞ୍ଜନ କୁମାର ବାରିକ, ହରିଚନ୍ଦନପୁର ବ୍ଲକ ସଭାପତି ଶୁକଦେବ ମହାକୁଡ ଏବଂ କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ପକ୍ଷରୁ ଉପଦେଷ୍ଟା ଭଜ ବେହେରା,ରବୀନ୍ଦ୍ର ପାଢୀ, ଉପସଭାପତି ଖଗେଶ୍ୱର ମହାନ୍ତ, ସମ୍ପାଦକ ପ୍ରାଧ୍ୟାପକ ଜଗନ୍ନାଥ ଜେନା , ସଂସ୍କୃତି ବିଭାଗ ସଂଯୋଜକ ପୁରୁଷୋତମ ଜେନା,ସଦର ବ୍ଲକ ସଭାପତି ପ୍ରସନ୍ନ କୁମାର ଦାସ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ।

# ଶୀତକାଳୀନ ସେବା ଶିବିର ଉଦ୍‌ଯାପିତ

ଲଙ୍ଗଳେଶ୍ୱର,୦୨/୧ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁପାଲି ଠାରେ ଥିବା କମଳ କୁମାରୀ ସଂସ୍କୃତ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାରେ ୭ ଦିନିଆ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଗୁରୁବାର ଉଦଯାପିତ ହୋଇଯାଇଛି। କଲେଜ ଅଧକ୍ଷ ରାଜକିଶୋର ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବସ୍ତା ଏସଡିପିଓ ମାନସ ଦେଓ ଯୋଗଦେଇ ପାଠ ପଢ଼ା ସହିତ ଶିକ୍ଷାର୍ଥୀ ମାନଙ୍କ ଉଦ୍ଦେଶ୍ୟରେ ବିଦ୍ୟାଳୟ ସ୍ତରରୁ ଆରମ୍ଭ କରାଯାଉଥିବା ବିଭିନ୍ନ ସେବା ଯୋଜନାରେ ସାମିଲ ହେଲେ ଅନ୍ତର୍ନିହିତ ଗୁଣ ସହିତ ପାରିପାର୍ଶ୍ୱିକ ଜ୍ଞାନ ର ବିକାଶ ଘଟିଥାଏ ଅର୍ଥାତ୍ ସେବା ଦ୍ୱାରା ଉତ୍ତମ ରାଷ୍ଟ୍ର ଗଠନ କରିହୁଏ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଧ୍ରୁବ ଚରଣ କଲେଜ ଅଧକ୍ଷ ପ୍ରିୟବ୍ରତ ପଣ୍ଡା, ସମ୍ମାନିତ ଅତିଥି କୃଷ୍ଣ ଚନ୍ଦ୍ର ପିପିଲି ମହାବିଦ୍ୟାଳୟର ଅଧ୍ୟାପକ ବିଜୟ କୁମାର ଜେନା, ଅବସର ପ୍ରାପ୍ତ ଅଧ୍ୟାପକ ଶ୍ରୀ କାନ୍ତ କାମୁଳିଆ ପ୍ରମୁଖ ଯୋଗଦେଇ ଥିଲେ। ପ୍ରୋଗ୍ରାମ ଅଫିସର ଡ଼ ଲକ୍ଷ୍ମୀକାନ୍ତ ରଥ ଶିବିର ଆୟୋଜନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶିବିର ରେ ସାମିଲ ହୋଇଥିବା ଛାତ୍ରୀ ମାନଙ୍କୁ ଅତିଥି ମାନେ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଅଧ୍ୟାପକ ସୁଧିର କୁମାର ନନ୍ଦ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ବେକରେ ଗାମୁଛାଦେଇ ଅଷ୍ଟମଶ୍ରେଣୀ ଛାତ୍ରର ଆତ୍ମହତ୍ୟା: କାରଣ ଅସ୍ପଷ୍ଟ

ନୀଳଗିରି ,୦୨/୧ (ନି.ପ୍ର): ୨୦୨୬ମସିହାର ପ୍ରଥମଦିନ ଅର୍ଥାତ୍ ଇଂରାଜୀ ନୂଆବର୍ଷରେ ସମସ୍ତେ ହସଖୁସିରେ ମସଗୁଲ ଥିବାବେଳେ ନୀଳଗିରି ଥାନା ନରସିଂହପୁର ପଞ୍ଚାୟତ ପୁରୁଣାଗାଁ ର ରାମକୃଷ୍ଣ ମହାପାତ୍ରଙ୍କ ପରିବାରପାଇଁ ଏହି ଦିନଟି ଅଶୁଭଦିନ ପାଲଟିଛି। ନିଜର ଏକମାତ୍ର ମେଧାବୀ ପୁଅ ଅଙ୍କିତ ବେକରେ ଗାମୁଛାଦେଇ ଆତ୍ମହତ୍ୟା କରିଥିବାରୁ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛି ପରିବାର। ୧୩ବର୍ଷୀୟ ଅଙ୍କିତ ପିଲାବେଳୁ ଖୁବ୍ ମେଧାବୀଥିବାରୁ ଏବେ ସେ ଜାମୁଡିହା ସ୍ଥିତ ଆଦର୍ଶ ବିଦ୍ୟାଳୟରେ ଅଷ୍ଟମଶ୍ରେଣୀରେ ପଢୁଥିଲେ। ଛୁଟିଥିବାରୁ ନୀଳଗିରି ହାଟପଡିଆ ନିକଟସ୍ଥ ଏକ ଭଡାଘରେ ମାଙ୍କ ସହିତ ରହୁଥିବାବେଳେ ଆଜି (ନୂଆବର୍ଷ) ଅବସରରେ ମା ନିକଟସ୍ଥ ମନ୍ଦିରକୁ ଯାଇଥିବାର ସୁଯୋଗନେଇ ଅଙ୍କିତ ଅପରାହ୍ନ ପ୍ରାୟ ୧.୪୫ସମୟରେ ଶୋଇବାଘରେ ବେକରେ ଗାମୁଛାଭିଡ଼ି ଫ୍ୟାନ ରେ ଓହଳି ପଡିଥିବା ଦେଖିବାକୁ ମିଳିଛି। ମା ମନ୍ଦିରରୁ ଫେରି ପୁଅ ଫ୍ୟାନରେ ଓହଳିଥିବାର ଦେଖି ଡାକ ପକାଇଥିଲେ। ଆଖପାଖରେ ଥିବା ଲୋକ ଘଟଣାସ୍ଥଳରେ ପହଞ୍ଚି ଅଙ୍କିତକୁ ଫ୍ୟାନରୁ ଓହ୍ଲାଇ ନିକଟସ୍ଥ ହସ୍ପିଟାଲ ନେଇଥିଲେ ହେଁ ଡାକ୍ତର ମୃତାଘୋଷଣା କରିଛନ୍ତି। ତେବେ ଏତେ ଛୋଟବୟସରେ ଛାତ୍ରଜଣକ କାହିଁକି ଆତ୍ମହତ୍ୟା କଲା, କାରଣ ଅସ୍ପଷ୍ଟ ଥିବାବେଳେ ଅଙ୍କିତଙ୍କ ମା ପୁଅକୁ ବୁଲିବାକୁ ଯିବାକୁ ବାରଣକରିବାରୁ ଆତ୍ମହତ୍ୟା କରିଥାଇପାରେ ବୋଲି କାନ୍ଦିକାନ୍ଦି ସୂଚନା ଦେଇଛନ୍ତି। ତେବେ ନୀଳଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ବେଳେ ମୃତଛାତ୍ରର ଶବବ୍ୟବଚ୍ଛେଦ କରିବାପାଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିବା ଜଣାଯାଇଛି।

# ପ୍ରତିଟି କ୍ଷୁଦ୍ର ଉନ୍ନତିମୂଳକ ପଦକ୍ଷେପ ସଂଗଠନର ସାମଗ୍ରିକ କାର୍ଯ୍ୟଦକ୍ଷତାରେ ବ୍ୟାପକ ସକାରାତ୍ମକ ପରିବର୍ତ୍ତନ ଆଣିପାରେ: ଆଲୋକ ବର୍ମା

ରାଉରକେଲା ,୦୨/୧ (ନି.ପ୍ର): ସେଲ୍,ରାଉରକେଲା ଇସ୍ପାତ କାରଖାନା(ଆରଏସପି)ର ଭାରପ୍ରାପ୍ତ ନିର୍ଦ୍ଦେଶକ(ଡ଼ିଆଇସି) ଶ୍ରୀ ଆଲୋକ ବର୍ମା ୨୦୨୬ ନୂତନ ବର୍ଷ ପାଳନ ଅବସରରେ ଆରଏସପିର କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ 'ପ୍ରତ୍ୟେକ କ୍ଷୁଦ୍ର ଉନ୍ନତିମୂଳକ ପଦକ୍ଷେପ ସଂଗଠନର ସାମଗ୍ରିକ କାର ?ୟଦକ୍ଷତାରେ ବ୍ୟାପକ ସକାରାତ୍ମକ ପରିବର୍ତ୍ତନ ଆଣିପାରେ,' ବୋଲି ଉଲ୍ଲେଖ କରିଛନ୍ତି।

ଏହି ଅବସରରେ ଡିଆଇସି, ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, ଖଣି ଉନ୍ନୟନ-ସିଏମଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବି କେ ଗିରି, କାର ?ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର, ଖଣି..ଓଜିଓଏମ୍-ସିଏମ୍ଏଲ୍ଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏମ୍ ପି ସିଂହ, ବିତ୍ତ ଏବଂ ଲେଖା ବିଭାଗର ସିଜିଏମ ଶ୍ରୀ ରାଜେଶ ଦାସଗୁପ୍ତା ଏବଂ ଅନ୍ୟ ବହୁ ବରିଷ୍ଠ ଅଧିକାରୀମାନେ ବିଭିନ୍ନ ବିଭାଗ ପରିଦର୍ଶନ କରିବା ସହ ଆରଏସପି କାର୍ମିକମାନଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇଥିଲେ। ଏହି ପରିଦର୍ଶନ ପ୍ରଶାସନିକ ବ୍ଲକରୁ ଆରମ୍ଭ ହୋଇଥିଲା। ଏହା ପରେ ବିଭିନ୍ନ ସ୍ଥାନ ଯେପରିକି ଜ୍ଞାନାର୍ଜନ ଓ ବିକାଶ ବିଭାଗ, ଏନଏସପିସିଏଲ୍, ଆର ଏମଏଚପି, ବ୍ଲାଷ୍ଟ ଫର୍ଣ୍ଣେସ୍ ୫, ଷ୍ଟିଲ୍ ମେଲ୍ଟିଂ ସପ୍-୨, କୋକ୍ ଓଭେନ୍ସ, ଇଡି(କାର୍ଯ୍ୟା) କାର୍ଯ୍ୟାଳୟ, ହଟ୍ ଷ୍ଟ୍ରିପ୍ ମିଲ୍-୨, ନୂତନ ପ୍ଲେଟ୍ ମିଲ୍, ଇଡି (ପ୍ରୋଜେକ୍ଟ) କାର୍ଯ୍ୟାଳୟ, ଟାଉନ୍ ଇଞ୍ଜିନିୟରିଂ କାର ?ୟାଳୟ ଏବଂ ଆଇଜିଏଚ୍ ନୂତନ ସମ୍ମିଳନୀ ହଲ୍ ରେ ଶ୍ରୀ ବର୍ମା ବରିଷ୍ଠ ଅଧିକାରୀମାନଙ୍କ ସହିତ ବ୍ୟକ୍ତିଗତ ଭାବରେ କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ ଏବଂ ସେମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ଉତ୍ସବକୁ ସ୍ମରଣୀୟ କରିବା ପାଇଁ ଏଲ ଆଣ୍ଡ ଡ଼ି ବିଭାଗରେ ଉତ୍ସବକାଳୀନ କେକ୍ କଟାଯାଇଥିଲା।

ଆଲୋଚନା ସମୟରେ ଭାରପ୍ରାପ୍ତ ନିର୍ଦ୍ଦେଶକ ବିଭିନ୍ନ ସଫଳତା ପାଇଁ ଆରଏସପି ସାମୂହିକମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଏକ ସମନ୍ୱିତ ଇସ୍ପାତ କାରଖାନାର ଉତ୍ପାଦନ ଶୃଙ୍ଖଳରେ ପ୍ରତ୍ୟେକ ବିଭାଗର ଗୁରୁତ୍ୱ ଏବଂ ପ୍ରତ୍ୟେକ ୟୁନିଟ୍ କିପରି କାରଖାନାର ସଫଳତାରେ ନିଜ ନିଜ ଉପାୟରେ କିପରି ଯୋଗଦାନ ଦେଇପାରିବେ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଆହୁରି ମଧ କହିଥିଲେ ଯେ, 'ବିଭାଗଗୁଡିକରେ ଆମର କର୍ମଚାରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ସମର୍ପଣ, ଦଳଗତ କାର ?ୟ ଏବଂ ସ୍ଥିରତା ପ୍ରକୃତରେ ପ୍ରଶଂସନୀୟ। ଉତ୍ପାଦକତାରେ ବୃଦ୍ଧି ଏବଂ ବୈଷୟିକ-ଅର୍ଥନୀତିକୁ ଆହୁରି ଉନ୍ନତ କରିବା ପାଇଁ ନିର୍ଦ୍ଦିଷ୍ଟ କ୍ଷେତ୍ର ଉପରେ ଧ୍ୟାନ ଦେବାକୁ ମୁଁ ସମସ୍ତଙ୍କୁ ଉତ୍ସାହିତ କରୁଛି। ସାମୂହିକ ପ୍ରତିବଦ୍ଧତା ଏବଂ କେନ୍ଦ୍ରିତ କାର୍ଯ୍ୟାନ୍ୱୟନ ସହିତ, ଆମେ ୨୦୨୯ ସୁଦ୍ଧା ଆରଏସପିକୁ ସର୍ବନିମ୍ନ ମୂଲ୍ୟର ଇସ୍ପାତ ଉତ୍ପାଦକ କରିବା ପାଇଁ ଆମର ଲକ୍ଷ୍ୟ ଦିଗରେ ସ୍ଥିର ଭାବରେ ଆଗକୁ ବଢ଼ିପାରିବୁ।' ଶ୍ରୀ ବର୍ମା ମଧ ଅଧସ୍ତନ କର୍ମଚାରୀଙ୍କଠାରେ ଅତି କମରେ ଗୋଟିଏ ସ୍ୱତନ୍ତ୍ର ଦକ୍ଷତା ବିକଶିତ କରି ସେଗୁଡ଼ିକୁ ପ୍ରତିପାଦନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ସେମାନଙ୍କ ଅଭିବୃଦ୍ଧି ଏବଂ ଏକ ଶକ୍ତିଶାଳୀ ସଂଗଠନ ଗଠନ ପାଇଁ ଅତ୍ୟାବଶ୍ୟକ। ସେ ମଧ ବିଶ୍ୱାସ ପ୍ରକାଶ କରିଥିଲେ ଯେ ୨୦୨୬ ବର୍ଷ ବିଗତ ବର୍ଷ ଅପେକ୍ଷା ଆରଏସପି ନିମନ୍ତେ ଆହୁରି ଶୁଭଂକର ହେବା ସହିତ ଉତ୍ପାଦନରେ ମଧ ଏହା ଉତ୍କର୍ଷତାର ନୂତନ ଶିଖର ଛୁଇଁବ। କର୍ମଚାରୀମାନେ ସେମାନଙ୍କ ପକ୍ଷରୁ ସଂଗଠନକୁ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିବା ପାଇଁ ଆବଶ୍ୟକ ସମସ୍ତ ପ୍ରୟାସ କରିବାକୁ ପ୍ରତିଶ୍ରୁତିବଦ୍ଧତା ପ୍ରକାଶ କରିଥିଲେ।

## ବ୍ୟାପକ ଚୋରା ମଦ ଜବତ: ୫ କୋର୍ଟଚାଲାଣ

କେନ୍ଦ୍ରାପଡା,୦୨/୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ୍ ଆର୍.ଆୟାର୍‌ଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ବିଭିନ୍ନ ଅଂଚଳରେ ଚୋରା ମଦ ବିକ୍ରି ହେଉଥିବାର ଅଭିଯୋଗ ପାଇବାପରେ ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ନେତୃତ୍ୱରେ ଡେରାବିଶ, କେନ୍ଦ୍ରପଡା ଟାଉନ୍, ଶାମଗୁଡିଆ ପ୍ରଭୃତି ଅଂଚଳରେ ଚଢାଉ କରି ଭାବଗ୍ରାହୀ, ବୟନଗର ଗ୍ରାମର ପ୍ରଭାତ କୁମାର ସେଠୀ, କେଉଟ ଖଣ୍ଡିଆ ଗ୍ରାମର ସନ୍ତୋଷ ସେଠୀ, କଷୋଟି ଗ୍ରାମର ଅଲେଖ ମଳିକ ଓ ଟିଲାଙ୍ଗ ଗ୍ରାମର ରମେଶ ଚନ୍ଦ୍ର ମଳିକ ପ୍ରଭୃତିଙ୍କୁ ଚୋରା ମଦ ବିକ୍ରି କରୁଥିବାବେଳେ ଗିରଫ କରି ତାଙ୍କ ପାଖରୁ ଦେଶୀ ବିଦେଶୀ ରନ୍ଧା ମଦ ଜବତ କରାଯାଇ ୫ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉ ସମୟରେ ଅବକାରୀ ନିରୀକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ଋତୁପ୍ରଭା ସ୍ୱାଇଁ, ସହକାରୀ ଉପନିରୀକ୍ଷକ ସୁନିଲ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସିଂଲାରେ ଶ୍ରୀ ଜଗନ୍ନାଥଙ୍କ ୩୨ ବେଶ ଉଦ୍‌ଘାଟିତ



ବସ୍ତା, ୨/୧ (ନି.ପ୍ର): ଆଧାତ୍ମିକମୟ ସିଂଲା ଓ ଆଖପାଖ ଅଞ୍ଚଳ। ଭାବ ବିନୋଦିଆ ଭାବର ଠାକୁର କାଳିଆ ସାଆନ୍ତ । ବଳିଆର ଭୁଜଙ୍କ ବିଭିନ୍ନ ବେଶ ଦେଖି ଭକ୍ତ ଆଖି ଛଳଛଳ । ଶ୍ରୀଜିଉଙ୍କ ଆଗରେ ହାତ ଟେକି ନିଜକୁ ସମର୍ପି ଦେଇଛନ୍ତି ଭକ୍ତ । ଗୋଟିଏ ସ୍ଥାନରେ ମହାପ୍ରଭୁଙ୍କ ୩୨ ପ୍ରକାର ବେଶ ଦେଖି ଆତ୍ମବିଭୋର ସମସ୍ତେ । ଜଗନ୍ନାଥମୟ ହୋଇଛି ସିଂଲା ଜଗନ୍ନାଥ ମନ୍ଦିର ଠାରୁ ୩୨ ବେଶ ପଡିଆ ପରିସର । ଚତୁର୍ଦ୍ଧା ବିଗ୍ରହଙ୍କ ସୁନାବେଶ ଓ ବିଭିନ୍ନ ବେଶ ଦର୍ଶନ କରି ପବିତ୍ର ହୋଇଛି ଶ୍ରଦ୍ଧାଳୁଙ୍କ ଆଖି । ମାନବୀୟ ଲିଳାଖେଳା କରୁଛନ୍ତି ପ୍ରତି ଓଡିଆଙ୍କ ପ୍ରାଣକେନ୍ଦ୍ର କାଳିଆ ଠାକୁର । ବିଭିନ୍ନ ସମୟରେ ମହାପ୍ରଭୁଙ୍କର ଭିନ୍ନଭିନ୍ନ ବେଶ କରାଯାଏ । ସବୁ ବେଳେ ସମସ୍ତେ ପୁରୀ ଯାଇ ବେଶ ଦର୍ଶନ କରି ପାରନ୍ତି ନାହିଁ । ତେଣୁ ସିଂଲା ୩୨ ବେଶ କମିଟି ପକ୍ଷରୁ ନିଆରା ପ୍ରୟାସ କରାଯାଇଛି । ଏହି କ୍ରମରେ ପ୍ରଥମ ଦିନରେ ନୃତ୍ୟ ମହୋତ୍ସବ ଓ ଜଗନ୍ନାଥ ଙ୍କ ୩୨ ବେଶ ସାଙ୍ଗକୁ ଗ୍ରାମୀଣ ମେଳା ଗୁରୁବାର ସନ୍ଧ୍ୟାରେ ଆଧ୍ୟତ୍ମିକ ପରିବେଶ ରେ ଉଦଘାଟିତ ହୋଇଛି। ଅଧ୍ୟାପକ ନିରଞ୍ଜନ ବେହେରା ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ଉତ୍ସବ କମିଟିର ସଭାପତି ଶିକ୍ଷାବିତ ଜୟନ୍ତ କୁମାର ମିଶ୍ର ଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଉଦଘାଟକ ଭାବରେ ପ୍ରକୃତି ବନ୍ଧୁ ତଥା ସାମଜିକ କର୍ମୀ ସୁମନ୍ତ କୁମାର ଜେନା ଯୋଗଦେଇ କହିଥିଲେ ଯେ ଶ୍ରୀଜଗନ୍ନାଥ ମହାପ୍ରଭୁ ସମଗ୍ର ଜଗତର ବିସ୍ମୟ ଏବଂ ରହସ୍ୟମୟ,। ଶ୍ରୀଜଗନ୍ନାଥଙ୍କ ବିଗ୍ରହରେ ପ୍ରତ୍ୟେକ ଧର୍ମର ପ୍ରତୀକ ବିଦ୍ୟମାନ ଓ ମଣିଷ ସମାଜର ରୀତିନୀତି, ଚାଲିଚଳଣି, ଆଚାର ବିଚାରକୁ କେନ୍ଦ୍ର କରି ଗଢ଼ି ଉଠିଛି ଜଗନ୍ନାଥ ସଂସ୍କୃତି। ପ୍ରତ୍ୟେକ ରୀତିନୀତି ଏବଂ ଆଚରଣରେ ମାନବୀୟ ଦୃଷ୍ଟିକୋଣ ହିଁ ନିହିତ। ତେଣୁ ଏଭଳି ଏକ ମହତ୍ ଆୟୋଜନ ପାଇଁ ଉତ୍ସବ କମିଟିକୁ ଯେତେ ପ୍ରସଂଶା କଲେ ମଧ କମ୍ ହେବ । ଅନ୍ୟ ତମ ଅତିଥି ଭାବେ ସମାଜସେବୀ ସଂଗ୍ରାମ କେଶରୀ ପରିଡ଼ା, ସମାଜସେବୀ ପରମାନନ୍ଦ ମହାପାତ୍ର, ପ୍ରମୁଖ ଯୋଗଦେଇ ନିଜର ମତପୋଷଣ କରିଥିଲେ। ସମ୍ପାଦକ କମଳାକାନ୍ତ ଅଣ୍ଡିଆ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ବରିଷ୍ଠ ସଦସ୍ୟ ଭଗବାନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଜଗନ୍ନାଥ ୩୨ ବେଶ ଭକ୍ତଙ୍କୁ କ୍ରୃତାର୍ଥ କରୁଛି ସେହିପରି ଗ୍ରାମୀଣ ମେଳା ରେ ଚଟପଟା ଖାଦ୍ୟ ବିଭିନ୍ନ ପ୍ରକାରର ଭଳିକି ଭଳିକି ରଙ୍ଗବେରଙ୍ଗ ସାମଗ୍ରୀ ସୁଲଭ ମୂଲ୍ୟରେ ମିଳୁଥିବାରୁ ବହୁ ଲୋକମାନେ କିଣାକିଣି କରିବାକୁ ଆନନ୍ଦ ଦେଖିବା କୁ ମିଳୁଛି। ଚିତ୍ତରଞ୍ଜନ ସାହୁ, ସୈମ୍ୟରଞ୍ଜନ ଦଳାଇ, ମୃତ୍ୟୁଞ୍ଜୟ ନନ୍ଦ, ଦେବେନ୍ଦ୍ର ସାହୁ, ଶୁଭଙ୍କର ମିଶ୍ର, ସରୋଜ ଜେନା, ନନ୍ଦନ ସାହୁ,ତପନ କାମିଲା,ଅଜୟ ମହାଲିକ, ରାଜେନ୍ଦ୍ର ଦାସ, ପ୍ରମୁଖ ପରିଚାଳନା କରିଥିଲେ।

## ତ୍ରିଲୋଚନ ସାହୁଙ୍କ ପରଲୋକ

ବଲାଙ୍ଗୀର, ୨/୧ (ନି.ପ୍ର): ବଲାଙ୍ଗୀରର ଆନନ୍ଦନଗର ନିବାସୀ ତ୍ରିଲୋଚନ ସାହୁଙ୍କର ୭୯ ବର୍ଷ ବୟସରେ ଏକ ଘରୋଇ ହସ୍‌ପିଟାଲରେ ତା. ୩୧.୧୨.୨୦୨୫ ଦିନ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ ୧୯୪୬ ମସିହାରେ ବଲାଙ୍ଗିର ଜିଲ୍ଲାର ଲୋଇସିଂହା ଥାନା ଅନ୍ତର୍ଗତ ନଅଗାଁ(ଖ)ଗ୍ରାମରେ ସ୍ୱର୍ଗତ ବଳରାମ ସାହୁ ଏବଂ ପାଂଚ ସାହୁଙ୍କ ଔରସରୁ ତୃତୀୟ ପୁତ୍ର ହିସାବରେ ଜନ୍ମଗ୍ରହଣ କରିଥିଲେ। ୨୦୦୪ ମସିହାରେ ୱେସକୋ ଓଡିଶା ସରକାରଙ୍କ ବିଦ୍ୟୁତ ବିଭାଗରୁ ଆସିଷ୍ଟାଣ୍ଟ ଇଞ୍ଜିନିୟର ପଦବୀରୁ ଅବସର ଗ୍ରହଣ କରିବା ସହିତ ବଲାଙ୍ଗୀର ଜିଲ୍ଲାର କୁଳତା ସମାଜର ପୂର୍ବତନ ଜିଲ୍ଲା ସଭାପତି ଦାୟିତ୍ୱ ମଧ ସୁଚାରୁ ରୂପେ ସମ୍ପାଦନ କରିଥିଲେ। ସେ ଜଣେ ମିଷ୍ଟ ଭାଷି, ମେଳାପି ଏବ ପରୋପକାରୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ।

## ବନସାଥୀ ତରଫରୁ ମୟୂରଭଂଜ ମିଶ୍ରଣ ଦିବସ ପାଳିତ



ଉଦଳା, ୨/୧ (ନି.ପ୍ର): ଉଦଳା ବ୍ଲକ ଅନ୍ତର୍ଗତ ନାବରା ଗ୍ରାମଠାରେ ଥିବା ସ୍ୱେଚ୍ଛାସେବି ସଂଗଠନ ବନସାଥି କେନ୍ଦ୍ର ତରଫରୁ ପ୍ରତିବର୍ଷ ପରି ଚଳିତ ଜାନୁଆରି ୧ ତାରିଖ ଗୁରୁବାର ଦିନ ମୟୂରଭଂଜ ମିଶ୍ରଣ ଦିବସ ପାଳିତ ହୋଇ ଯାଇଛି । ପ୍ରକାଶ ଥାଉକି ମୟୂରଭଂଜରେ ଅତିତରେ ରାଜା ଶାସନ ଚାଲିଥିଲା । ସେ ସମୟରେ ଏହା ଏକ ସ୍ୱତନ୍ତ୍ର ରାଜ୍ୟ ଭାବରେ ପରିଚୟ ସୃଷ୍ଟି କରିଥିଲା । ୧୯୪୯ ମସିହା ଜାନୁଆରି ୧ ତାରିଖ ଦିନ ଭାରତ ସରକାରଙ୍କ ମିଶ୍ରଣ ଚୁକ୍ତି ଅନୁସାରେ ଏହା ଓଡ଼ିଶାର ଏକ ଜିଲ୍ଲା ଭାବରେ ପରିଗଣିତ ହେବା ସହିତ ରାଜ୍ୟର ମାନ୍ୟତା ହରାଇଥିଲା । ତେବେ ଅତିତର କଥା ଗୁଡ଼ିକୁ ମନେପକାଇବା ପାଇଁ ପ୍ରତିବର୍ଷ ଜାନୁଆରି ୧ ତାରିଖ ଦିନ ମୟୂରଭଂଜ ମିଶ୍ରଣ ଦିବସ ପାଳିତ ହୋଇ ଆସୁଛି । ଚଳିତ ବର୍ଷ ବନସାଥି କେନ୍ଦ୍ରର ସଭାପତି ନରୋତମ ଦାସଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ବହୁ ବୟସ୍କ ବ୍ୟକ୍ତି ଯୋଗ ଦେଇ ରାଜା ଶାସନ ସମୟରେ ମୟୂରଭଂଜର ଲୋକେ ଦାଦନ ଶବ୍ଦ ଶୁଣିନଥିଲେ । କିନ୍ତୁ ଓଡ଼ିଶାର ଜିଲ୍ଲା ଭାବରେ ପରିଗଣତ ହେବା ପରେ ରାଜ୍ୟ ସରକାର ମୟୂରଭଂଜ ବାସିଙ୍କୁ ଦାଦନ ଶ୍ରମିକ ସଜାଇଦେଲେ । ଏହା ଖୁବ୍ ଦୁଃଖ ଓ ଯନ୍ତ୍ରଣାଦାୟକ ହୋଇ ଉଠିଛି ବୋଲି ଅଶ୍ରୁଳ ନୟନ ଓ କୋହଭରା କଣ୍ଠରେ ବ୍ୟକ୍ତ କରିଥିଲେ । ଏହାକୁ ଖୁବ୍ ଗମ୍ଭିରତାର ସହ ସମସ୍ତେ ବିଚାରକୁ ନେଇଥିଲେ । ଗବେଷକ କିଶୋର ଚନ୍ଦ୍ର ଦାସବାବୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓଙ୍କ ପାଇଁ ଆମେ କିପରି ଗର୍ବ ଅନୁଭବ କରୁ ଏବଂ ଏହି ସ୍ୱାଭିମାନ ପାଇଁ ଆଜି ଆମେ ଜିଲ୍ଲା ବିଭାଜନକୁ ସହଜରେ ଗ୍ରହଣ କରିପାରୁ ନାହୁଁ ବୋଲି ବ୍ୟକ୍ତ କରିଥିଲେ । ପରେ ସାମାଜିକ କର୍ମି ସନ୍ତୋଷ ସାହୁ ଜଙ୍ଗଲଜମି ପଟ୍ଟା ପ୍ରଦାନ କ୍ଷେତ୍ରରେ ପ୍ରଶାସନ କଳ ଆଦୌ ସହଯୋଗ କରୁନଥିବାର କଥା ପ୍ରକାଶ କରିଥିଲେ । ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ମୟୂରଭଂଜ ପାଇଁ ଆସିଥିବା ବିଶ୍ୱବିଦ୍ୟାଳୟ, ମେଡ଼ିକାଲ କଲେଜ, ଆଇନ ମହାବିଦ୍ୟାଳୟ ଇତ୍ୟାଦି ସବୁଯାକ ବାରିପଦାରେ ନହୋଇ ରାଇରଙ୍ଗପୁର, କରଂଜିଆ ଓ ଉଦଳା ଠାରେ ହୋଇଥିଲେ ସବୁଯାକ ମୟୂରଭଂଜରେ ରହିଥାନ୍ତା, ଆଜି ଜିଲ୍ଲା ବିଭାଜନର ପ୍ରଶ୍ନ ଉଠିନଥାନ୍ତା ବୋଲି ଭାଷଣ ମାଧ୍ୟମରେ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସଂଗଠକ ମନୋରଂଜନ ମଲ୍ଲିକ, ସ୍ୱେଚ୍ଛାସେବି ଆଶିଷ ମଲିକ, ପାଲାଗାୟକ ନରେନ୍ଦ୍ର ମହାକୁଡ଼, ୱାର୍ଡ଼ମେମ୍ବର ମନୋରଂଜନ ପାତ୍ର ପ୍ରମୁଖ ଅଂଶ ଗ୍ରହଣ କରି ରାଜ୍ୟ ସରକାର ମୟୂରଭଂଜକୁ ସବୁଦିନେ ସାବତ ପୁଅ ଭଳି ଦେଖିଆସୁଛନ୍ତି । ଯାହାକି ଆମ ପାଇଁ ଖୁବ୍ ଯନ୍ତ୍ରଣାଦାୟକ ହୋଇ ଉଠିଛି ବୋଲି ବ୍ୟକ୍ତ କରିଥିଲେ । ହିମାଦ୍ରି ତନୟା ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିବା ବେଳେ ଶେଷରେ କୃପାସିନ୍ଧୁ ପାତ୍ର ଧନ୍ୟବାଦ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମର ଯବନିକା ପକାଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଓଡିଶାକୁ ସମ୍ପୂର୍ଣ୍ଣ ଦୁର୍ନୀତି ...

କର୍ମଚାରୀଙ୍କର ୧୧୯୯ଟି ଦୁର୍ନୀତିଗ୍ରସ୍ତ ବ୍ୟାଙ୍କ ଆକାଉଣ୍ଟ ଗୁଡିକୁ ବନ୍ଦ କରିଦିଆଯାଇଛି । ୧୫୩ଟି ବିଲଡିଙ୍ଗ, ୧୮.୩ କିଲୋଗ୍ରାମର ସୁନା, ୪୧୭ଟି ପ୍ଲଟ, ୧୨ଟି ଫାର୍ମ ହାଉସ ଜବତ କରାଯାଇଛି । ଏଥିସହିତ ୩୬.୬୯ କୋଟି ଟଙ୍କା ଜମାରାଶି ଏବଂ ୮.୮ କୋଟି ଗଚ୍ଛିତ ନଗଦ ଟଙ୍କା ମଧ ଜବତ କରାଯାଇଛି । ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବର୍ତ୍ତମାନ ଓଡ଼ିଶାକୁ ସମ୍ପୂର୍ଣ୍ଣ ଦୁର୍ନୀତି ମୁକ୍ତ କରିବା ପାଇଁ ସମୟ ଆସିଯାଇଛି ଏବଂ ଏକ ଏପରି ଉଦାହରଣ ସୃଷ୍ଟି କରିବା ଯାହାଫଳରେ ସରକାରୀ କର୍ମଚାରୀ ମାନେ ଦୁର୍ନୀତିର ରାସ୍ତାରୁ ନିବୃତ୍ତ ରହିବେ । ଭିଜିଲାନ୍ସ ବିଭାଗ ତାର ଅଭିଯାନ ଜାରି ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ବୈଠକରେ ଭିଜିଲାନ୍ସ ବିଭାଗର ବିଭିନ୍ନ ଆବଶ୍ୟକତା ଯେପରି ଦକ୍ଷତା ବୃଦ୍ଧି, ନିଯୁକ୍ତି ଏବଂ ପଦବୀ ପୂରଣ ସମ୍ପର୍କରେ ଆଲୋଚନା ହୋଇଥିଲା । ଏ ବିଷୟରେ ତର୍ଜମା କରାଯାଇ ଖୁବ୍‌ଶୀଘ୍ର ଉପଯୁକ୍ତ ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଉକ୍ତ ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେନ୍ଦ୍ର କୁମାର, ଭିଜିଲାନ୍ସ ବିଭାଗ ନିର୍ଦ୍ଦେଶକ ଶ୍ରୀ ଯଶୱନ୍ତ କୁମାର ଜେଠୱା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର, ଅତିରିକ୍ତ ନିର୍ଦ୍ଦେଶକ ଭିଜିଲାନ୍ସ ଶ୍ରୀ ଅସୀତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

### ପୂର୍ବତନ ସୂଚନା ଓ ଲୋକସଂପର୍କ ...

ଅଜାତଶତ୍ରୁ ସ୍ମୃତି କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ନିକଟରେ ଜିତିଥିବା ଦୃଷ୍ଟିହୀନ ବିଶ୍ୱ କ୍ରିକେଟ ଦଳରେ ଓଡିଶାରୁ ୪ଜଣ ତଥା ବାଲେଶ୍ୱରରୁ ସାମିଲ ହୋଇଥିବା ୩ଜଣଙ୍କ ମଧ୍ୟରୁ ରାଣିପାଟନାସ୍ଥିତ ଦି ୱେଲ୍ ଫେୟାର(The Welfare), Blind School ଅନୁଷ୍ଠାନର ପ୍ରତିଷ୍ଠାତା ନିର୍ଦ୍ଦେଶକ ଦିବାକର ସ ଏବଂ ପାର୍ବତୀ ମାରାଣ୍ଡିଙ୍କୁ ଅତିଥି ମାନଙ୍କଦ୍ୱରା ସମ୍ବର୍ଦ୍ଧିତ କରାଯାଇଥିଲା ।ବରିଷ୍ଠ ସାମ୍ବାଦିକ ତଥା ଆବାହକ ନିରଞ୍ଜନ ଦାସ ସଭାପତିତ୍ୱରେ ସମସ୍ତ କାର୍ଯ୍ୟକ୍ରମ କରାଯାଇଥିବା ବେଳେ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ ସଭା ସଂଯୋଜନା କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ପ୍ରାକ୍ତନ ବିଧାୟକ ଜୀବନ ପ୍ରଦୀପ ଦାଶ, ପୌରପାଳିକା ଅଧ୍ୟକ୍ଷା ଶ୍ରୀମତି ସବିତା ସାହୁ, ଜିଲ୍ଲା କ୍ରୀଡା ସଂଘ କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ, ବରିଷ୍ଠ ଡ଼ାକ୍ତର ବିଜୟ କୁମାର ପଣ୍ଡା, ଧ୍ୱନି ପ୍ରତିଧ୍ୱନିର ସମ୍ପାଦକ ସୃଷ୍ଟିଧର ପରିଡ଼ା, ବରିଷ୍ଠ ଆଇନଜୀବୀ ମୋନାଜ ନାୟକ, ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି,କିଶୋର ଦାସ,ରବି ରାଉତ, ଅର୍ଚ୍ଚନା ନନ୍ଦୀ, ବ୍ରହ୍ମାନନ୍ଦ ସ୍ୱାଇଁ, ଉବାଚକ ମହାନ୍ତି, ସୁରେନ୍ଦ୍ର ଜେନା, ଉଜ୍ଜଳ କର, ଗୟାଧର କରଣ, ଜିଲ୍ଲା କ୍ରୀଡା ସଂଘର ବରିଷ୍ଠ କର୍ମକର୍ତ୍ତା, ବିଷ୍ଣୁ ମହାନ୍ତି, ପଦ୍ମଲୋଚନ ଲେଙ୍କା, ସୁନହଟର କାହ୍ନୁ ଦାସ, ମଦନ ଦାସ, ଗୌତମ ଦାସ, ରାଧା ପ୍ରବିନ ଦାସ,ରାଜେନ୍ଦ୍ର ଦାସ,ସତ୍ୟେନ୍ଦ୍ର ଦାସ,ପ୍ରମୁଖ ଯୋଗଦେଇ ଫଟୋ ଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଭ୍ରାତା ଭିକ୍ଟର ଦାସ ଏବଂ ପୁତ୍ର ଅଭିରାମ ଦାସ ଉପସ୍ଥିତ ଥିଲେ। ପରିଶେଷରେ ବାଲେଶ୍ୱର କୋ-ଅପରେଟିଭ ଅର୍ବାନ ବ୍ୟାଙ୍କ ସଭାପତି ତଥା ବରିଷ୍ଠ ଆଇନଜୀବୀ ସୂର୍ଯ୍ୟକାନ୍ତ କର ସମସ୍ତଙ୍କୁ ସ୍ମୃତି କମିଟି ପକ୍ଷରୁ ଧନ୍ୟବାଦ ଅର୍ପଣ କରିଥିଲେ।

### ମୁମ୍ବାଇରୁ ଅହମଦାବାଦକୁ ...

ସୁଡ଼ଙ୍ଗ ନିର୍ମାଣ କରାଯାଇଥିଲା। ମୁମ୍ବାଇ-ଅହମ୍ମଦାବାଦ ହାଇସ୍ପିଡ୍ ରେଳ (ଏମଏଏଚଏସଆର) ପ୍ରକଳ୍ପର ମୋଟ୍ ଲମ୍ବ ୫୦୮ କିଲୋମିଟର ହୋଇଥିବା ବେଳେ ସମ୍ପୂର୍ଣ୍ଣ ସୁଡ଼ଙ୍ଗର ଲମ୍ବ ୨୭.୪ କିଲୋମିଟର। ଏଥିମଧ୍ୟରୁ ୨୧ କିଲୋମିଟର ଭୂତଳ ସୁଡ଼ଙ୍ଗ ହୋଇଥିବା ବେଳେ ୬.୪ କିଲୋମିଟର ଭୂପୃଷ୍ଠ ସୁଡ଼ଙ୍ଗ ରହିଛି। ଏହି ପ୍ରକଳ୍ପରେ ଆଠଟି ପାହାଡ଼ି ସୁଡ଼ଙ୍ଗ ରହିଛି ଏବଂ ଏଥିମଧ୍ୟରୁ ମହାରାଷ୍ଟ୍ରରେ ଥିବା ସାତଟି ପାହାଡ଼ି ସୁଡ଼ଙ୍ଗର ମୋଟ୍ ଦୂରତା ୬.୦୫ କିଲୋମିଟର ଓ ଗୁଜରାଟରେ ଥିବା ଗୋଟିଏ ପାହାଡ଼ି ସୁଡ଼ଙ୍ଗର ଲମ୍ବ ୩୫୦ ମିଟର। କେନ୍ଦ୍ର ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ବୁଲେଟ୍ ଟ୍ରେନ୍ ପ୍ରକଳ୍ପ ଯଥେଷ୍ଟ ନିଯୁକ୍ତି ସୃଷ୍ଟି କରୁଛି ଏବଂ କାର୍ଯ୍ୟ ସମୟରେ ଅତିରିକ୍ତ ସୁଯୋଗ ପ୍ରଦାନ କରିବ। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ମୁମ୍ବାଇ ଏବଂ ଅହମ୍ମଦାବାଦ ମଧ୍ୟରେ ଯାତ୍ରା ସମୟ ମାତ୍ର ୧ ଘଣ୍ଟା ୫୮ ମିନିଟକୁ ହ୍ରାସ ପାଇବ। ଏହା ପ୍ରମୁଖ ବାଣିଜ୍ୟିକ କେନ୍ଦ୍ରର ଆର୍ଥିକ କାରବାରକୁ ସମନ୍ୱିତ କରିବ। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ କରିଡରରେ ଆର୍ଥିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ସହିତ ଜ୍ଞାନ ହସ୍ତାନ୍ତରକୁ ସହଜ କରିବ ଏବଂ ନୂତନ ଶିଳ୍ପ ଓ ଆଇଟି ହବ୍‌ଗୁଡ଼ିକର ବିକାଶକୁ ସମର୍ଥନ କରିବ ବୋଲି ଆଶା କରାଯାଉଛି।

### ଜୀବନ ନେଉଛି ...

ଚିନ୍ତାର କାରଣ ହୋଇଛି । କଟକରେ ଜମିଲାଣି ଗୁଡ଼ି ଉଡ଼ା । ସହରର ଗଳିକନ୍ଦି, ଛାତ, ଖୋଲା ଜାଗାରେ ଉଡୁଛି ରଙ୍ଗ ବେରଙ୍ଗର ଭଳିକି ଭଳି ଗୁଡ଼ି । ହେଲେ କଟକଣା ସତ୍ତ୍ୱେ ବହୁଳ ଭାବେ ବ୍ୟବହାର ହେଉଛି ନିଷିଦ୍ଧ ମାଞ୍ଜା ସୂତା । ଯାହା ସହରବାସୀଙ୍କ ପାଇଁ ଘାତକ ସାଜିଛି । କେମିତି ଏବଂ କେଉଁ ଗଳାବାଟ ଦେଇ ଏହି ନିଷିଦ୍ଧ ସୂତା ସହରକୁ ଆସୁଛି, କେମିତି ଏହାର ଟେର ପାଇପାରୁନି ପୁଲିସ ତାକୁ ନେଇ ପ୍ରଶ୍ନ ଉଠିଛି । ୨୦୧୬ ମସିହାରେ ଜଣେ ୬ ବର୍ଷର ନାବାଳିକାଙ୍କ ମୃତ୍ୟୁ ପରେ ମାଞ୍ଜା ସୂତା ବ୍ୟବହାର ନେଇ ହାଇକୋର୍ଟ କଟକଣା ଜାରି କରିଥିଲେ । ମାତ୍ର କଟକଣା ସତ୍ତ୍ୱେ ସହରରେ ମାଳମାଳ ଗୁଡ଼ି ଦୋକାନରେ ମାଞ୍ଜା ସୂତା ବିକ୍ରି ହେଉଛି । ଏନେଇ କଟକ ଡିସିପି କହିଛନ୍ତି, ମାଞ୍ଜା ସୂତା ବ୍ୟବହାର ରୋକିବା ପାଇଁ ଚଢ଼ଉ ଜୋରଦାର କରାଯାଇଛି । ଏଥିପାଇଁ ସବୁ ଥାନାକୁ ନିର୍ଦ୍ଦେଶ ଦିଆଯାଇଛି । ହାଇକୋର୍ଟଙ୍କ କଟକଣା ସତ୍ତ୍ୱେ ମାନୁନାହାନ୍ତି ଅମାନିଆ । କେବେ ଲୋକ ସଚେତନ ହେବେ, କେବେ ଗୁଡ଼ି ଉଡ଼ାରେ କେହି ଆହତ ହେବେନି ତାହା ଦେଖିବାକୁ ବାକି ରହିଲା ।

## ଧାନକିଣା ପାଇଁ ମଣ୍ଡିକୁ ଉଦ୍‌ଘାଟନ କଲେ ଲୋକପ୍ରିୟ ବିଧାୟକ ସନାତନ ବିଜୁଳି



ବେତନଟୀ, ୨/୧ (ନି.ପ୍ର): ଶୁକ୍ରବାର ବେତନଟୀ ବୃହଦାକାର ବହୁମୁଖୀ ସମବାୟ ସମିତି(ଲ୍ୟାମ୍ପ) କାର୍ଯ୍ୟାଳୟ ପରିସରସ୍ଥ ଗୋଦାମ ଠାରେ ଚଳିତ ଖରିଫ ଧାନକିଣା ପାଇଁ ମଣ୍ଡିକୁ ଆନୁଷ୍ଠାନିକ ଭାବେ ଉଦଘାଟନ କଲେ ମାନ୍ୟବର ଲୋକପ୍ରିୟ ବିଧାୟକ ସନାତନ ବିଜୁଳି । ବେତନଟୀ ଲ୍ୟାମ୍ପର ସଭାପତି ଗୋଲକ ବିହାରୀ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଧାନକିଣା କାର୍ଯ୍ୟକ୍ରମରେ ଲ୍ୟାମ୍ପର ଭାରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶିକା ମାନସୀ ବେହେରା ସଂଯୋଜନା ଏବଂ ପରିଚାଳନା ଦାୟୀତ୍ୱ ତୁଲାଇଥିଲେ। ବେତନଟୀ ଧାନମଣ୍ଡିକୁ ପ୍ରାଥମିକ ପର୍ଯ୍ୟାୟରେ ୬ହଜାର କୁଇଣ୍ଟାଲ ଧାନ କିଣା ପାଇଁ ଟାର୍ଗେଟ ଆସିଥିବା ବେଳେ ବ୍ରହ୍ମପୁରାସ୍ଥିତ କାମଧେନୁ ରାଇସମିଲ, ଦୁର୍ଗାପୁରସ୍ଥିତ ଅପୂର୍ବ ରାଇସମିଲ ଏବଂ ଆମ୍ବଯୋଡାସ୍ଥିତ ସିଦ୍ଧିବିନାୟକ ରାଇସମିଲକୁ ୨ହଜାର କୁଇଣ୍ଟାଲ ଲେଖାଏଁ ଧାନକ୍ରୟ ପାଇଁ ବ୍ୟବସ୍ଥା କରାଯାଇଛି । ମୁଖ୍ୟଅତିଥି ଭାବେ ମାନ୍ୟବର ଲୋକପ୍ରିୟ ବିଧାୟକ ସନାତନ ବିଜୁଳିଙ୍କ ସମେତ ସମ୍ମାନୀତଅତିଥି ଭାବେ ସରପଞ୍ଚ ପାନମନ୍ତୀ ମୁର୍ମୁ, ମୟୂରଭଞ୍ଜ ଜିଲ୍ଲା ସମବାୟ ସମିତି ସମୂହର ଜିଲ୍ଲା ନିବନ୍ଧକ ଅଧିକାରୀ ଅଶୋକ କୁମାର ପାଣି, ସମବାୟ ବିଭାଗର ବାରିପଦା ମଣ୍ଡଳ ବରିଷ୍ଠ ସହକାରୀ ନିବନ୍ଧକ ଅଧିକାରୀ ତୁଷାରକାନ୍ତି ମହାନ୍ତି, ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡା, ବୈଶିଙ୍ଗା ମଣ୍ଡଳ ସଭାପତି ରାଜୀବ ନନ୍ଦୀ, ବେତନଟୀବ୍ଲକ ଯୋଗାଣ ଅଧିକାରୀ ଅଶୋକ କୁମାର ବେହେରା, ରାଜସ୍ୱ ନିରୀକ୍ଷକ ସଞ୍ଜୀବ କୁମାର ପୁଥାଳ ପ୍ରମୁଖ ଅତିଥି ଅଧିକାରୀଗଣ ମଞ୍ଚାସୀନ ଥିଲେ। ଶ୍ରୀଫଳ ଫଟାଇବା ସହିତ ଫିତାକାଟି ବେତନଟୀ ଧାନମଣ୍ଡିକୁ ଅତିଥିଅଧିରୀଗଣ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ଅବସରରେ ଉପସ୍ଥିତ ଚାଷୀଭାଇ/ଭଉଣୀ ମାନଙ୍କୁ ଉନ୍ନତମାନର ଧାନ ଆଣିବା ସହିତ ରାଜ୍ୟର ଡବଲ ଇଞ୍ଜିନ ସରକାରରେ ଓଡିଶା ଇତିହାସରେ ପ୍ରଥମକରି ଆଶାତୀତ ଭାବେ ବୃଦ୍ଧି କରାଯାଇଥିବା ଧାନର ସର୍ବନିମ୍ନ ସହାୟକ ମୂଲ୍ୟରେ ସରକାରୀ ଧାନମଣ୍ଡିରେ ଧାନ ବିକ୍ରୟକରି ଲାଭବାନ ହେବାକୁ ଆହ୍ୱାନ ଦେଇଥିଲେ । ପୁନଶ୍ଚ ଧାନମଣ୍ଡିରେ ଯେଉଁଭଳି ଭାବରେ ମିଲର ମାନଙ୍କର ରାଜୁତି ଚାଲିବ ନାହିଁ ଏବଂ କଟନି-ଛଟନୀ ବାହାନାରେ ଚାଷୀ ଭାଇ ଭଉଣୀଙ୍କୁ ଶୋଷଣକୁ ଆଦୌ ବରଦାସ୍ତ କରାଯିବ ନାହିଁ ଏବଂ ଏଭଳି ହେଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମବାୟ ଅଧିକାରୀଙ୍କୁ ମାନ୍ୟବର ଲୋକପ୍ରିୟ ବିଧାୟକ ସନାତନ ବିଜୁଳି ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ବେତନଟୀ ଲ୍ୟାମ୍ପର ନିର୍ଦ୍ଦେଶକ ତଥା ଆଖପାଖ ବିଭିନ୍ନ ପଞ୍ଚାୟତରୁ ଚାଷୀ ଭାଇ/ଭଉଣୀମାନେ ଉପସ୍ଥିତ ରହିଥିଲେ। ପରିଚାଳନାରେ ବେତନଟୀ ଲ୍ୟାମ୍ପର ଭବାନୀଶଙ୍କର ପୁହାଣ, ରାମଚନ୍ଦ୍ର ଦାସ, ରଞ୍ଜିତ ଆଚାର୍ଯ୍ୟ, ଜୟରାମ ମହାନ୍ତ ପ୍ରମୁଖ ସକ୍ରିୟ ଦାୟୀତ୍ୱ ସମ୍ପାଦନ କରିଥିଲେ। ଆଗକୁ ଧାନକିଣା ପାଇଁ କ୍ରମାନ୍ୱୟରେ ଟର୍ଗେଟ ବଢିବା ସହିତ ଅଧିକରୁ ଅଧିକ ପଞ୍ଜୀକୃତ ଚାଷୀଙ୍କ ନିକଟକୁ ଟୋକନ ଆସିବ ବୋଲି ଲ୍ୟାମ୍ପ ପକ୍ଷରୁ ସୂଚନା ଦିଆଯାଇଛି ।

## ଲୋକସେବା ଭବନରେ ମାଳ ମାଳ ରିଲ୍ସ ନେଇ ଆଇନ୍ ମନ୍ତ୍ରୀଙ୍କ ଉଦ୍‌ବେଗ

ଭୁବନେଶ୍ୱର, ୨/୧ (ନି.ପ୍ର): ଲୋକସେବା ଭବନରେ ମାଳ ମାଳ ରିଲ୍ସ ନେଇ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦବେଗ ପ୍ରକାଶ କରିଛନ୍ତି । ଲୋକସେବା ଭବନରେ କାର୍ଯ୍ୟ କରୁଥିବା ବ୍ୟକ୍ତି ହୁଅନ୍ତୁ କି ବାହାର ଲୋକ ହୁଅନ୍ତୁ, ସେଠାରେ ରିଲ୍ସର କୌଣସି ଅବକାଶ ନାହିଁ । ଏହା ଠିକ୍ କଥା ନୁହେଁ । ଆଗକୁ ଗୃହ ବିଭାଗ ଲୋକ ସେବା ଭବନ ସୁରକ୍ଷା କର୍ମୀଙ୍କୁ ତାଗିଦ୍ କରିବ ବୋଲି ମନ୍ତ୍ରୀ କହିଛନ୍ତି । ଯଦି ହେଉଛି ଲୋକ ସେବା ଭବନ ସୁରକ୍ଷା କର୍ମୀ ଓ ପୋଲିସ ବିଭାଗ ପଦକ୍ଷେପ ନେବେ । ଗୃହ ବିଭାଗ ଗାଇଡ ଲାଇନ ଆଣିବା ନେଇ ବିଚାର କରିବ । ଆଶା ଏଭଳି କଥା ନହେଉ ଆମ ସମସ୍ତଙ୍କ ଇଚ୍ଛା । କାରଣ ଲୋକସେବା ଭବନରେ ରିଲ୍ସ ମୋ ନଜରକୁ ଆସିନାହିଁ କିନ୍ତୁ ଆଶା କରିବି ଆଗକୁ ଏଭଳି ନହେଉ, ଏଥିପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି ।

## ନୂଆ ଚଳଚ୍ଚିତ୍ର 'ସଂଘର୍ଷ'



ଭୁବନେଶ୍ୱର, ୨/୧ (ନି.ପ୍ର): ଏ କେ ଫିଲ୍ମସ ବଲାଙ୍ଗୀର ବ୍ୟାନର ରେ ପ୍ରସ୍ତୁତ ନୂଆ ଚଳଚ୍ଚିତ୍ର ସଂଘର୍ଷ ର ସୁଟିଂ ଫେବୃଆରୀ ମାସ ପ୍ରଥମ ସପ୍ତାହରୁ ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ଜଣାଯାଇଛି । ଏହି ଚଳଚ୍ଚିତ୍ରର କାହାଣୀ, ଚିତ୍ରନାଟ୍ୟ ସହିତ ପ୍ରଯୋଜନା ଓ ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ଶତ୍ରୁ ଫେମ୍ ଅଶୋକ ମିଶ୍ର। ଶତ୍ରୁ ଚଳଚ୍ଚିତ୍ର ଦୁଇ ଦୁଇଟି ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସହ ଉଚ୍ଚ ପ୍ରଶଂସିତ ହୋଇଥିଲା। ସଂଘର୍ଷ ର କାହାଣୀ ବିସ୍ଥାପନ ଉପରେ ଗତିଶୀଳ ହୋଇଥିଲାବେଳେ ଡ ରଜନୀ ରଞ୍ଜନ ଓ ରତନ ପୂଜାରୀ ଙ୍କ ଗୀତ ଗୁଡ଼ିକୁ ସଂଗୀତ ନିର୍ଦ୍ଦେଶନା ଦେଉଛନ୍ତି ଯଜ୍ଞ ଦାଶ । ସଂଳାପ ଡ ରଜନୀ ରଞ୍ଜନ। ଏଠାରେ ମନେପକାଇଦେବାକୁ ଚାହୁଁ ଯେ ୧୯୯୦-୯୧ ମସିହାରେ ଏଇ ସଂଘର୍ଷ ନାମରେ ଏକ ଚଳଚ୍ଚିତ୍ର ନିର୍ମିତ ହୋଇଥିଲା ଯେଉଁ ଚଳଚ୍ଚିତ୍ରରୁ ଜଣେ ଗୀତିକାର ଭାବରେ ଡ.ରଜନୀ ରଞ୍ଜନ ଙ୍କର ଓଲିଉଡ଼ ରେ ଏଣ୍ଟ୍ରି ହୋଇଥିଲା।

## ପୋଷଣ ଅଭିଯାନ ୨୦୨୫-୨୬ କାର୍ଯ୍ୟକ୍ରମ ପରିଚାଳନା ଅଧୀନ ଜିଲ୍ଲାସ୍ତରୀୟ ଅଭିସରଣ କମିଟି ବୈଠକ

ଖୋର୍ଦ୍ଧା, ୨/୧ (ନି.ପ୍ର): ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ ଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀରାଜଗୁରୁ ସମ୍ମିଳନୀ କକ୍ଷରେ ଜିଲ୍ଲାରେ ପୋଷଣ କାର୍ଯ୍ୟକ୍ରମ ପରିଚାଳନା ଅଧିନ ଜିଲ୍ଲାସ୍ତରୀୟ ଅଭିଶରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ ମଞ୍ଚାଷିନ ଥିଲେ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସଭାରେ ପାୱାର ପଏଣ୍ଟ ଉପକରଣରେ ପୋଷଣ କାର୍ଯ୍ୟକ୍ରମ ସମ୍ବନ୍ଧରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଙ୍କୁ ଓ ସମସ୍ତ ମଞ୍ଚାଷିନ ଅତିଥି ଏବଂ ସଭାରେ ଯୋଗ ଦେଇଥିବା ସମସ୍ତ ସଦସ୍ୟା ସଦସ୍ୟ ମାନଙ୍କୁ ଉଦେଶ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ ଅବଗତ କରାଇଥିଲେ । ଶିଶୁର ଓଜନ ଅଭିବୃଦ୍ଧି ନିମନ୍ତେ ଜିଲ୍ଲାରେ ଜାନୁୟାରୀ ୧ ତାରିଖ ରୁ ୨୫ ତାରିଖ ପର୍ଯ୍ୟନ୍ତ ଓଜନ ଉତ୍ସବ ପ୍ରତ୍ୟେକ ଭି ଏଚ୍ ଏନ୍ ଡି କେନ୍ଦ୍ରରେ ଅନୁଷ୍ଠିତ ହେବ । ଏହି ମହାନ ଅଭିଯାନକୁ ସଫଳ ରୂପାୟନ ଦେବାପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନେ ନିଷ୍ଠାର ସହ ସେମାନଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ପାଦନ ନିମନ୍ତେ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଜନପ୍ରତିନିଧି , ଆଶା, ଅଙ୍ଗନୱାଡ଼ି କର୍ମୀ, ସମସ୍ତେ ଏହି ଅଭିଯାନରେ ସାମିଲ ହେବାସହ ଛୁଆ ଓ ମା'ର ଅଭିବୃଦ୍ଧି ନିମନ୍ତେ କି କି ଯତ୍ନର ଆବଶ୍ୟକତା ଅଛି ସେ ସମ୍ବନ୍ଧୀୟ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ କ୍ଷ ସେହିପରି ଗର୍ଭାବସ୍ଥାରେ ଏବଂ ପ୍ରସୂତୀ ମହିଳା ମାନଙ୍କ ଯତ୍ନ ବ୍ୟାପକ କରି ଖୋର୍ଦ୍ଧା ଜିଲ୍ଲାରେ କୌଣସି ଗର୍ଭାବସ୍ଥାରେ ଗର୍ଭସ୍ତ ଶିଶୁର ଅସୁବିଧା, ମା 'ମାନଙ୍କ ଅସୁବିଧା ନହୁଏ ସେଥିପାଇଁ ଆଶା, ଅଙ୍ଗନୱାଡ଼ି କର୍ମୀ, ଅଙ୍ଗୱାଡ଼ି ପରିଦର୍ଶିକା ,ଶିଶୁ ଉନ୍ନୟନ ପ୍ରକଳ୍ପ ଅଧିକାରୀ, ସ୍ୱାସ୍ଥ୍ୟ କେନ୍ଦ୍ର ମେଡିକାଲ ଅଫିସର ସମସ୍ତେ ଯତ୍ନବାନ ହେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଗର୍ଭବତୀ ଓ ପ୍ରସୂତି ମହିଳା ଙ୍କୁ ସ୍ୱାସ୍ଥ୍ୟ ଶିକ୍ଷ୍ୟା ପ୍ରଦାନ କରିବା, ରକ୍ତହୀନତା ଓ ଉଚ୍ଚ ରକ୍ତ ଚାପ ଥିବା ଗର୍ଭବତୀ ମହିଳା ଙ୍କ ପ୍ରସବ ସରକାରୀ ଡାକ୍ତରଖାନା ମାନଙ୍କରେ କରାଇବା ସହ ଯେଉଁଠାରେ ରକ୍ତ ମିଳିବାର ସୁବିଧା ରହିଛି ସେହି ସବୁ ସ୍ଥାନ ମାନଙ୍କୁ ଅଗ୍ରାଧିକାର ଦେବାକୁ ଆଶା ଦିଦି, ସ୍ୱାସ୍ଥ୍ୟ କର୍ମୀ ମାନେ ଗର୍ଭବତୀ ମହିଳା ସେମାନଙ୍କ ଅଭିଭାବକ ଉଭୟ ଙ୍କୁ ସୂଚନା ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଯେଉଁ ଘରୋଇ ଚିକିତ୍ସାଳୟ ଗୁଡ଼ିକ ପ୍ରସବ ଜନିତ ପ୍ରମାଣକ ସଞ୍ଚାଳନ ପଦ୍ଧତି (ଏସ ଓ ପି) ମାନୁ ନାହାନ୍ତି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସେମାନଙ୍କ ଅନୁମତି ପତ୍ର ରଦ୍ଧ କରିବାକୁ ଜିଲ୍ଲାପାଳ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ, ପରିବାର ମଙ୍ଗଳ ଡାକ୍ତର ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ବିଜୟ କୁମାର ବେହେରା , ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ,ଡି ଏମ, ଆର ସି ଏଚ, ରୋଜାଲିନ ମହାପାତ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହୀଆଲ, ବେସାମରିକ ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର, ଡି ପି ଏମ୍, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଶୁଭକାନ୍ତ ଗନ୍ତାୟତ,ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଙ୍କ ସମେତ ସମସ୍ତ ବ୍ଲକର ସି ଡି ପି ଓ ଏବଂ ଅନ୍ୟାନ୍ୟ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗଦେଇଥିଲେ ।

ଶନିବାର, ଜାନୁଆରୀ ୦୩, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଓଡ଼ିଶାରତ୍ନ ସମ୍ମାନୀତ ପ୍ରଦୀପ ସେନାପତିଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡ଼ିଗ୍ରୀ ଉପାଧୀ ପ୍ରଦାନ

ଭଦ୍ରକ, ୨/୧ (ନି.ପ୍ର): ଦୀର୍ଘବର୍ଷ ଲେଖନୀ ଚାଳନାର ସଂଘର୍ଷମୟ ଜୀବନୀ, ସମାଜସେବୀ, ରାଜ୍ୟସ୍ତରୀୟ ଜାତୀୟ ତଥା ଅର୍ନ୍ତଜାତୀୟସ୍ତରର ସ୍ତମ୍ଭକାର ଭାବରେ ପ୍ରମୁଖ ଭୂମିକା ନିର୍ବାହକରି ସମଗ୍ର ରାଜ୍ୟରେ ଅନନ୍ୟ ପ୍ରତିଭା ଓ ବ୍ୟକ୍ତିତ୍ୱର ଅଧିକାରୀ ଭାବରେ ଜଣେ ସୁସଂଗଠକ, ସାମ୍ବାଦିକ, ସୁଲେଖକ, ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନର ରାଜ୍ୟ ସଭାପତି, ତଥା ପୁରୁଣା ଭୁବନେଶ୍ୱର ଯୁବ ସଂଗଠନର ସଭାପତି ଏବଂ ଶ୍ରୀଲିଙ୍ଗରାଜ ସଂସ୍କୃତି ଗବେଷଣା ପ୍ରତିଷ୍ଠାନର ଗବେଷକ, ଅଧକ୍ଷ ଓଡ଼ିଶା ରତ୍ନ ସମ୍ମାନୀତ ପ୍ରଦୀପ ସେନାପତିଙ୍କୁ ଘାଡ଼ିଆ ଇଣ୍ଡିଆ ଚ୍ଛରିଟେବୁଲ ୱେଲଫେୟାର ଫାଉଣ୍ଡେସନ୍ ଆୱାର୍ଡ଼ ତରଫରୁ ସମ୍ମାନୀତ (ଔକ୍ଟଭକ୍ଟବ୍ବକ୍ଟଚ୍ଛ) ଡ଼କ୍ଟରେଟ୍ ଡ଼ିଗ୍ରୀ ଉପାଧୀ ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟଯେ ଉକ୍ତ ଆୱାର୍ଡ଼ ସମଗ୍ର ଭାରତବର୍ଷରେ ସାହିତ୍ୟ, କଳା, ସମାଜସେବା, ବିଜ୍ଞାନ, କ୍ରୀଡ଼ା, ଶିକ୍ଷା, ସଂସ୍କୃତି, ଲେଖକ, ଗବେଷକ, ସ୍ତମ୍ଭକାର, ଉଦ୍ୟୋଗ, ଆଧାତ୍ମିକତା ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଅଗ୍ରଣୀ ଏବଂ ପ୍ରସିଦ୍ଧି ଲାଭ କରିଥିବା ବ୍ୟକ୍ତି ବିଶେଷମାନଙ୍କୁ ଏହି ସମ୍ମାନୀତ ଡ଼କ୍ଟରେଟ୍ ଡ଼ିଗ୍ରୀ ଉପାଧି ପ୍ରଦାନ କରାଯାଇଥାଏ । ଡ଼. ସେନାପତି ପୁରୁଣା ଭୁବନେଶ୍ୱର ସାମନ୍ତରାପୁର ନିବାସୀ ସ୍ୱର୍ଗତ ଡ଼. ରାଧାବଲ୍ଲଭ ସେନାପତି ଓ ମାତା ଶ୍ରୀମତୀ ସାବ୍ରିତୀ ଦେବୀଙ୍କ ଜ୍ୟୋଷ୍ଟପୁତ୍ର ଭାବରେ ଝ୍ୟାତି ଅର୍ଜନ କରିଛନ୍ତି । ସମ୍ମାସୂଚକ ଏହି ଡ଼କ୍ଟରେଟ୍ ପାଇଁ ମନୋନୟନ ପୂର୍ବରୁ ଶ୍ରୀ ସେନାପତିଙ୍କ ବିଷୟରେ ଜାଣିବା ପରେ ଘାଡ଼ିଆ ଇଣ୍ଡିଆ ଚ୍ଛରିଟେବୁଲ ୱେଲଫେୟାର ଫାଉଣ୍ଡେସନ ଆୱାର୍ଡ଼ ପକ୍ଷରୁ ଏହି ସମ୍ମାନ ପାଇଁ ମନୋନୀତ କରାଯାଇଥିଲା । ସେ ତାଙ୍କ ସଫଳତାର ଶ୍ରେୟ ପିତା, ମାତା, ଧର୍ମପତ୍ନୀ ଶ୍ରୀମତୀ ମିନାକ୍ଷୀ ଗରାବଡୁ ଏବଂ ଗୁରୁଜନମାନଙ୍କୁ ପ୍ରଦାନ କରିଛନ୍ତି । ଓଡ଼ିଶାର ଭବିଷ୍ୟତ ଯୁବପିଢ଼ୀ ସାମ୍ବାଦିକ, ଲେଖକ, ସମାଜସେବୀ, ସ୍ତମ୍ଭକାର ବନ୍ଧୁ ଏବଂ ଶୁଭେଚ୍ଛୁମାନଙ୍କ ପାଇଁ ମୋର ଏହି ସମ୍ମାନ ଉତ୍ସର୍ଗୀକୃତ ବୋଲି ଡ଼କ୍ଟର ସେନାପତି କହିଛନ୍ତି । ଓଡ଼ିଶାର ବୁଦ୍ଧିଜୀବୀମାନଙ୍କୁ ଆନ୍ତରିକତାର ସହିତ ସାଧୁବାଦ ଜ୍ଞାପନ କରିଛନ୍ତି ।

# ବସ୍ତା ବ୍ଲକର ବ୍ରାହ୍ମଣଦା ସରପଞ୍ଚ ହେଲେ ଅଯୋଗ୍ୟ ଘୋଷଣା



ବସ୍ତା,୨।୧(ନିପ୍ର):ବାଲେଶ୍ୱର ଜିଲା ବସ୍ତା ବ୍ଲକ ବ୍ରାହ୍ମଣଦା ପଞ୍ଚାୟତ ର ସରପଞ୍ଚ ଶ୍ରୀମତୀ ଭବାନୀ ଜେନାଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଆଜି ଅଯୋଗ୍ୟ ଘୋଷଣା କରାଯାଇଛି ।ଶ୍ରୀମତୀ ଜେନାଙ୍କର ତିନୋଟି ପିଲା ଥିବାରୁ ତାଙ୍କ ପ୍ରତି ଜିଲା କାର୍ଯ୍ୟାଳୟ ଗ୍ରାମ ପଞ୍ଚାୟତ ବିଭାଗ ପକ୍ଷରୁ ଚିଠି(ନଂ୩/ ୨.୧.୨୦୨୬) କରାଯାଇ ତାଙ୍କୁ ଅଯୋଗ୍ୟ ବିବେଚିତ କରିବା ସହିତ ନାଏବ ସରପଞ୍ଚ ମିନତୀ ଖଟୁଆଙ୍କୁ ନିଜ ସରପଞ୍ଚ ଦାୟିତ୍ୱ ହସ୍ତାନ୍ତର ପାଇଁ କୁହାଯାଇଛି ବୋଲି ବିଡ଼ିଓ ମିହିର ରଞ୍ଜନ ବେହେରା ପ୍ରକାଶ କରିଛନ୍ତି । ସୂଚନା ଯୋଗ୍ୟ ଯେ କୌଣସି ସରପଞ୍ଚଙ୍କର ଦୁଇଟିରୁ ଅଧିକ ପିଲା ଥିଲେ ସେମାନେ ସରପଞ୍ଚ ପଦବୀରେ ରହି ପାରିବେ ନାହିଁ ବୋଲି ସାମ୍ବିଧାନୀକ ନିୟମ ରହିଛି । ସେହି ଦୃଷ୍ଟିରୁ ତାଙ୍କୁ ପଦବୀ ହରାଇବାକୁ ପଡିଛି ।ଏହି ଘଟଣା ସମଗ୍ର ବ୍ଲକ ଅଂଚଳରେ ଆଲୋଡନ ସୃଷ୍ଟି କରିଛି ।

# ମହୋତ୍ସବ ବିକାଶର କଥା କହେ : କଷାଫଳ ବେଳାଭୂମି ମହୋତ୍ସବ ଉଦ୍‌ଯାପିତ




ଲଙ୍ଗଳେଶ୍ୱର , ୨/୧ (ନି.ପ୍ର): ବାବା ବାଲ ଗଣେଶ କ୍ଲବ ପକ୍ଷରୁ ପର୍ଯ୍ୟଟନ କେନ୍ଦ୍ର କଷାଫଳ ବେଳାଭୂମିରେ ପ୍ରଥମ କରି ଅନୁଷ୍ଠିତ କଷାଫଳ ବେଳାଭୂମି ମହୋତ୍ସବ ଶୁକ୍ରବାର ଉଦଯାପିତ ହୋଇଯାଇଛି । ଏହି ଉଦଯାପନ ଉତ୍ସବରେ ପୂର୍ବତନ ସାଂସଦ ବିକାଶ ପୁରୁଷ ଇଂ ରବୀନ୍ଦ୍ର କୁମାର ଜେନା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମହୋତ୍ସବ ଗୋଟିଏ ଅଞ୍ଚଳର ବିକାଶର କଥା କହେ ବୋଲି କହିଥିଲେ। ବିକାଶ ଏକ ପ୍ରକ୍ରିୟା ଯାହାକୁ ବିରୋଧ ନଂ କରି ସମସ୍ତେ ସହଯୋଗ କରିବା ଦରକାର ବୋଲି ଇଂ ଜେନା ମଧ କହିଥିଲେ। କଷାଫଳ ବେଳାଭୂମିର ବିକାଶ ପାଇଁ ସମସ୍ତେ ଆଗେଇ ଆସିବାକୁ ସେ ଆହ୍ୱାନ ଜଣାଇଥିଲେ। ବେଳାଭୂମିର ବିକାଶ ସହିତ ଲୋକଙ୍କ ବିକାଶ ଜଡିତ ବୋଲି ସେ ମଧ କହିଥିଲେ। ମୁଖ୍ୟ ବକ୍ତା ଭାବରେ ବାଲେଶ୍ୱର ଡି ଆର ଡି ଏ ଅଧକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ ଯୋଗ ଦେଇ ମହୋତ୍ସବ ଦ୍ୱାରା ଅନାଲୋଚିତ ପ୍ରତିଭା ମାନେ ଆଗକୁ ଆସି ପାରିବେ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବରେ ବି ଜେ ଡି ନେତା ବରଦା ପ୍ରସନ୍ନ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ବିଜୟ କୁମାର ଭୂୟାଁ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।ପ୍ରାଧାପକ ସଚୀନ୍ଦ୍ର ନାଥ ଦତ୍ତ ସଭା ପରିଚାଳନା କରିଥିଲେ। କ୍ଲବର କାର୍ଯ୍ୟକର୍ତ୍ତା ଦିଲ୍ଲୀପ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ତିରିଶି ଦିନ ମଧରେ ବାଲିଆପାଳକୁ ଏନ୍.ଏ.ସି ମାନ୍ୟତା ନ ମିଳିଲେ ଆତ୍ମହୁତିର ଚେତାବନୀ




ବାଲିଆପାଳ, ୨/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକକୁ ରାଜ୍ୟ ସରକାର ଏନ୍,ଏ,ସି ମାନ୍ୟତା ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ବାଲିଆପାଳ ସ୍ୱାଭିମାନ ମଞ୍ଚ ପକ୍ଷରୁ ତ୍ରୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏନେଇ ଶୁକ୍ରବାର ପୂର୍ବାହ୍ନରେ ବାଲିଆପାଳ ଡାକ ବଙ୍ଗଳା ପରିସରରେ ମଞ୍ଚ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏନ୍ ଏ ସି ମାନ୍ୟତା ପାଇଁ ବାଲିପାଳରେ ଆବଶ୍ୟକୀୟ ଭିତ୍ତିଭୂମି ରହିଥିବା ବେଳେ ସରକାରୀ ଦଳର ସ୍ଥାନୀୟ ନେତୃବୃନ୍ଦଙ୍କର ବ୍ୟକ୍ତିଗତ ସ୍ୱାର୍ଥ ହାନି ହେବା କାରଣରୁ ରାଜନୈତିକ ଚକ୍ରାନ୍ତ କରାଯାଉଛି ବୋଲି ମଞ୍ଚର ସଭାପତି ସତ୍ୟକାମ ମହାନ୍ତି କହିଛନ୍ତି । ଏଥିସହିତ ତିରିଶି ଦିନ ମଧରେ ବାଲିଆପାଳକୁ ଏନ୍ ଏ ସି ଘୋଷଣା କରାନଯାଏ ତେବେ ସେ ଆତ୍ମହୁତି ଦେବେ ବୋଲି କଡା ଚେତାବନୀ ଦେଇଛନ୍ତି । ଏହି ଖବରଦାତା ସମ୍ମିଳନୀରେ ମଞ୍ଚର ସଦସ୍ୟ ରାମଚନ୍ଦ୍ର ରାଉତ, ପ୍ରଫୁଲ୍ଲ ପାତ୍ର, ମନୋଜ କୁମାର ଜେନା, ରିଙ୍କୁ ରଞ୍ଜନ କର, ବିକ୍ରମ କେଶରୀ ଦେ,ଦିନୋଜ ଜେନା, ଗୋବିନ୍ଦ ଦେବାଶିଷ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପରଲୋକରେ ନୀଳଗିରିର ପୂର୍ବତନ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟ: ନୀଳଗିରି ଉପଖଣ୍ଡରେ ଶୋକର ଛାୟା



ନୀଳଗିରି, ୨/୧ (ନି.ପ୍ର): ନୀଳଗିରିର ପୂର୍ବତନ କଂଗ୍ରେସ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟଙ୍କ ୭୬ବର୍ଷ ବୟସରେ ନିଧନ ହୋଇଯାଇଛି। ତାଙ୍କ ବିୟୋଗ ଖବରପାଇ ସମଗ୍ର ନିର୍ବାଚନ ମଣ୍ଡଳୀରେ ଶୋକର ଛାୟା ଖେଳିଯାଇଛି। ସେ ଗତ କିଛିମାସ ହେବ କର୍କଟ ରୋଗରେ ପୀଡ଼ିତହୋଇ ମୁମ୍ବାଇରେ ଚିକିତ୍ସିତ ହେଉଥିଲେ। ଗୁରୁବାର ରାତ୍ରିପ୍ରାୟ ୧୨ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପ୍ରଥମେ ନୀଳଗିରି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଆଶୁଚିକିତ୍ସା ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ତେବେ ରାତି ପ୍ରାୟ୨.୧୫ ମିନିଟ ସମୟରେ ଚିକିତ୍ସାଧୀନ ଅବସ୍ଥାରେ ହୃଦଘାତରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ଧର୍ମପତ୍ନୀ ଜୟନ୍ତୀ ଆଚାର୍ଯ୍ୟ, ପୁତ୍ର ଦିବ୍ୟଜ୍ୟୋତି, ଝିଅ, ଜ୍ୱାଇଁ, ଉପସ୍ଥିତ ଥିଲେ। ସ୍ୱର୍ଗତ ଅକ୍ଷୟ ଆଚାର୍ଯ୍ୟ ନୀଳଗିରି ବ୍ଲକ ଜଡ଼ିଡାପଞ୍ଚାୟତ ଅଧିନ ଜଡ଼ିଡାଶାସନରେ ଜନ୍ମଗ୍ରହଣ କରିଥିଲେ। ଓକିଲାତି ପାଠପଢ଼ାପରେ ଖୁବ ଅଳ୍ପବୟସରୁ ନୀଳଗିରି କଂଗ୍ରେସର ମଙ୍ଗ ଧରିଥିଲେ।୧୯୮୦ମସିହାରେ ମାତ୍ର ୩୧ବର୍ଷ ବୟସରେ ନୀଳଗିରି ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ଟିକଟରୁ ଲଢି ଜୟଯୁକ୍ତ ହୋଇଥିଲେ। ନିକଟତମ ପ୍ରତିଦ୍ୱନ୍ଦୀ ବିଶିଷ୍ଟ କମ୍ୟୁନିଷ୍ଟନେତା ବନମାଳୀ ଦାସଙ୍କୁ ୨୩ହଜାର ୧୩୯ଖଣ୍ଡ ଭୋଟରେ ପରାଜିତକରି ସର୍ବକନିଷ୍ଠ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ।ପରବର୍ତ୍ତୀ ସମୟରେ ୧୯୯୫ମସିହାରେ ପୁନର୍ବାର କଂଗ୍ରେସ ଟିକଟରୁ ଲଢି ଦ୍ୱିତୀୟଥର ବିଧାୟକ ହୋଇ ନୀଳଗିରିର ବିଭିନ୍ନ ବିକାଶମୂଳକ କାର୍ଯ୍ୟର କର୍ଣ୍ଣଧାର ସାଜିଥିଲେ। ନୀଳଗିରିର ବିକାଶଧାରାରେ ନିଜର କାର୍ଯ୍ୟକାଳ ସମୟରେ ବସଷ୍ଟାଣ୍ଡ, ନୀଳଗିରିକୁ ଏନଏସି ଗଠନ, ଡି. ଆଇ ଅଫିସ, ପାନ୍ଥନିବାସ ନିର୍ମାଣ, ଦମକଳ କେନ୍ଦ୍ର, ପ୍ରଥମ କଲ୍ୟାଣମଣ୍ଡପ, ସୋନନଦୀ ଉପରେ ଦୁଇଟି ପୋଲ ନିର୍ମାଣ, ଡ୍ୟାମ ,ଜଳସେଚନ, ଅନେକ ସ୍କୁଲ, କଲେଜ ନିର୍ମାଣକରିବାର ମୁଖ୍ୟବିନ୍ଧାଣୀ ଥିଲେ। ତାଙ୍କ ଉଦ୍ୟମରେ ପୋଡ଼ାଶୂଳ ଠାରେ ସି. ଟି ସ୍କୁଲ ସ୍ଥାପନ ହୋଇଥିଲେ ହେଁ ବିଭିନ୍ନକାରଣରୁ ଏହା କାର୍ଯ୍ୟକ୍ଷମ ହୋଇପାରିନଥିବାରୁ ଏହା ତାଙ୍କର ଅଧୁରା ସ୍ୱପ୍ନ ହୋଇରହିଯାଇଛି। ଏତଦ୍ଭିନ୍ନ ତାଙ୍କ ପ୍ରଚେଷ୍ଟାରେ ସେତେବେଳର ଅବିଭକ୍ତ ରେମୁଣା ଅଞ୍ଚଳରେ ବହୁ ଶିକ୍ଷପ୍ରତିଷ୍ଠାନ ଗଢିଉଠିଥିଲା। ସେଥିପାଇଁ ତାଙ୍କୁ ନୀଳଗିରି ଅଞ୍ଚଳରେ ବିକାଶପୁରୁଷ ମଧ କୁହାଯାଏ। ମୃତ୍ୟୁଖବର ପ୍ରଚାରିତ ହେବାପରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଫୋନଯୋଗେ ଶୋକବ୍ୟକ୍ତ କରିଥିଲେ।ନୀଳଗିରି ବିଧାୟାକ ସନ୍ତୋଷ ଖଟୁଆ, ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ପ୍ରଦୀପ୍ତ ପଣ୍ଡା, ଚିତ୍ତରଞ୍ଜନ ଷଡ଼ଙ୍ଗୀ, ସାଂସଦଙ୍କ ବ୍ୟକ୍ତଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ବିଜେପି ଯୁବମୋର୍ଚ୍ଚା ଜିଲ୍ଲା ଉପସଭାପତି ଦେବାଶିଷ ଆଚାର୍ଯ୍ୟ, ଚନ୍ଦ୍ରଶେଖର ନନ୍ଦ କାହାଳିଆ ସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବାସହିତ ଅମର ଆତ୍ମାର ସଦଗତି କାମନା କରିଥିଲେ। ପରେ ତାଙ୍କ ପାର୍ଥିବ ଶରୀରକୁ ନୀଳଗିରି କଂଗ୍ରେସଭବନକୁ ଅଣାଯିବାପରେ ରେମୁଣାର ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ସଂଜୀବ ଗିରି, ନିଶିତ କୁମାର ବାରିକ, ପ୍ରଫୁଲ୍ଲ ରାଉଳ, ତୁଷାରିକାନ୍ତି ତାପସ୍ୱି, ଯୁବନେତା ଆଶିଷ ପଟ୍ଟନାୟକ, ତରୁଣ ଦାସ, ନିରଞ୍ଜନ ବେହେରା, କୃଷ୍ଣ ଗୋପାଳ ପଣ୍ଡା,ଅମିତ ଦାସ ମହାପାତ୍ର, ପୂର୍ଣଚନ୍ଦ୍ର ରାଜ,ନୀଳଗିରି କଂଗ୍ରେସର ଯୁବନେତା ତପନ ରାଉତ, ଯଶୋଦା ନନ୍ଦନ ସିଂହ, ଅନାଦି ରାଉତ,ଏନଏସି ସଭାପତି ଉପେନ୍ଦ୍ର ବେହେରାଙ୍କ ସମେତ ବହୁ କଂଗ୍ରେସ ନେତୃବୃନ୍ଦ, କର୍ମକର୍ତ୍ତା ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପରେ ପୈତୃକ ଜନ୍ମମାଟି ଜଡ଼ିଡା ଗ୍ରାମକୁ ନିଆଯାଇଥିଲା। ଶେଷରେ କାହାଳିଆ ଗ୍ରାମମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ଏକମାତ୍ର ପୁତ୍ର ଦିବ୍ୟଜ୍ୟୋତି ମୁଖାଗ୍ନି ଦେଇଥିଲେ।

# ରେମୁଣା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ବିହନ ବିତରଣ କାର୍ଯ୍ୟକ୍ରମ

ରେମୁଣା, ୨/୧ (ନି.ପ୍ର): ଶୁକ୍ରବାର ସକାଳ ୧୦ ଘଟିକା ସମୟରେ ରେମୁଣା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ବିହନ ବିତରଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମାନ୍ୟବର ସାଂସଦ ବାଲେଶ୍ୱର ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସ ଙ୍କ ଦ୍ୱାରା ଆୟୋଜିତ ଏହି ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରେମୁଣା ବିଧାୟକ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି, ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ଉମାକାନ୍ତ ପଣ୍ଡା, ମହେଶ୍ୱର ପ୍ରଧାନ, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ଆତ୍ମା କମିଟି ଅଧକ୍ଷ ମଳୟ କୁମାର ବିଶ୍ୱାଳ ଏବଂ ଜିଲ୍ଲା କୃଷି ଅଧିକାରୀ ସରୋଜ କୁମାର ଜେନା, ବ୍ଲକ କୃଷି ଅଧିକାରୀ ନିଳୀମା ପ୍ରିୟଦର୍ଶନୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ରେମୁଣା ବ୍ଲକ ଅନ୍ତର୍ଗତ ସମସ୍ତ ଚାଷୀ ଭାଇ ମାନଙ୍କୁ ଧାନ ସହିତ ମୁଗ, ବିରି ଆଦି ବିହନ ବଣ୍ଟନ କରାଯାଇଥିଲା।

# ୨୦୨୬ରେ ୩ଟି ସୁପରମୁନ୍ ଓ ମାଇକ୍ରୋମୁନ

ଭୁବନେଶ୍ୱର, ୨/୧ (ନି.ପ୍ର): ଆସନ୍ତା ଜାନୁଆରୀ ୩ ତାରିଖ ପୌଷ ପୂର୍ଣ୍ଣମୀର ଚନ୍ଦ୍ରଟି ମସିହାର ପ୍ରଥମ "ସୁପରମୁନ" ଭାବରେ ଦେଖାଯିବ । ସେହି ଦିନ ପୂର୍ଣ୍ଣମୀ ସମୟରେ ଚନ୍ଦ୍ର ପ୍ରାୟ ୩ ଲକ୍ଷ ୬୨ ହଜାର କିମି ନିକଟରେ ରହିବ ଓ ସାଧାରଣ ଦିନର ପୂର୍ଣ ଚନ୍ଦ୍ର ଠାରୁ ପ୍ରାୟ ୧୪% ବଡ ସହ ୩୦% ଉଜ୍ଜଳ ଦେଖାଯିବ । ବୈଜ୍ଞାନିକ ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି ୨୦୨୬ ମସିହାରେ ଦ୍ୱିତୀୟ ଦ୍ୱିତୀୟ "ସୁପରମୁନ" ନଭେମ୍ବର ୨୪ ଓ ଶେଷ "ସୁପରମୁନ" ଟି ଡିସେମ୍ବର ୨୩ ତାରିଖରେ ଦେଖାଯିବ। ସେହିଭଳି ୨୦୨୬ ମସିହାରେ ପୃଥିବୀ ଠାରୁ ଦୁରରେ ଥିବାବେଳେ ୩ଟି ପୂର୍ଣ୍ଣମୀ ପଡୁଥିବାରୁ ମେ ୧, ମେ ୩୧ ଏବଂ ଜୁନ୍ ୨୯ ତାରିଖରେ 'ମାଇକ୍ରୋମୁନ' ବା ଛୋଟ ଚନ୍ଦ୍ର ଦେଖାଯିବ। ଏଗୁଡିକ ଗୋଟିଏ ବିରଳ ତଥା ସୁନ୍ଦର ମହାଜାଗତିକ ଦୃଶ୍ୟ ଯାହାକୁ ଖାଲି ଆଖିରେ ଦେଖିହେବ। ଆକାଶ ମେଘ ତଥା ତ କୁହୁଡି ମୁକ୍ତ ରହିଲେ ଜାନୁଆରୀ ୩ ତାରିଖ ଦିନ ଏହାକୁ ସୂର୍ଯ୍ୟାସ୍ତ ପରଠାରୁ ସାରା ରାତି ଓଡିଶା ତଥା ଭାରତର ସବୁ ଅଞ୍ଚଳରୁ ଖାଲି ଆଖିରେ ଦେଖିହେବ ବୋଲି କୁହାଯାଉଛି।

# ରାଧାକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଖବରକାଗଜ ପଠନ କେନ୍ଦ୍ର ଉଦ୍‌ଘାଟିତ



ବୈଶିଙ୍ଗା , ୨/୧ (ନି.ପ୍ର): ସ୍ଥାନୀୟ ରାଧାକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ 'ଖବରକାଗଜ ପଠନ କେନ୍ଦ୍ର'ର ଉଦ୍‌ଘାଟନୀ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀମାନଙ୍କ ମଧରେ ସାଧାରଣ ଜ୍ଞାନ ବୃଦ୍ଧି ଓ ପଠନ ଅଭ୍ୟାସକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଛି ।ଏହି ଉପଲକ୍ଷେ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ରବୀନ୍ଦ୍ର କୁମାର ସାମନ୍ତରାୟ ଅଧକ୍ଷତା କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଶ୍ରୀ ବିମଳେନ୍ଦୁ ମହାପାତ୍ର ଯୋଗଦେଇ ଆନୁଷ୍ଠାନିକ ଭାବେ ପଠନ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଏଥିସହ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକା ତୃପ୍ତି ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ 'ଧ୍ୱନି ପ୍ରତିଧ୍ୱନି'ର ସାମ୍ବାଦିକ ମଧୁସୁଦନ ମହାନ୍ତି ଯୋଗଦେଇ ସଭାକୁ ସାଫଲ୍ୟମଣ୍ଡିତ କରିଥିଲେ। ନିଜର ବକ୍ତବ୍ୟରେ ଅତିଥିମାନେ ଦୈନନ୍ଦିନ ଜୀବନରେ ଖବରକାଗଜ ପଠନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀମାନେ କିପରି ଦେଶ ବିଦେଶର ଖବର ସହ ନିଜକୁ ଅପଡେଟ୍ ରଖିପାରିବେ, ସେ ସମ୍ପର୍କରେ ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ମତପୋଷଣ କରିଥିଲେ। ଅନ୍ୟମାନଙ୍କ ମଧରେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ହରେକୃଷ୍ଣ ଦାସ ମଧ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଦ୍ୟାଳୟରେ ନୂତନ ଭାବେ ନିଯୁକ୍ତି ପାଇଥିବା କ୍ରୀଡ଼ା ଶିକ୍ଷକ ଶ୍ରୀ ଦେବଦତ୍ତ ମହାପାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ପରିଚାଳନା କମିଟିର ସଭ୍ୟସଭ୍ୟାମାନେ ଉପସ୍ଥିତ ଥିଲେ। ପରିଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶ୍ରୀ ବିଦ୍ୟାରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପାରାଦୀପଗଡର ଏକ ମୋବାଇଲ ଦୋକାନରୁ ମୋବାଇଲ ଚୋରି ଘଟଣାରେ ଜଣେ ଗିରଫ

## ଚୋରି ଯାଇଥିବା ୧୮ ମୋବାଇଲ୍ ସହ ବ୍ଲୁଟୁଥ୍ ସ୍ପିକର ଉଦ୍ଧାର



ପାରାଦୀପ, ୨/୧ (ନି.ପ୍ର): ଲକଥାନା ଅଧିନ ପାରାଦୀପଗଡରେ ଥିବା ଏକ ମୋବାଇଲ୍ ଦୋକାନରୁ ୧୮ ଟି ମୋବାଇଲ୍ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପାରାଦୀପ ଲକ୍ ଥାନା ପୋଲିସ ଗତକାଲି ଜଣେ ଅଭିଯୁକ୍ତକୁ ଗିରଫ କରିବା ସହିତ ଅଭିଯୁକ୍ତ ନିକଟରୁ ବିପୁଳ ପରିମାଣର ମୋବାଇଲ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଥିବା ନେଇ ଆଜି ଗୁରୁବାର ଦିନ ପାରାଦୀପ ଏଏସପି ସ୍ମୃତିରଂଜନ କର ଗଣମାଧମକୁ ସୂଚନା ଦେଇଛନ୍ତି ।ପୋଲିସ ର ସୂଚନା ମୁତାବକ ପାରାଦୀପଗଡ ମାର୍କେଟ୍ ?ରେ ପାରାଦୀପଗଡ ଗ୍ରାମର ବିଜୟ କୁମାର ବେହେରାଙ୍କ ପୁଅ ବିକାଶ ବେହେରା(୪୨) ଏକ ମୋବାଇଲ୍ ରିପ୍ୟାରିଂ ଦୋକାନ କରିଛନ୍ତି । ଗତ ୩୦ ତାରିଖ ଦିନ ମଧାହ୍ନରେ ବିକାଶ ଘରକୁ ଖାଇବାକୁ ଯାଇଫେରିଲା ପରେ କବାଟ ଭାଙ୍ଗି କେହି ଦୋକାନରେ ଥିବା ମୋବାଇଲ୍, ବ୍ଲୁ ଟିଥ୍ ଆଦି ସାମଗ୍ରୀ କେହି ଚୋରି କରି ନେଇଥିବା ଦେଖିବାକୁ ପାଇଥିଲେ । ଏହା ଦେଖିବା ପରେ ବିକାଶ ପାରାଦୀପ ଲକ୍ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ପୋଲିସ୍ ୪୨୮/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ । ପୋଲିସ୍ ଏହାର ତ୍ୱରିତ୍ ପଦକ୍ଷେପ ନେଇ ତଦନ୍ତ କରିବା ପରେ ଅଭୟଚାନ୍ଦପୁର ଥାନା ଅଞ୍ଚଳ ବଗଦିଆ ଗ୍ରାମର ମନ୍ଦର ମଲ୍ଲିକଙ୍କ ପୁଅ ରଘୁ ମଲ୍ଲିକ(୪୬)ଙ୍କୁ ଗିରଫ କରିବା ସହିତ ଅଭିଯୁକ୍ତ ରଘୁ ନିକଟରୁ ୧୮ଗୋଟି ମୋବାଇଲ୍ ସମେତ ୨ଟି ବ୍ଲୁ ଟିଥ୍ ଉଦ୍ଧାର କରାଯାଇଥିବା ନେଇ ପାରାଦୀପ ଏଏସପି ସ୍ମୃତିରଂଜନ କର ସୂଚନା ଦେଇଛନ୍ତି । ଥାନା ଅଧିକାରୀ ରଶ୍ମିରଂଜନ ଦାସ ଚୋରୀ ସାମଗ୍ରୀର ମୁଲ୍ୟ ପ୍ରାୟ ଅଢେଇ ଲକ୍ଷ ଟଙ୍କା ହେବ ବୋଲି କହିଛନ୍ତି ।

# ଜୟେଶ୍ୱର ଡିଗ୍ରୀ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଶୀତକାଳୀନ ଶିବିର ଉଦଯାପିତ

ଖଇରା , ୨/୧ (ନି.ପ୍ର): ଖଇରା ବ୍ଲକ ଅନ୍ତର୍ଗତ ଗରସଙ୍ଗ ପଞ୍ଚାୟତରେ ଥିବା ଜୟେଶ୍ୱର ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ୭ ଦିନ ଧରି ଚାଲିଥିବା ଶୀତକାଳୀନ ସ୍ୱତନ୍ତ୍ର ଜାତୀୟ ସେବା ଶିବିର ଉଦଯାପିତ ହୋଇଯାଇଛି। ଜାତୀୟ ସେବା ଯୋଜନା ର ପ୍ରୋଗ୍ରାମ ଅଧିକାରୀ ମାନ ଭବାନୀ ଦାଶଙ୍କ ତତ୍ୱାବଧାନରେ ଆୟୋଜିତ ଉତ୍ସବରେ ପଦାର୍ଥ ବିଜ୍ଞାନର ଅଧାପକ ସମୀର କୁମାର ମହାରଣାଙ୍କ ସହିତ ଆସିଷ୍ଟାଣ୍ଡ ଲାଇବ୍ରେରୀଆନ ପ୍ରଦିପ କୁମାର ବାରିକ୍ ଯୋଗ ଦେଇଥିଲେ। ଛାତ୍ର,ଛାତ୍ରୀ ମାନେ ଓ ବଉଳାଣୀ ପାଟଣା ଗ୍ରାମରେ ବିଭିନ୍ନ ସେବା ମୂଳକ କାର୍ଯ୍ୟକ୍ରମ କରିବା ସହିତ ଲୋକମାନଙ୍କ ମଧରେ ବେଟି ପଢାଓ ବେଟି ବଞ୍ଚାଓ, ପିଏମ୍ ଉଜ୍ଜଳା ଏବଂ ପିଏମ୍ କିଶାନ ଯୋଜନା ବାବଦରେ ଭାରପ୍ରାପ୍ତ ଅଧକ୍ଷ ରତ୍ନାକର ହାତି ସଚେତନତା ସୃଷ୍ଟି କରିଥିଲେ।

# ଓଏସଏସସି ସମ୍ମୁଖରେ ଆଶାୟୀ ଶିକ୍ଷକଙ୍କ ବିକ୍ଷୋଭ

ଭୁବନେଶ୍ୱର, ୨/୧ (ନି.ପ୍ର): ଦୀର୍ଘ ୫ ଦିନ ଧରି ଓଏସଏସସି ଅଫିସ ସାମ୍ନାରେ ଆନ୍ଦୋଳନ କରୁଛନ୍ତି ଆଶାୟୀ ଶିକ୍ଷକ । ମାର୍ଚ୍ଚ ୨୦୨୫ ରେ ମୁଖ୍ୟ ପରୀକ୍ଷା ଦେଇ ସାରିଛନ୍ତି । ମାତ୍ର ଏପର୍ଯ୍ୟନ୍ତ ଡକ୍ୟୁମେଂଟ ଭେରିଫିକେସନ ହୋଇପାରୁନାହିଁ । ଏହା ସହ ମେରିଟ ଲିଷ୍ଟ ମଧ ପ୍ରକାଶ କରାଯାଉନାହିଁ. । ବର୍ଷ ବର୍ଷ ଧରି କିଛି ମନ୍ଦ ବୁଦ୍ଧି ରଖୁଥିବା ଆଶାୟୀ ହାଇକୋର୍ଟରେ ମିଛ କେଶ କରି ଏଭଳି କରୁଥିବା ଅଭିଯୋଗ କରିଛନ୍ତି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida